PRGI NO - ORORI/26/A1298




# ଆମର ପ୍ରୟାସ
AAMAR PRAYAS



ବିଲୁପ୍ତପ୍ରାୟ ପରମ୍ପରାର ମର୍ମସ୍ପର୍ଶୀ ଦଲିଲ

ବର୍ଷ-୦୧,ସଂଖ୍ୟା-୦୧, ବୁଧବାର, ୧୮ ମାର୍ଚ୍ଚ ୨୦୨୬, ଭୁବନେଶ୍ୱର ମୂଲ୍ୟ - ଟ. ୫.୦୦ (ପୃଷ୍ଠା-୦୮)    VOL- 01, Issue- 01 Wednesday,18 March 2026, Bhubaneswar, Rs. 5.00 (Page - 08)

## ସଂକ୍ଷିପ୍ତ ଖବର

### ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନାମରେ ନକଲି ୱେବସାଇଟ୍




ଭୁବନେଶ୍ୱର: ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନାମରେ କେହି ଜଣେ ନକଲି ୱେବସାଇଟ୍ ପରିଚାଳନା କରୁଥିବା ଦୃଷ୍ଟିଗୋଚର ହୋଇଛି। www.ceoodisha.com ନାମକ ଏକ ୱେବସାଇଟ ଜଣେ ଅଜଣା ବ୍ୟକ୍ତିଙ୍କ ଦ୍ୱାରା ସୃଷ୍ଟି କରାଯାଇଛି। ଉକ୍ତ ୱେବସାଇଟ୍‌ଟି ନକଲି ଅଟେ ଏବଂ ଏହା ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଆଧାକାରିକ ୱେବସାଇଟ https://ceoodisha.nic.inକୁ ବେଆଇନ ଭାବେ ଅନୁକରଣ କରୁଛି।

ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡିଛି ଯେ, ଏହି ନକଲି ୱେବସାଇଟ୍ ଆଧୁରିକ ପ୍ଲାଟଫର୍ମକୁ ନକଲ କରି ସାଧାରଣ ଲୋକଙ୍କ ମଧ୍ୟରେ ଭ୍ରାନ୍ତିକର ଓ ଭୁଲ ସୂଚନା ପ୍ରଚାର କରୁଛି। ଏହି ପରିପ୍ରେକ୍ଷୀରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସ୍ପଷ୍ଟ କରାଯାଉଛି ଯେ, ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ଏକମାତ୍ର ଆଧାକାରିକ ୱେବସାଇଟ ହେଉଛି: https://ceoodisha.nic.in

ସାଧାରଣ ଲୋକ, ଗଣମାଧ୍ୟମ ପ୍ରତିନିଧି ଓ ସମସ୍ତ ସମ୍ପୃକ୍ତ ପକ୍ଷମାନଙ୍କୁ ଅନୁରୋଧ କରାଯାଉଛି ଯେ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ପକ୍ଷରୁ ପରିଚାଳନା କରାଯାଉଛି ବୋଲି ଦାବି କରୁଥିବା ଅନ୍ୟ କୌଣସି ୱେବସାଇଟ ଉପରେ ବିଶ୍ୱାସ କରିବେ ନାହିଁ କିମ୍ବା ସେଭଳି ୱେବସାଇଟରେ କୌଣସି ଆଦାନପ୍ରଦାନ କରିବେ ନାହିଁ।

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (SIR), ୨୦୨୬ ପ୍ରକ୍ରିୟା ଶୀଘ୍ର ଆରମ୍ଭ ହେବାକୁ ଯାଉଛି ଏବଂ ଏହି ସମୟରେ ଯେକୌଣସି ଭ୍ରାନ୍ତିକର ସୂଚନା ଭୋଟରମାନଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିପାରେ ଏବଂ ସଂଶୋଧନ ପ୍ରକ୍ରିୟା ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ।

ସାଧାରଣ ଲୋକଙ୍କୁ ସଚେତନ ରହିବାକୁ ଓ ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ସୂଚନା କେବଳ ଆଧାକାରିକ ଭାବେ ପ୍ରକାଶିତ ଉତ୍ସରୁ ଯାଞ୍ଚ କରିବାକୁ ଅନୁରୋଧ କରାଯାଉଛି। କୌଣସି ସନ୍ଦେହଜନକ କିମ୍ବା ଭ୍ରାନ୍ତକର ବିଷୟବସ୍ତୁ ଦୃଷ୍ଟିଗୋଚର ହେଲେ, ସେ ସମ୍ବନ୍ଧରେ ତୁରନ୍ତ ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ଦୃଷ୍ଟି ଆକର୍ଷଣ କରିବାକୁ ଅନୁରୋଧ।

### ମଣ୍ଡି ସ୍ଥିତି ପରଖିଲେ ସାଂସଦ, ଧୀରେ ସୁସ୍ଥ ଉଠୁଛି ଧାନ

ନବରଙ୍ଗପୁର -: ନବରଂଗପୁର ସାଂସଦ ବଳଭଦ୍ର ମାଝୀ ଚାଷୀମାନଙ୍କ ସହ ଆଲୋଚନା କରିଛନ୍ତି। ଧାନ କ୍ରୟ ପ୍ରକ୍ରିୟା, ଟୋକନ୍ ? ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀମାନଙ୍କ ସହ ଆଲୋଚନା କରି ଚାଷୀମାନଙ୍କ ଧାନ ସମୟୋପଯୋଗୀ ଭାବେ ଓ ସୁବିଧାରେ ଉଠାଣ ହେବା ତଥା କୌଣସି ଚାଷୀଙ୍କ ଟୋକନ ଯେପରି ଲାପ୍ସ ନହୁଏ ସେଥିପ୍ରତି ଧ୍ୟାନ ଦେବାକୁ



ସାଂସଦ ନିର୍ଦ୍ଦେଶ ଦେଇଥିଲେ। ଦୀର୍ଘ ମାସାଧିକ କାଳ ମଣ୍ଡିରେ ପଡ଼ିଥିବା ଧାନ ତାଙ୍କ ଉପସ୍ଥିତିରେ ଟ୍ରକ୍ ଯୋଗେ ଧାନ ଉଠୁଥିବା ଦେଖିବାକୁ ମିଳିଥିଲା। ଆଜି ଦିନକରେ ଜିଲ୍ଲାର ବିଭିନ୍ନ ମଣ୍ଡିରୁ ୧୩,୮୬୮କ୍ୱିଣ୍ଟାଲ ଧାନ ଉଠିଛି। କ୍ରୟକାରୀ ସାଂସ୍ଥା ମାନେ ୪୩୯୭୨ଜଣ ଚାଷୀଙ୍କ ଠାରୁ ୨୪ ଲକ୍ଷ ୯୭ ହଜାର ୭୧୧କ୍ୱିଣ୍ଟାଲ କିଣିଛନ୍ତି। ଧାନ ମଣ୍ଡିରୁ ୨୪ଲକ୍ଷ ୧୭ହଜାର ୩୭୨କ୍ୱିଣ୍ଟାଲ ଏଯାଏଁ ଉଠିଛି। ମିଲର୍ସମାନେ ଧାନ ନେଇ ଚାଉଳ ଦେବା ପାଇଁ ୨୩ଲକ୍ଷ ୫୫ହଜାର ୨୯୭ କ୍ୱିଣ୍ଟାଲ ଗ୍ରହଣ କରିଛନ୍ତି। ଏହା ବାଦେ ନୂଆରେ ଧାନ ବିକ୍ରି ଓ ପୁରୁଣା ଧାନ ଆଦି ଜିଲ୍ଲାର ବିଭିନ୍ନ ମଣ୍ଡିରେ ୮୦ହଜାର ୩୩୯ କୁଇଣ୍ଟାଲ ପଡି ରହିଛି ବୋଲି କହିଛନ୍ତି ସିଏସଓ ଦେବାଶିଷ ମହାନ୍ତି। ୮୨ଟି ମିଲର୍ସରୁ ୮୧ଟି ଭାଗ ନେଇଥିବା ବେଳେ ଗୋଟିଏ ମିଲର୍ସ ଗତ ଖରିଫର ଚାଉଳ ଏଯାଏଁ ଦେଇ ପାରିନଥିବାରୁ ତାକୁ ସାମିଲ ନ କରି ତା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି କରାଯାଇଥିବା ସୂଚନା ମିଳିଛି।



ବିଜୟୀ ରାଜ୍ୟ ସଭା ପ୍ରାର୍ଥୀ ଶ୍ରୀ ମନମୋହନ ସାମଲ, ଶ୍ରୀ ଦିଲ୍ଲୀପ ରାୟ ଓ ଶ୍ରୀ ସୁଜିତ୍ କୁମାରଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଓ ଦୁଇ ଉପ-ମୁଖ୍ୟମନ୍ତ୍ରୀ ବିଧାନସଭା କକ୍ଷରେ ଅଭିନନ୍ଦନ ଜଣାଉଛନ୍ତି

## ନିଯୁକ୍ତି ପରବର୍ତ୍ତୀ ପ୍ରଶିକ୍ଷଣ ନେଇ ଫେରିଲେ ୬ ଜଣ ମହିଳା IAS ଅଧିକାରୀ



ଭୁବନେଶ୍ୱର: ଓଡ଼ିଶା ପ୍ରଶାସନିକ ସେବାରୁ ଭାରତୀୟ ପ୍ରଶାସନିକ ସେବାକୁ ପଦନ୍ନୋତି ପାଇଥିବା ୬ ଜଣ ମହିଳା ଆଇଏଏସ୍ ଅଧିକାରୀ (୨୦୧୪ ଓ ୨୦୧୫ ବ୍ୟାଚ୍) ଉତ୍ତରାଖଣ୍ଡର ମସୁରୀସ୍ଥିତ ଲାଲବାହାଦୂର ଶାସ୍ତ୍ରୀ ଜାତୀୟ ପ୍ରଶାସନିକ ଏକାଡେମୀ (ଏଲବିଏସ୍‌ଏନଏଏ), ଠାରେ ଅନୁଷ୍ଠିତ ୧୨୮ତମ ନିଯୁକ୍ତି ପରବର୍ତ୍ତୀ ପ୍ରଶିକ୍ଷଣ (ଇଣ୍ଡକ୍ସନ ଟ୍ରେନିଂ)ରେ ଯୋଗଦେଇ ଓଡ଼ିଶାକୁ ଫେରିବା ପରେ ଆଜି ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ସେମାନେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଅଧିକାରୀମାନେ ପ୍ରଶିକ୍ଷଣ ଅବସରରେ ବିଭିନ୍ନ ଦକ୍ଷତା କାର୍ଯ୍ୟକ୍ରମ ଓ 'ଭାରତ ଦର୍ପଣ' ପରିଭ୍ରମଣ ସଂପର୍କିତ ସେମାନଙ୍କର ଉପସ୍ଥାପନାରେ ଓଡ଼ିଶାକୁ ଶୀର୍ଷ ସ୍ଥାନରେ ପହଞ୍ଚାଇ ନିଜର ଓ ରାଜ୍ୟ ପାଇଁ ଗୌରବ ଅର୍ଜନ କରି ପ୍ରଶଂସା ସାଉଁଟିଥିବାରୁ ମୁଖ୍ୟ ଶାସନ ସଚିବ ସେମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି। ସଫଳତାର ସହ ପ୍ରଶିକ୍ଷଣ ନେଇଥିବା ଏହି ଅଧିକାରୀମାନେ ହେଲେ ଆରାଧନା ଦାସ, ଲିଲି କୁମାରୀ କୁଲୁ, ନିବେଦିତା ମିଶ୍ର, ଯୁଗଳେଶ୍ୱରୀ ଦାଶ, ରେଗା ଗୀତାରାଣୀ ପଟ୍ଟନାୟକ ଏବଂ ସ୍ୱୟଂପ୍ରଭା ମହାନ୍ତି ।

ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଆଦେଶ ଅନୁସାରେ ଏହି ଅଧିକାରୀମାନେ ଗତ ଫେବ୍ରୁୟାରି ୨୭ରୁ ମାର୍ଚ୍ଚ ୧୩ ତାରିଖ ପର୍ଯ୍ୟନ୍ତ ୧୫ ଦିନିଆ ନିଯୁକ୍ତି ପରବର୍ତ୍ତୀ ପ୍ରଶିକ୍ଷଣ ନେଇ ବିଭିନ୍ନ ଦକ୍ଷତା କାର୍ଯ୍ୟକ୍ରମ, ଭାରତ ଦର୍ପଣ କାର୍ଯ୍ୟକ୍ରମ, ବିଭିନ୍ନ କେସ ଷ୍ଟଡି ଉପସ୍ଥାପନା, ଦଳଗତ ଉପସ୍ଥାପନା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସହ ଅନ୍ୟ ପ୍ରଶିକ୍ଷାର୍ଥୀମାନଙ୍କ ସହିତ ପରସ୍ପରିକ ଜ୍ଞାନ, ଅନୁଭୂତି ଓ ଦକ୍ଷତା ଶିଖିବା (ପିଅର ଲର୍ଣ୍ଣି) କାର୍ଯ୍ୟକ୍ରମରେ ସଫଳତାର ସହ ଅଂଶ ଗ୍ରହଣ କରି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ, ଯିଏକି ପଦନ୍ନୋତି ପାଇଥିବା ଏହି ସମସ୍ତ ମହିଳା ଅଧିକାରୀମାନଙ୍କୁ ଏଲଏବିଏସଏନ୍ ?ଏରେ ପ୍ରଶିକ୍ଷଣ ପାଇଁ ପଠାଇଥିଲା, ଯାହା ମହିଳା ସଶକ୍ତିକରଣ ଏବଂ ମହିଳାମାନଙ୍କ ଅଂଶଗ୍ରହଣ ଯେତ୍ରରେ ରାଜ୍ୟ ସରକାରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି। ବିଭିନ୍ନ ପ୍ରଦେଶରୁ ଏହି ପ୍ରଶିକ୍ଷଣରେ ୮୩ ଜଣ ଉଭୟ ପୁରୁଷ ଓ ମହିଳା ଅଧିକାରୀମାନେ ନିଯୁକ୍ତି ପରବର୍ତ୍ତୀ ପ୍ରଶିକ୍ଷଣ ନେଇଥିବା ବେଳେ ଚଳିତ ଥର ଓଡ଼ିଶା ରାଜ୍ୟ ସରକାରଙ୍କ ପକ୍ଷରୁ କେବଳ ଏହି ସମସ୍ତ ମହିଳା ଅଧିକାରୀମାନଙ୍କୁ ପଦନ୍ନୋତି ପରବର୍ତ୍ତୀ ନିଯୁକ୍ତି ପ୍ରଶିକ୍ଷଣ ପାଇଁ ପଠାଯାଇଥିଲା। ପ୍ରଶିକ୍ଷଣ ପରିପ୍ରେକ୍ଷୀରେ ଏହି ଅଧିକାରୀମାନେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମହୋଦୟାଙ୍କୁ ନୂଆଦିଲ୍ଲୀରେ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ପ୍ରଶିକ୍ଷଣ ନେଇଥିବା ଆଇଏଏସ୍ ଅଧିକାରୀଙ୍କ ମଧ୍ୟରେ ସ୍ୱୟଂପ୍ରଭା ମହାନ୍ତି ରାଜ୍ୟରେ ମହିଳା ସଶକ୍ତି କରଣ, ଓଡ଼ିଶାର ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ 'ସୁଭଦ୍ରା' କାର୍ଯ୍ୟକାରିତା, ସ୍ୱାସ୍ଥ୍ୟସେବା, ମାତୃ ଓ ଶିଶୁମାନଙ୍କ ପୋଷଣ କାର୍ଯ୍ୟକ୍ରମ ଆଦିକୁ କେସ୍ ଷ୍ଟଡିଜ୍ ଭାବେ ସଫଳ ଉପସ୍ଥାପନାରେ ନିଜର ନୈପୁଣ୍ୟ ଓ ଦକ୍ଷତା ପ୍ରତିପାଦନ କରି ଶ୍ରେଷ୍ଠ ପ୍ରଦର୍ଶନକାରୀ ଭାବେ ସର୍ବଭାରତୀୟ ସ୍ତରରେ ପୁରସ୍କୃତ ହୋଇଛନ୍ତି। ସେହିପରି ଆଇଏଏସ୍ ଅଧିକାରୀ ଆରାଧନା ଦାସ ମଧ୍ୟ ଭାରତର ଐତିହ୍ୟ, ସଂସ୍କୃତି, ପରମ୍ପରା , ବିକାଶ ଓ ସମାଜିକ ଚିତ୍ର ଆଦି ସଂପର୍କିତ 'ଭାରତ ଦର୍ପଣ' ଷ୍ଟଡି ଟୁର ସଂପର୍କିତ ଦଳଗତ ଉପସ୍ଥାପନାରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଭାବେ ପୁରସ୍କୃତ ହୋଇଛନ୍ତି। ସମସ୍ତ ଅଧିକାରୀମାନେ ପ୍ରଶିକ୍ଷଣ ଅବସରରେ ସେଠାରେ ଆୟୋଜିତ ସାସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇ ଓଡ଼ିଶାର କଳା ଓ ସଂସ୍କୃତିର ଉଚ୍ଚକୋଟୀର ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ।

### ବନ୍ଦେ ଭାରତ ଟ୍ରେନ୍ ଉପରକୁ ପଥରମାଡ

ବନ୍ଧମୁଣ୍ଡା: ରବିବାର ଅପରାହ୍ଣରେ ରାଉରକେଲା ରେଳଖଣ୍ଡରେ ଟ୍ରେନ ସଂଖ୍ୟା ୨୦୮୩୬ ବନ୍ଦେ ଭାରତଏକ୍ସପ୍ରେସ୍ ଉପରକୁ କୌଣସି ଦୁର୍ବୃତ୍ତ ଦ୍ୱାରା ପଥରମାଡ଼ ହୋଇଥିବା ଘଟଣା ସାମ୍ନାକୁ ଆସିଛି। ମିଳିଥିବା ସୂଚନା ଅନୁଯାୟୀ, କୌଣସି ଦୁର୍ବୃତ୍ତ ଟ୍ରେନ୍‌ର ସି-୧୩ କୋଚ ଉପରକୁ ପଥରମାଡ଼ କରିଥିଲା। ଯେଉଥିରେ ବର୍ଥସଂଖ୍ୟା ୪୦, ୪୧ ନିକଟରେ ଥିବା ଝରକାର କାଚରେ ପଥରମାଡ଼ ହୋଇଥିଲା। ସେହି ସମୟରେ ଝରକା ପାଖରେ ବସିଥିବା ଯାତ୍ରୀମାନେ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ଏହି ଘଟଣା ପରେ ଟ୍ରେନ୍ ଭିତରେ ଥିବା ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କର ପରିବେଶ ସୃଷ୍ଟି ହୋଇଥିଲା।

ଅଜଣା ବ୍ୟକ୍ତିମାନଙ୍କ ବିରୋଧରେ ମାମଲା ରୁଜୁ ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଟ୍ରେନଟି ରାଉରକେଲାଷ୍ଟେସନ୍‌ରେ ପହଞ୍ଚିବା ପରେ ଆରପିଏଫ୍ ଯବାନମାନେ ଉକ୍ତକୋଚରେ ପହଞ୍ଚି ଯାତ୍ରୀଙ୍କୁ ପଚରାଉଚରା କରିଥିଲେ। ଏହା ସହିତ ରାଉରକେଲା ଆରପିଏଫ୍ ଏହି ବାବଦରେ ଅଜଣା ବ୍ୟକ୍ତିମାନଙ୍କ ବିରୋଧରେ ଏକ ମାମଲା ମଧ୍ୟ ରୁଜୁ କରିଛି। ଉଲ୍ଲେଖଯୋଗ୍ୟ ଯେ, ପ୍ରାୟ ତିନି ମାସ ପୂର୍ବରୁ ମଧ୍ୟ ଏହି ରେଳଖଣ୍ଡରେ କିଛି ଯାତ୍ରୀବାହୀ ଟ୍ରେନ୍ ଉପରେ କ୍ରମାଗତ ଭାବେ ପଥରମାଡ଼ ଘଟଣା ଘଟିଥିଲା।

## କଂଗ୍ରେସରୁ ବିଧାୟକ ରମେଶ ଜେନା, ଦାଶରଥୀ ଗମାଙ୍ଗ ଓ ସୋଫିଆ ଫିର୍ଦୌସ ନିଲମ୍ବିତ



ଭୁବନେଶ୍ୱର: କଂଗ୍ରେସରୁ ୩ ବିଧାୟକ ନିଲମ୍ବିତ। ନିଲମ୍ବିତ ୩ ବିଧାୟକ ହେଲେ ସାନଖେମୁଣ୍ଡିର ରମେଶ ଜେନା, ମୋହନାର ଦାଶରଥୀ ଗମାଙ୍ଗ ଓ କଟକ-ବାରବାଟୀର ସେଫିଆ ଫିର୍ଦୋସ। ଦଳୀୟ ଶୃଙ୍ଖଳା ଭଙ୍ଗ ଅଭିଯୋଗରେ ସେମାନଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏନେଇ ଆଜି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ମିଡିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ। ସେ ଆହୁରି କହିଛନ୍ତି, ସାନଖେମୁଣ୍ଡିର ରମେଶ ଜେନା, ମୋହନାର ଦାଶରଥୀ ଗମାଙ୍ଗ ଓ କଟକ-ବାରବାଟୀର ସୋଫିଆ ଫିର୍ଦୋସଙ୍କ ସଭ୍ୟ ପଦ ରଦ୍ଦ କରାଯିବା ନେଇ ବି ପଦକ୍ଷେପ ନିଆଯିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ସୂଚନା ଦେଇଛନ୍ତି। ଖାଲି ସେତିକି ନୁହେଁ, ଉପରୋକ୍ତ ୩ ବିଧାୟକଙ୍କୁ ଦଳରୁ ବହିଷ୍କାର ଲାଗି ବି ଏଆଇସିସିକୁ ଅନୁରୋଧ କରାଯିବ।

## ଶ୍ରୀମୟୀଙ୍କ ପ୍ରଶ୍ନ, ବିଜୁ ଜନତା ଦଳର କର୍ମୀ-ନେତାମାନଙ୍କୁ କ'ଣ ଶେଷରେ ଏଭଳି ଧୋକା ମିଳିବାର ଥିଲା କି ?

ଭୁବନେଶ୍ୱର:ପୁଣି ଶ୍ରୀମୟୀମିଶ୍ରଙ୍କ ବିସ୍ଫୋରଣ। ସେ ନିଜର ସୋସିଆଲ୍ ମିଡିଆ ପୋଷ୍ଟରେ ଲେଖିଛନ୍ତି, ଦୀର୍ଘ ୨୮ବର୍ଷ ଧରି ଦିନରାତି ପରିଶ୍ରମ କରିଥିବା ବିଜୁ ଜନତା ଦଳର କର୍ମୀ-ନେତାମାନଙ୍କୁ କ'ଣ ଶେଷରେ ଏଭଳି ଧୋକା ମିଳିବାର ଥିଲା କି ?



ନବୀନବାବୁ ନିଜେ କହିଥିଲେ ଯେ ତାଙ୍କର ଉତ୍ତରାଧିକାରୀ ଓଡ଼ିଶାବାସୀ ଚୟନ କରିବେ, କିନ୍ତୁ ଭଣ୍ଡ ସନ୍ୟାସୀ ହାତରେ ସାମ୍ରାଜ୍ୟ ଟେକି ଦେବା ପଛରେ କ'ଣ ଷଡ଼ଯନ୍ତ୍ର ରହିଛି ?

ଆପଣ ନିଜେ 'ସେଟଲର' ବା ପ୍ରତିଷ୍ଠାତା ସାଜି ବିଜୁବାବୁଙ୍କ ସନ୍ତକ ଥିବା ନୂଆଦିଲ୍ଲୀସ୍ଥିତ ବାସଭବନ ସେହି ଟ୍ରଷ୍ଟକୁ ଟେକିଦେଲେ, ଯାହାର ଆଜୀବନ ଅଧ୍ୟକ୍ଷ ଓ ସର୍ବମୟକର୍ତ୍ତା ହେଉଛନ୍ତି ଭଣ୍ଡ ସନ୍ୟାସୀ । ଆପଣ କ'ଣ ପରୋକ୍ଷରେ ଓଡ଼ିଶାର ସମ୍ପତ୍ତି ଓ ଆପଣଙ୍କ ଉତ୍ତରାଧିକାରୀ ଭାବେ ଭଣ୍ଡ ସନ୍ୟାସୀକୁ ବାଛି ସାରିଛନ୍ତି କି ? ଯଦି ନୁହେଁ ବିଗତ ୩ଦିନ ଧରି ତା'ର ସ୍ପଷ୍ଟୀକରଣ କାହିଁକି ଦେଉନାହାନ୍ତି ?

ଏହି ଟ୍ରଷ୍ଟ 'ଅପରିବର୍ତ୍ତନୀୟ' ବା ଓକ୍ସକ୍ସରଙ୍ଗକ୍ଟମବଭକ୍ଷର ଓ ଏହାର ସମସ୍ତ ନିଷ୍ପତ୍ତି ଭଣ୍ଡ ସନ୍ୟାସୀ ନେବେ, ତେବେ ଭବିଷ୍ୟତରେ ବିଜେଡିର ନାମ ଓ ବିଜୁ ବାବୁଙ୍କ ଆଦର୍ଶ ଉପରେ କ'ଣ ଭଣ୍ଡ ସନ୍ୟାସୀଙ୍କର ଏକଚାଟିଆ ବ୍ୟକ୍ତିଗତ ମାଲିକାନା ରହିବ କି ?

୩ ଗଖଇଝ ଝଙ୍କସ୍ୱକ୍ତରଭୟରୟ ଲକ୍ସକ୍ଟଞ୍ଜ ଉକ୍ଟଭଶକ୍ସରସ୍ପସ୍ପ: କଂଗ୍ରେସରୁ ବିଧାୟକ ରମେଶ ଜେନା, ଦାଶରଥୀ ଗମାଙ୍ଗ ଓ ସୋଫିଆ ଫିର୍ଦୋସ ନିଲମ୍ବିତ

ରାଜ୍ୟବାସୀ ଆପଣଙ୍କୁ ଏତେ ଭଲ ପାଆନ୍ତି । କର୍ମୀ-ନେତା ଆପଣଙ୍କ ଗୋଟିଏ ଇସାରାରେ ଜୀବନକୁ ବାଜି ମଧ୍ୟ ଲଗାଇ ଦେଉଛନ୍ତି । ଅଟଥ ସମସ୍ତଙ୍କୁ ଅନ୍ଧାରରେ ରଖି ନୂଆଦିଲ୍ଲୀରେ ଗୁପ୍ତ ଭାବେ 'ବିଜୁ ନବୀନ ଇନ୍ସପିରେସନାଲ ଫାଉଣ୍ଡେସନ' ପଞ୍ଜିକୃତ କରିବାର ଆବଶ୍ୟକତା କଣ ଥିଲା ? ଓଡ଼ିଶାରେ କ'ଣ ପଞ୍ଜିକରଣ ପାଇଁ ସରକାରୀ ଅଫିସ୍ ନାହିଁ ନ ଏହାର ବି ଅଭାବ ଆପଣଙ୍କୁ ପଡ଼ିଲା ?

ଆପଣଙ୍କର ବି କ୍ଷମତାକୁ ଭଣ୍ଡ ସନ୍ୟାସୀ ସବୁଦିନ ପାଇଁ ହଡ଼ପ କରିନେଇଛନ୍ତି

ଦଲିଲ ଏଭଳି ପ୍ରସ୍ତୁତ କରାଯାଇଛି ଯେଉଁଠି ଆପଣଙ୍କର ବି କ୍ଷମତାକୁ ଭଣ୍ଡ ସନ୍ୟାସୀ ସବୁଦିନ ପାଇଁ ହଡ଼ପ କରିନେଇଛନ୍ତି । ଆପଣଙ୍କ ଦିଲ୍ଲୀସ୍ଥିତ ବାସଭବନର କର୍ମଚାରୀମାନେ ଦଲିଲରେ ସାକ୍ଷୀ ଭାବେ ରହିଛନ୍ତି । ଓଡ଼ିଶାରେ ବିଜୁ-ନବୀନ ଲିଗାସୀକୁ ଆଗକୁ ନେବା ପାଇଁ କ'ଣ ଜଣେ ବି ଯୋଗ୍ୟ ବ୍ୟକ୍ତି ଆପଣଙ୍କୁ ମିଳିଲେ ନାହିଁ ? ଦୁଇଦିନ ପୂର୍ବରୁ ନବୀନ ନିବାସରେ ଯେତେବେଳେ ବିଧାୟକମାନେ ଆପଣଙ୍କୁ ଏହି ଫାଉଣ୍ଡେସନ ନେଇ ପ୍ରଶ୍ନ କଲେ, ଆପଣ କିଛି ନଜାଣିବା ଭଳି ଇଙ୍କସ୍ପ ଉକ୍ଟଭୟଙ୍କମସ୍ପକ୍ଟକ୍ସଙ୍କୁ ଡାକି ପଚାରିଲେ ? ସେ ବି ଆପଣଙ୍କ ଭଳି ଡ୍ରାମା କଲେ । ଯେଉଁ ବିଧାୟକମାନେ ଆପଣଙ୍କୁ ଏତେ ଭରସା କରୁଛନ୍ତି ସେମାନଙ୍କ ସହ ବି ପ୍ରତାରଣା କରିବାକୁ ବିବେକ ବାଧା ଦେଲାନି ?

## ଶିଳ୍ପ ମନ୍ତ୍ରୀଙ୍କୁ ଭେଟିଲେ ଅଷ୍ଟ୍ରେଲିଆର କନସୁଲ ଜେନେରାଲ

ଭୁବନେଶ୍ୱର: ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସହ ସୌଜନ୍ୟମୂଳକ ସାକ୍ଷାତକାର କରିଛନ୍ତି କୋଲକାତାସ୍ଥିତ ଅଷ୍ଟ୍ରେଲିଆର କନସୁଲ ଜେନେରାଲ ବର୍ଣ୍ଣାଡ ଲିଞ୍ଚ । ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ ଆବାସିକ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଶିଳ୍ପଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ବିଭିନ୍ନ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି।

ପାରାଦୀପ ବନ୍ଦର କାର୍ଗୋ ପରିବହନ କ୍ଷେତ୍ରରେ ଦେଶର ଶୀର୍ଷ ସ୍ଥାନ ଅଧିକାର କରି ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହୋଇଛି, ଏନେଇ ଅଷ୍ଟ୍ରେଲିଆର କନସୁଲ ଜେନେରାଲ ପ୍ରଶଂସା କରିଛନ୍ତି। ଆଗକୁ ଓଡ଼ିଶା ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ଦିଗରେ ସହଭାଗିତା ନେଇ ବୈଠକରେ ଆଲୋଚନା ହୋଇଛି। ଶିଳ୍ପ କ୍ଷେତ୍ରରେ ଅଧିକ ନିବେଶ ଏବଂ ଯୁବପିଢ଼ିଙ୍କ ପାଇଁ ଅତ୍ୟାଧୁନିକ ବୈଷୟିକ ଶିକ୍ଷାର ସୁଯୋଗ ସୃଷ୍ଟି କରିବା ନେଇ ଉଭୟ ପକ୍ଷ ମଧ୍ୟରେ ଚର୍ଚ୍ଚା ହୋଇଥିଲା।

ବିଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଶା ସରକାର ଅନେକ ଜନକଲ୍ୟାଣକାରୀ ପଦକ୍ଷେପ ନେଇଛନ୍ତି। ବିଶେଷ କରି ଶିଳ୍ପ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ଏବଂ ସଫଳତାକୁ ଅଷ୍ଟ୍ରେଲିଆର କନସୁଲ ଜେନେରାଲ ପ୍ରଶଂସା କରିଛନ୍ତି। ଆଗାମୀ ଦିନରେ ଏହି କ୍ଷେତ୍ରରେ ଓଡିଶା ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ସହଯୋଗ ଆହୁରି ସୁଦୃଢ ହେବ ବୋଲି ସେ ଆଶା ପ୍ରକାଶ



କରିଛନ୍ତି। ରାଜ୍ୟର ଅର୍ଥନୀତିକୁ ସୁଦୃଢ଼ କରିବା ସହ ଦକ୍ଷ ମାନବ ସମ୍ବଳ ପ୍ରସ୍ତୁତ କରିବା ଦିଗରେ ଏହି ସହଭାଗିତା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ।

# ରାଜ୍ୟସଭାକୁ ଗଲେ ବିଜେପିର ୨, ବିଜେଡିର ଜଣେ, ଦିଲୀପ ମଧ୍ୟ ବିଜୟୀ



ଭୁବନେଶ୍ୱର: ବହୁ ପ୍ରତୀକ୍ଷିତ ରାଜ୍ୟସଭା ନିର୍ବାଚନ ପାଇଁ ଓଡ଼ିଶା ବିଧାନସଭାରେ ଆଜି ହୋଇଥିବା ମତଦାନର ଫଳାଫଳ ଆସିଛି। ଏହି ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ମନମୋହନ ସାମଲ, ସୁଜିତ କୁମାର ବିଜୟୀ ହୋଇଛନ୍ତି। ସେହିପରି ବିଜେପି ସମର୍ଥନରେ ନିର୍ବାଚନରେ ଅବତୀର୍ଣ୍ଣ ଦିଲୀପ ରାୟ ମଧ୍ୟ ରାଜ୍ୟସଭା ଟିକେଟ୍ ? ପାଇଛନ୍ତି। ବିଜେଡିର ପ୍ରାର୍ଥୀ ସଂତୃପ୍ତ ମିଶ୍ର ବିଜୟୀ ହୋଇଥିଲା ବେଳେ ଦଳ ସମର୍ଥନ କରିଥିବା ଦଡ଼େଶ୍ୱର ହୋତାଙ୍କୁ ପରାଜିତ ହୋଇଛନ୍ତି।

**ରାଜ୍ୟସଭା ନିର୍ବାଚନ ଫଳାଫଳ**

ମନମୋହନ ସାମଲ (ବିଜେପି): ୩୫୦୦ (ବିଜୟ)
ସୁଜିତ କୁମାର (ବିଜେପି): ୩୫୦୦ (ବିଜୟ)
ସଂତୃପ୍ତ ମିଶ୍ର (ବିଜେଡି): ୩୧୦୦ (ବିଜୟ)
ଦିଲୀପ ରାୟ (ବିଜେପି ସମର୍ଥିତ): ୩୪୧୮ (ବିଜୟ)
ଦଡ଼େଶ୍ୱର ହୋତା (ବିଜେଡି ଓ କଂଗ୍ରେସ): ୨୩୦୦ (ପରାଜୟ)

ରାଜ୍ୟସଭାକୁ ପୁଣି ଥରେ ସୁଜିତ କୁମାର ଓ ଦିଲୀପ ରାୟ ଯାଇଥିବା ବେଳେ ମନମୋହନ ସାମଲ ଏବଂ ସଂତୃପ୍ତ ମିଶ୍ର ପ୍ରଥମ ଥର ନିର୍ବାଚିତ ହୋଇଛନ୍ତି। ଅନ୍ୟପଟରେ ଦଡ଼େଶ୍ୱର ହୋତାଙ୍କୁ ଶକ୍ତ ଝଟକା ଲାଗିଛି। କ୍ରସ ଭୋଟିଂ ଯୋଗୁଁ ଦଡ଼େଶ୍ୱରଙ୍କ ପାଇଁ ଫଳାଫଳ ସକରାତ୍ମକ ଆସି ନାହିଁ ବୋଲି ବିଜେଡି ଏବଂ କଂଗ୍ରେସ କହିଛନ୍ତି। ନିର୍ବାଚନ ଫଳାଫଳ ପରେ ବିଜେଡି ନେତା ପ୍ରତାପଦେବ ଗଣମାଧ୍ୟମକୁ କହିଛନ୍ତି, ଆମ ଦଳର ୮ଜଣ ବିଧାୟକ କ୍ରସ ଭୋଟିଂ କରିଛନ୍ତି। ସେମାନେ ହେଲେ...

ଅରବିନ୍ଦ ମହାପାତ୍ର
ସନାତନ ମହାକୁଡ଼
ସବାସିନୀ ଜେନା
ନବ ମଲ୍ଲିକ
ସୌଭିକ ବିଶ୍ୱାଳ
ରମାକାନ୍ତ ଭୋଇ
ଚକ୍ରମଣି କହଁର
ଦେବୀ ରଂଜନ ତ୍ରିପାଠୀ

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ଦଳର ୩ଜଣ ବିଧାୟକ କ୍ରସ ଭୋଟିଂ କରିଥିଲେ। ସେମାନେ ହେଲେ...

ସୋଫିଆ ଫିର୍ଦୋସ
ରମେଶ ଜେନା
ଦାଶରଥୀ ଗମାଙ୍ଗ

ସୂଚନାଯୋଗ୍ୟ ରାଜ୍ୟସଭା ନିର୍ବାଚନ ପାଇଁ ଆଜି ସକାଳ ୯ଟାରୁ ବିଧାନସଭାରେ ମତଦାନ ଆରମ୍ଭ ହୋଇ ଅରାହଣ୍ ୪ଟାରେ ଶେଷ ହୋଇଥିଲା। ସନ୍ଧ୍ୟା ୫ଟାରେ ମତଗଣନା କରାଯାଇଥିଲା। ଭୋଟ୍ ଗଣତି ପରେ ଫଳାଫଳ ପ୍ରକାଶ ପାଇଛି।

## ତିନି ମାସ ପୂର୍ବରୁ ଯୋଜନା ଥିଲା: ବିଜୟ ମହାପାତ୍ର

ଭୁବନେଶ୍ୱର : ରାଜ୍ୟସଭା ନିର୍ବାଚନ ପରିପ୍ରେକ୍ଷୀରେ ଆଜି ଓଡ଼ିଶାର ୪ଟି ଆସନ ପାଇଁ ମତଦାନ ହୋଇଛି। ଏହି ନିର୍ବାଚନରେ ମୁଖ୍ୟ ବିରୋଧୀ ଦଳ 'ବିଜୁ ଜନତା ଦଳ' ଏବଂ ଅନ୍ୟ ବିରୋଧୀ ଦଳ କଂଗ୍ରେସ ଘୋଡ଼ା ବେପାର ହୋଇଛି ବୋଲି ଅଭିଯୋଗ ଆଣିଛନ୍ତି। କିନ୍ତୁ ବିଜେଡି ଏବଂ କଂଗ୍ରେସର ଏହି ଅଭିଯୋଗକୁ ବରିଷ୍ଠ ନେତା ବିଜୟ ମହାପାତ୍ର ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, ରାଜ୍ୟସଭା ନିର୍ବାଚନରେ ଆଦୌ ଘୋଡ଼ା ବେପାର ହୋଇ ନାହିଁ; ବରଂ ତିନି ମାସ ପୂର୍ବରୁ ଏହା ଯୋଜନା ଥିଲା। ବିଜୟ ମହାପାତ୍ର କହିଛନ୍ତି ଯେ, ରାଜ୍ୟସଭା ନିର୍ବାଚନରେ ମତଦାନ ନେଇ ଲୋକେ କ'ଣ କହିବେ ଅଲଗା କଥା। କିନ୍ତୁ ଘୋଡ଼ା ବେପାର ହୋଇନାହିଁ। ତିନି ମାସ ହେଲା ଯୋଜନା କରାଯାଇଥିଲା। ବିଜେଡି ପ୍ରତି ଲୋକେ ଅସନ୍ତୋଷକୁ ପ୍ରକାଶ କରିଛନ୍ତି।



ନବୀନ ବାବୁଙ୍କ ପ୍ରତି ଅସନ୍ତୋଷ ବଢୁଛି। ସେ କିନ୍ତୁ ଏହା ଜାଣି ପାରୁ ନାହାନ୍ତି।

# ଓଡ଼ିଶାର ସ୍ୱାର୍ଥ ପାଇଁ କାମ କରିବେ ନବନିର୍ବାଚିତ ସାଂସଦ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବନିର୍ବାଚିତ ରାଜ୍ୟସଭା ପ୍ରାର୍ଥୀ ମନମୋହନ ସାମଲ ଏବଂ ସୁଜିତ କୁମାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଗଣମାଧ୍ୟମର ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ପାଇଁ ଆଜି ଏକ ଐତିହାସିକ ଦିନ। ଏହି ନିର୍ବାଚନରେ ବିଜେପି ପ୍ରାର୍ଥୀ ଏବଂ ବିଜେପି ସମର୍ଥନରେ ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରଚଣ୍ଡ ବିଜୟ ହୋଇଛି। ମୋଦୀଙ୍କ ସୁଦୃଢ଼ ନେତୃତ୍ୱ ଏବଂ ମାର୍ଗଦର୍ଶନର ଫଳାଫଳ ମିଳିଛି। ସମୃଦ୍ଧ ଓଡ଼ିଶା ଏବଂ ବିକଶିତ ଭାରତ କାର୍ଯ୍ୟକ୍ରମକୁ ରାଜ୍ୟସଭା ନିର୍ବାଚନ ଆଗେଇ ନେବ। ନିର୍ବାଚିତ ସାଂସଦ ମନମୋହନ ସାମଲ, ସୁଜିତ କୁମାର ଓ ଦିଲୀପ ରାୟ ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ କାମ କରିବେ ବୋଲି ମୋର ଆଶା ଏବଂ ବିଶ୍ୱାସ। ଆଗାମୀ ଦିନରେ ଯେଉଁ ସଂକଳ୍ପ ନେଇ ନବନିର୍ବାଚିତ ସାଂସଦମାନେ ଦିଲ୍ଲୀ ଯିବେ, ସେମାନେ ସଂସଦରେ ଓଡ଼ିଶାର ସ୍ୱରକୁ ଶାଣିତ କରିବେ, ଯାହା ଓଡ଼ିଶାର ସମୃଦ୍ଧିରେ ସହାୟକ ହେବ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଜି କିଛି ସମୟ ପୂର୍ବରୁ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ଦେଉଥିଲେ ଯେ, କେତେକ ବିଧାୟକ ଅପରାଧୀ। ଗଣମାଧ୍ୟମ ଆଗରେ ସେ ଦେଇଥିବା ମନ୍ତବ୍ୟ ଗଣତନ୍ତ୍ରକୁ ଆଘାତ ଦେଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଯେଉଁ ବିଧାୟକମାନଙ୍କ ସହିତ କାମ କରିଥିଲେ, ତାଙ୍କୁ ଅପମାନ କରିବା କେତେଦୂର ଯଥାର୍ଥ ସେମାନଙ୍କୁ ଅପରାଧୀ କହିବା ଅର୍ଥାତ ହଜାର ହଜାର ଭୋଟଙ୍କୁ ଅପମାନିତ କରିବା ସହିତ ସମାନ। କିନ୍ତୁ ନବୀନ ବାବୁ ଭୁଲିଯାଉଛନ୍ତି, ଯେଉଁମାନଙ୍କୁ ସେ ଅପରାଧୀ କହୁଛନ୍ତି, ସେମାନଙ୍କର ପ୍ରଚାରରେ ସେ ବିଜୟୀ ହୋଇଥିଲେ। ସେତେବେଳେ ସେମାନଙ୍କର ପରିବାର ସ୍ୱଚ୍ଛ ଦେଖା ଯାଉଥିଲା। ନବୀନବାବୁ ଏପରି ଅପରିପକ୍ୱତା ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ।



ବିଜେପି ସରକାର ଯେଉଁ ଭଳି ଭାବେ ଓଡ଼ିଶାର ବିକାଶ ପାଇଁ କାମ କରୁଛି, ତାହାର ଫଳାଫଳ ଆଜି ମିଳିଛି। ଏହି ଫଳାଫଳ ଓଡ଼ିଶାକୁ ସମୃଦ୍ଧ କରିବ ଏବଂ ୨୦୪୭ରେ ବିକଶିତ ଭାରତର ସ୍ୱପ୍ନ ପୂରା ହେବ। ସୂଚନାଯୋଗ୍ୟ, ରାଜ୍ୟସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ମନମୋହନ ସାମଲ, ସୁଜିତ କୁମାର ବିଜୟୀ ହୋଇଛନ୍ତି। ସେହିପରି ବିଜେପି ସମର୍ଥନରେ ନିର୍ବାଚନରେ ଅବତୀର୍ଣ୍ଣ ଦିଲୀପ ରାୟ ମଧ୍ୟ ରାଜ୍ୟସଭାକୁ ଯାଇଛନ୍ତି। ବିଜେଡିର ପ୍ରାର୍ଥୀ ସଂତୃପ୍ତ ମିଶ୍ର ବିଜୟୀ ହୋଇଥିଲା ବେଳେ ବିଜେଡି ଏବଂ କଂଗ୍ରେସର ମିଳିତ ସମର୍ଥିତ ପ୍ରାର୍ଥୀ ଦଡ଼େଶ୍ୱର ହୋତା ପରାଜିତ ହୋଇଛନ୍ତି। ରାଜ୍ୟସଭା ନିର୍ବାଚନରେ ବିଜେପି ପ୍ରାର୍ଥୀ ମନମୋହନ ସାମଲଙ୍କୁ ୩୫୦୦ ଖଣ୍ଡ, ସୁଜିତ କୁମାରଙ୍କୁ ୩୫୦୦ ଖଣ୍ଡ, ବିଜେଡିର ପ୍ରାର୍ଥୀ ସଂତୃପ୍ତ ମିଶ୍ରଙ୍କୁ ୩୧୦୦ ଏବଂ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟଙ୍କୁ ୩୪୧୮ ଭୋଟ୍ ମିଳିଛି। ଦଡ଼େଶ୍ୱର ହୋତା ୨୩୦୦ ଭୋଟ୍ ପାଇ ପରାଜିତ ହୋଇଛନ୍ତି।

## ଉପାସନାଙ୍କ ଦ୍ୱିତୀୟଥର ଭୋଟଦାନକୁ ନେଇ ବିରୋଧ

ଭୁବନେଶ୍ୱର : ବିଜେପି ବିଧାୟିକା ଉପାସନା ମହାପାତ୍ର ରାଜ୍ୟସଭା ନିର୍ବାଚନରେ ନିଜର ମତାଧିକାର ସାବ୍ୟସ୍ତ କରିବାକୁ ବିଧାନସଭାର ୫୪ ନଂ ବୁଥରେ ପହଞ୍ଚିଥିଲେ। ନିଜ ପ୍ରାର୍ଥୀଙ୍କୁ ଭୋଟ୍ ଦେବାକୁ ପ୍ରିଜାଇଡିଂ ଅଫିସରଙ୍କ ଠାରୁ ପ୍ରଥମ ବାଲଟ୍ ପେପର ଆଣିଥିଲେ। ମାତ୍ର ସେଥିରେ ଲେଖିବା ବେଳେ ଓଭର ରାଇଟିଂ କରିଦେଇଥିଲେ। ଭୋଟ୍ ନାକଚ୍ ହେବା ଭୟରେ ଆଉ ଏକ ବାଲଟ୍ ପେପର ଦାବି କରିଥିଲେ। ଯାହାକୁ ବିରୋଧ କରିଥିଲେ ଉଭୟ ବିଜେଡି ଏବଂ କଂଗ୍ରେସର ଏଜେଣ୍ଟ। ତାଙ୍କୁ କାହିଁକି ଦ୍ୱିତୀୟ ସୁଯୋଗ ଦିଆଗଲା ବୋଲି ପ୍ରଶ୍ନ କରିଥିଲେ ବିରୋଧୀ ଦଳ ମୁଖ୍ୟସଚେତକ ତଥା ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକା ।



# ଛେଳି, ମେଣ୍ଢା ଭଳି ନିଜକୁ ବିକ୍ରି କରିଦେଲେ: ଭକ୍ତ

ଭୁବନେଶ୍ୱର: ମଉକା ଦେଉଥିଲି...ରାଜ୍ୟସଭା ନିର୍ବାଚନ ଭିତରେ ସବୁ ସୁଧୁରିଯିବେ ବୋଲି ଭାବୁଥିଲି। କିନ୍ତୁ ଏମିତି କରିବେ ଭାବି ନ ଥିଲି। ଗଣତନ୍ତ୍ରକୁ ବଞ୍ଚାଇବା ବିଜେଡି-କଂଗ୍ରେସର ଏକ ସାଧୁ ଉଦ୍ୟମ ହୋଇଥିଲା। ଏହି ଉଦ୍ୟମକୁ ବିଫଳ ପାଇଁ ବିଜେପି ସମସ୍ତ ଚେଷ୍ଟା କରିଥିଲା। ଜମିଦାର ହୋଇ କଂଗ୍ରେସ ଦଳରେ ଥିବା ଲୋକ ଛେଳି, ମେଣ୍ଢା ଭଳି ବିକ୍ରି ହୋଇଗଲେ ବୋଲି କ୍ରସ ଭୋଟିଂ କରିଥିବା ୩ ବିଧାୟକଙ୍କ ଉପରେ ଅସନ୍ତୋଷ ଝାଡ଼ିଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ।

ବିଧାୟକ ରମେଶ ଜେନା, ଦାଶରଥି ଗମାଙ୍ଗ ଓ ସୋଫିଆ ଫିରଦୋସ ହ୍ୱିପ୍‌କୁ ନ ମାନି ଖୋଲାଖୋଲି କ୍ରସ ଭୋଟିଂ କରିଛନ୍ତି। ରାଜ୍ୟସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ବିଧାୟକ ଦାଶରଥି ଗମାଙ୍ଗ ଗାଏବ ହୋଇଯାଇଥିଲେ। ସୋଫିଆ ନେତୃତ୍ୱଙ୍କ ଉପରେ ଅସନ୍ତୋଷ ଝାଡ଼ିଥିଲେ। ତେଣୁ ଏହି ବିଧାୟକମାନେ ଯେ କ୍ରସ୍ ଭୋଟିଂ କରିପାରନ୍ତି ବୋଲି ଯେଉଁ ଆଶଙ୍କା ରହିଥିଲା ତାହା ସତ ପ୍ରମାଣିତ ହୋଇଛି। ଶ୍ରୀ ଦାସ କହିଛନ୍ତି, ଅବିଭକ୍ତ ଗଞ୍ଜାମ, କଟକ-ବାରିବାଟୀ ଅଞ୍ଚଳରେ କଂଗ୍ରେସର ଯେଉଁ ଜମିଦାରୀ ଥିଲା ଆଜି ତାହା ମୁକ୍ତ ହୋଇଛି। ଏମାନଙ୍କ ବିଧାୟକ ପଦ ରଦ୍ଦ ପାଇଁ ବାଚସ୍ପତିଙ୍କୁ ଅନୁରୋଧ କରାଯିବ। ଆବଶ୍ୟକ ପଡ଼ିଲେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବ କଂଗ୍ରେସ। ଜନସାଧାରଣଙ୍କ ପାଖକୁ ଯିବ ଓ ସଭା ଜରିଆରେ କେତେ କେତେ ଟଙ୍କାରେ ବିକ୍ରି ହୋଇଛନ୍ତି ତାହା ଜଣାଇବ। ଦଳରୁ ସେମାନଙ୍କୁ ବହିଷ୍କାର କରାଯିବ। ବିଧାନସଭାରୁ ସେମାନେ କିଭଳି ବିତାଡ଼ିତ ହେବେ ସେଥିପାଇଁ ପଦକ୍ଷେପ ନିଆଯିବ। ଏଆଇସିସିକୁ ଏ ସମ୍ପର୍କରେ ଜଣାଇ ଦିଆଯାଇଛି।



ଅପରପକ୍ଷରେ ରାଜ୍ୟସଭା ନିର୍ବାଚନରେ ଚତୁର୍ଥ ଆସନ ପାଇଁ 'କମନ୍ ପ୍ରାର୍ଥୀ' ଦେଇଥିବା ବିଜେଡି ଓ କଂଗ୍ରେସକୁ ନେଇ ରାଜ୍ୟରେ ଏକ ନୂଆ ସମୀକରଣ ଆରମ୍ଭ ହେବାକୁ ଯାଉଛି। ଆସନ୍ତାକାଲି ବିଜେଡି ସଭାପତି ନବୀନ ପଟ୍ଟନାୟକ ଓ ପିସିସି ସଭାପତି ଭକ୍ତଚରଣ ଦାସ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ନିର୍ବାଚନ ଫଳାଫଳ ସହିତ ପରବର୍ତ୍ତୀ ପଦକ୍ଷେପ ସଂପର୍କରେ ଘୋଷଣା କରିପାରନ୍ତି। ଦେଶରେ ବିଜେପି ବିରୋଧରେ 'ଇଣ୍ଡି' ମେଣ୍ଟ ଥିବା ବେଳେ ବିଜେଡି ଏହି ମେଣ୍ଟଠାରୁ ଦୂରେଇ ରହିଥିଲା। ବର୍ତ୍ତମାନର ପରିସ୍ଥିତିରେ ଓଡ଼ିଶାରେ ଦୁଇ ଦଳ ଏକାଠି ଲଢ଼ିବା ନେଇ ସମ୍ଭାବନା ସୃଷ୍ଟି ହୋଇଛି।

# ପୁଣି ଝୁଣ୍ଟିଲେ ନବୀନ

ଭୁବନେଶ୍ୱର: ଦିନ ଥିଲା ନବୀନଙ୍କ ଚକ୍‌ମାକୁ ରାଜ୍ୟବାସୀ ଅପେକ୍ଷା କରୁଥିଲେ। ଯାହା ନିଷ୍ପତ୍ତି ନେଉଥିଲେ, ତାହାକୁ 'ମାଷ୍ଟର୍ ଷ୍ଟ୍ରୋକ୍' କୁହାଯାଉଥିଲା। ଦଳର ନେତାଙ୍କୁ ତାଙ୍କର ଖାତିର ନଥିଲା। ଯାହା କହୁଥିଲେ, ତାହାକୁ ସମସ୍ତେ ନିଶ୍ଚୟ ମାନୁଥିଲେ। ବରିଷ୍ଠ ବାଟ ହୁଡ଼ିଲେ, କନିଷ୍ଠଙ୍କୁ ସେମାନଙ୍କ ପଛରେ ଲଗାଇ ଦେଉଥିଲେ। ଏବେ ସମୟ ବଦଳିଯାଇଛି। ହାତରୁ କ୍ଷମତା ତ ଖସିଯାଇଛି; ନେତୃତ୍ୱର ଚମକ ବି ଆଉ ନାହିଁ। କିଛି ଷ୍ଟ୍ରୋକ୍ କାମ ଦେଉନି। ନୂଆପଡ଼ା ଉପନିର୍ବାଚନରେ ସାଧାରଣ ଭୋଟର ତାଙ୍କ ନିଷ୍ପତ୍ତିକୁ ଗ୍ରହଣ କଲେ ନାହିଁ। ଏବେ ଦଳର ବିଧାୟକମାନେ ତାଙ୍କୁ ଚ୍ୟାଲେଞ୍ଜ ଦେଲେ। ନବୀନ ଯାହା କହିବେ, ତାହା ବେଦର ଗାର- ଏହି ପରିସ୍ଥିତି ଆଉ ଦଳରେ ନାହିଁ। ଆଜି ତାହା ସ୍ପଷ୍ଟ ହୋଇଯାଇଛି। ଏକଦା ଅପରାଜେୟ ଥିବା ନବୀନ ୨୦୨୪ରୁ ବାରମ୍ବାର ପରାଜୟର ସ୍ୱାଦ ଚାଖୁଛନ୍ତି। ୨୦୨୪ରେ ସେ ନିଜେ ୧୫ ହଜାରରୁ ଅଧିକ ଭୋଟରେ କଣ୍ଟାବାଞ୍ଜିରେ ପରାସ୍ତ ହେଲେ। ତାଙ୍କ ନେତୃତ୍ୱରେ ବିଜେଡି ପରାଜୟ ବରଣ କଲା। ୨୦୨୫ରେ ନୂଆପଡ଼ା ଉପନିର୍ବାଚନରେ ନବୀନ ପ୍ରଚାର ମଙ୍ଗ ଧରିଥିବା ସତ୍ତ୍ୱେ ଦଳ ହାରିଲା। ଏବେ ରାଜ୍ୟସଭାରେ ନବୀନଙ୍କ ସମସ୍ତ କସରତ ବିଫଳ ହେଲା। ରାଜ୍ୟସଭା ନିର୍ବାଚନ ପାଇଁ ନିଜେ ନବୀନ ସବୁ ଦଳୀୟ ପ୍ରସ୍ତୁତିର ତଦାରଖ କରୁଥିଲେ। ୨୦୨୪ ନିର୍ବାଚନ ପରଠାରୁ ବିଧାୟକମାନଙ୍କୁ କୋଣଠେସା କରାଯାଉଥିଲା ବେଳେ ରାଜ୍ୟସଭା ପାଇଁ ସେମାନଙ୍କୁ କୋଳେଇ ନେଇଥିଲେ। ଗତ କିଛି ଦିନ ହେଲା ସେମାନଙ୍କୁ ବେଶ୍ ଗୁରୁତ୍ୱ ମିଳୁଥିଲା। କିନ୍ତୁ ପ୍ରାର୍ଥୀ ଚୟନକୁ ନେଇ ଦଳ ଭିତରେ ଅସନ୍ତୋଷ ପ୍ରବଳ ଥିଲା। ଦଳୀୟ ପ୍ରାର୍ଥୀ ଭାବେ ସଂତୃପ୍ତ ମିଶ୍ରଙ୍କ ଚୟନ ଓ କଂଗ୍ରେସ ସହ ମେଣ୍ଟ କରି ପ୍ରାର୍ଥୀ ଘୋଷଣା ଉଭୟରେ କେହି ଖୁସି ନଥିଲେ। ଦଳର ଅଭିଜ୍ଞ ନେତାଙ୍କୁ ପଛକୁ ଠେଲି ସଂତୃପ୍ତଙ୍କୁ କାହିଁକି ଚୟନ କରାଗଲା ବୋଲି ଦଳ ଭିତରେ ଅସନ୍ତୋଷ ଦାନା ବାନ୍ଧିଥିଲା।



# ନବୀନଙ୍କ ମନ୍ତବ୍ୟ ଗଣତନ୍ତ୍ରର ମର୍ଯ୍ୟାଦା ପ୍ରତି ଆକ୍ଷେପ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ରାଜ୍ୟସଭା ନିର୍ବାଚନରେ ବିଜେଡି ଓ କଂଗ୍ରେସର ମିଳିତ ପ୍ରାର୍ଥୀ ଡାକ୍ତର ଦଡ଼େଶ୍ୱର ହୋତା ହାରିବା ପରେ ବିରୋଧୀ ଦଳ ନବୀନ ପଟ୍ଟନାୟକ ବିଜେପିକୁ କଡ଼ା ସମାଲୋଚନା କରିଥିଲେ। ଏହା ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରତିକ୍ରିୟା ରଖି କହିଛନ୍ତି ଯେ ନବୀନ ବାବୁ ତାଙ୍କ ମନ୍ତବ୍ୟରେ ଅନ୍ତରାତ୍ମାର ଡାକରା ଶୁଣି ଭୋଟ୍ ଦେଇଥିବା ବିଧାୟକମାନଙ୍କୁ 'ଅପରାଧିକ ପୃଷ୍ଠଭୂମି'ର ବୋଲି ଆଖ୍ୟା ଦେଇଛନ୍ତି। ତାହା କେବଳ ଦୁର୍ଭାଗ୍ୟଜନକ ନୁହେଁ, ବରଂ ଗଣତନ୍ତ୍ରର ମର୍ଯ୍ୟାଦା ପ୍ରତି ଏକ ଆକ୍ଷେପ। ଜଣେ ଦୀର୍ଘକାଳୀନ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କଠାରୁ ଏଭଳି ଅପରିପକ୍ୱ ଓ ଅପମାନଜନକ ଶବ୍ଦ କେବେ ମଧ୍ୟ ଆଶା କରାଯାଏ ନାହିଁ। ଯେଉଁ ବିଧାୟକମାନେ ନିଜ ନିର୍ବାଚନମଣ୍ଡଳୀରେ ଜନସାଧାରଣଙ୍କ ସ୍ୱାର୍ଥ ଓ ରାଜ୍ୟର ବିକାଶକୁ ପ୍ରାଥମିକତା ଦେଇ ନିଜର ମତ ସାବ୍ୟସ୍ତ କରିଛନ୍ତି, ସେମାନଙ୍କୁ ଅପରାଧୀ କହିବା ଅର୍ଥ ହେଉଛି, ସେମାନଙ୍କୁ ନିର୍ବାଚିତ କରିଥିବା ହଜାର ହଜାର ଭୋଟରଙ୍କୁ ଅପମାନିତ କରିବା।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ କୌଣସି ବ୍ୟକ୍ତିବିଶେଷଙ୍କ ପାଖରେ ବନ୍ଧା ନୁହନ୍ତି, ସେମାନେ କେବଳ ସମ୍ବିଧାନ ଏବଂ ନିଜ ଲୋକଙ୍କ ପାଖରେ ଉତ୍ତରଦାୟୀ। ଯେତେବେଳେ ଏକ ଆଞ୍ଚଳିକ ଦଳ ମଧ୍ୟରେ ଆନ୍ତରିକ ଗଣତନ୍ତ୍ରର ଅଭାବ ପରିଲକ୍ଷିତ ହୁଏ ଏବଂ ନେତୃତ୍ୱ କେବଳ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀର ହାତବାରିସି ହୋଇଯାଏ, ସେତେବେଳେ ସ୍ୱାଭିମାନୀ ଜନପ୍ରତିନିଧିମାନେ ସ୍ୱର ଉତ୍ତୋଳନ କରିବା ସ୍ୱାଭାବିକ। ନବୀନ ବାବୁ ବୋଧହୁଏ ଭୁଲିଯାଉଛନ୍ତି ଯେ, ଯେଉଁମାନଙ୍କୁ ସେ ଆଜି ଅପରାଧୀ କହୁଛନ୍ତି, ସେମାନେ କିଛି ଦିନ ପୂର୍ବରୁ ତାଙ୍କ ଦଳର ସମ୍ପତ୍ତି ଥିଲେ ଏବଂ ସେମାନଙ୍କ ପାଇଁ ସେ ନିଜେ ପ୍ରଚାର ମଧ୍ୟ କରିଥିଲେ। ସେତେବେଳେ ସେମାନଙ୍କ ପରିବାର ପୃଷ୍ଠଭୂମି ତାଙ୍କୁ ସ୍ୱଚ୍ଛ ଦେଖାଯାଉଥିଲା କି ? ଆଜି ହାରି ଯାଇଥିବା ପରିପ୍ରେକ୍ଷୀରେ ଏଭଳି ଅପରିପକ୍ୱ ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ। ବିଜେପି ନୂଆ ସରକାର ଗଠନ କରିବା ପରେ ଲୋକଙ୍କ ସରକାର ଭାବେ ଓଡ଼ିଶାର ସମୃଦ୍ଧି ଓ ବିକାଶକୁ ଆଗକୁ ନେବା ପାଇଁ ସଂକଳ୍ପବଦ୍ଧ ହୋଇ କାମ କରୁଛି। ଲୋକମାନେ ନିଃସ୍ୱାର୍ଥ ସମର୍ଥନ ଦେଉଛନ୍ତି। ତା'ର ପ୍ରତିଫଳନ ଆଜି ରାଜ୍ୟସଭା ନିର୍ବାଚନରେ ଦେଖିବାକୁ ମିଳିଲା। ଆଜିର ଏହି ଫଳାଫଳ ହିଁ, ଆଗାମୀ ଦିନରେ ଓଡ଼ିଶାକୁ ସମୃଦ୍ଧ କରିବ ବୋଲି ଶ୍ରୀ ମାଝୀ କହିଛନ୍ତି।




# ନୂଆ ମୋଡ଼ ନେଲା କଟକ ରାଜନୀତି: ବାପାମାନଙ୍କ ପ୍ରତି ଅବିଚାରର ଜବାବ ଦେଲେ ପୁଅ-ଝିଅ

କଟକ: ନିଜନିଜର ବାପାମାନଙ୍କ ପ୍ରତି ହୋଇଥିବା ଅବିଚାର ଓ ଅସମ୍ମାନର କଡ଼ା ଜବାବ ଦେଇଛନ୍ତି କଟକର ୩ ଯୁବ ବିଧାୟକ/ବିଧାୟିକା। ରାଜ୍ୟସଭା ନିର୍ବାଚନରେ ବାଲଟ୍ ଜରିଆରେ ସେମାନେ ଦେଇଥିବା ଜବାବ ରାଜ୍ୟ ରାଜନୀତିର ଗଣିତକୁ ଓଲଟପାଲଟ କରିଦେଇଛି। ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ସେମାନଙ୍କ ଦଳର ନିଷ୍ପତ୍ତି ବିରୋଧରେ ଯାଇ ଭୋଟ ଦେବେ ବୋଲି ପୂର୍ବରୁ ପରୋକ୍ଷ ଆଭାସ ଦେଇଥିଲେ। ତେବେ ପୂର୍ବରୁ କୌଣସି ଆଭାସ ନଦେଇ ଆଜି ବାଙ୍କୀର ବିଧାୟକ ଦେବୀରଂଜନ ତ୍ରିପାଠୀ ସମସ୍ତଙ୍କୁ ଚକ୍‌ମା ଦେଇଛନ୍ତି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତିକୁ ଖୋଲା ସମାଲୋଚନା କରି ଦେବୀରଂଜନ ଦଳର ନିଷ୍ପତ୍ତି ବିରୋଧରେ ଭୋଟ ଦେଇଛନ୍ତି। ଦେବୀ ପୂର୍ବରୁ ଅତ୍ୟନ୍ତ ସହଜ ଆଉ ସ୍ୱାଭାବିକ ଭାବେ ଦଳର ଅନ୍ୟ ବିଧାୟକମାନଙ୍କ ସହିତ ନବୀନ ନିବାସକୁ ଯାଇ ସବୁ ବୈଠକରେ ଯୋଗ ଦେଉଥିଲେ। ଆଜି ସକାଳେ ବି ସେ ନବୀନ ନିବାସକୁ ଯାଇ ଅନ୍ୟ ବିଧାୟକଙ୍କ ସହିତ ଭୋଟ ଦେବାକୁ ଆସିଥିଲେ। କିନ୍ତୁ ଭୋଟ ଦେବା ପରେ ଦେବୀ ପ୍ରତିକ୍ରିୟା ରଖି କଂଗ୍ରେସ ସହିତ ହାତ ମିଳାଇ ରାଜ୍ୟସଭାରେ ପ୍ରାର୍ଥୀ ଦେବାକୁ ନେଇ ନବୀନଙ୍କ ନିଷ୍ପତ୍ତିକୁ ସମାଲୋଚନା କରିବା ସହିତ ସେ ବିଜୁ ବାବୁଙ୍କ ପ୍ରିୟ ଦିଲୀପ ରାୟଙ୍କୁ ଭୋଟ ଦେଇଛନ୍ତି ବୋଲି ଗଣମାଧ୍ୟମରେ କହିଥିଲେ।

ଦେବୀ କହିଛନ୍ତି ଯେ ସେ ଓ ତାଙ୍କ ବାପା ପୂର୍ବତନ ବିଧାୟକ ପ୍ରଭାତରଂଜନ ତ୍ରିପାଠୀ ନିର୍ବାଚନମଣ୍ଡଳୀରେ କଂଗ୍ରେସ ବିରୋଧରେ ଲଢ଼ି ଆସିଛନ୍ତି। କିନ୍ତୁ ହଠାତ୍ କଂଗ୍ରେସ ସହିତ ହାତ ମିଳାଇ ରାଜ୍ୟସଭାରେ ପ୍ରାର୍ଥୀ ତ ଦିଆଗଲା, ସେ ସଂପର୍କରେ ସେମାନଙ୍କ ସହିତ କୌଣସି ଆଲୋଚନା କରାଗଲା ନାହିଁ। ତାଙ୍କ ବାପାଙ୍କ ପ୍ରତି ପୂର୍ବରୁ ଦଳ ଅବିଚାର ଓ ଅସମ୍ମାନ କରି ଆସିଛି। ଗଣତନ୍ତ୍ରରେ ଭୋଟ ହେଉଛି ସବୁଠୁ ବଡ଼ ଅସ୍ତ୍ର। ତେଣୁ ନିଜର ଅସନ୍ତୋଷ ଓ ଅଞ୍ଚଳବାସୀଙ୍କ ମତକୁ ଭୋଟ ଜରିଆରେ ସାବ୍ୟସ୍ତ କରିଛି ବୋଲି ଦେବୀ କହିଛନ୍ତି। ଅନ୍ୟପଟେ ଦେବୀଙ୍କ ନିଷ୍ପତ୍ତିକୁ ତାଙ୍କ ବାପା ପୂର୍ବତନ ବିଧାୟକ ପ୍ରଭାତ ରଂଜନ ତ୍ରିପାଠୀ ସମର୍ଥନ କରିବା ସହିତ ନବୀନ ପଟ୍ଟନାୟକଙ୍କ ଏକଚାଟିଆ ନିଷ୍ପତ୍ତି ବିରୋଧରେ ଉଠିଥିବା ଏହି ସ୍ୱର ଆଗାମୀ ଦିନରେ ରାଜ୍ୟ ରାଜନୀତିରେ ବଡ଼ ପରିବର୍ତ୍ତନ ଆଣିବାକୁ ଯାଉଛି ବୋଲି କହିଛନ୍ତି। ଦିଲୀପ ରାୟ ବିଜୁ ବାବୁଙ୍କର ଅତ୍ୟନ୍ତ ପ୍ରିୟ ଥିଲେ। ଦିଲୀପ ରାୟଙ୍କ ସହ ତାଙ୍କର ବି ଘନିଷ୍ଠତା ରହିଛି। ଦିଲୀପଙ୍କ ସପକ୍ଷରେ ଦେବୀଙ୍କ ମତଦାନକୁ ନେଇ ବିଜେଡି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ସମ୍ଭାବନା ସଂପର୍କରେ ଉତ୍ତର ଦେଇ ପ୍ରଭାତ କହିଛନ୍ତି ଯେ ବିଜେଡି ଆଉ କାହା କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇପାରିବ ପରିବର୍ତ୍ତିତ ସ୍ଥିତିରେ ଦେବୀ ବିଜେପି ଯିବା ସମ୍ଭାବନାକୁ ପ୍ରଭାତ ଅସ୍ୱୀକାର କରିନାହାନ୍ତି। ପ୍ରଭାତ କହିଛନ୍ତି ଯେ ଅଣକଂଗ୍ରେସ ଓ ଅଣବିଜେଡି ଶକ୍ତିଙ୍କୁ ନେଇ ଏକ ନୂଆ ରାଜନୈତିକ ଦଳ ମୁଣ୍ଡ ଟେକିବାର ସମ୍ଭାବନାକୁ ବି ଅସ୍ୱୀକାର କରି ହେବ ନାହିଁ।



ଅନ୍ୟପଟେ ପୂର୍ବରୁ ନିଜର ଅସନ୍ତୋଷ ପ୍ରକାଶ କରି ସାରିଥିବା ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଭୋଟ ଦେବା ପରେ ଗଣମାଧ୍ୟମ ସାମନାକୁ ଆସି ଦିଲୀପ ରାୟଙ୍କୁ ଭୋଟ ଦେଇଛନ୍ତି ବୋଲି ଖୋଲାଖୋଲି କହିବା ସହିତ ତାଙ୍କ ପାଇଁ ତାଙ୍କ ବାପା ପ୍ରଭାତ ବିଶ୍ୱାଳ ହିଁ ସବୁକିଛି ବୋଲି କହିଛନ୍ତି। ବିଜେଡି ପାଇଁ ଦିନକୁ ୧୮ ଘଣ୍ଟା କାମ କରି ଆସୁଥିବା ତାଙ୍କ ବାପାଙ୍କ ପ୍ରତି ଦଳ ସବୁବେଳେ ଅବିଚାର ଓ ଅନ୍ୟାୟ କରି ଆସିଛି। ନବୀନ ନିବାସରେ ସେ ରାଜ୍ୟସଭା ପ୍ରାର୍ଥିତ୍ୱକୁ ନେଇ ପ୍ରଶ୍ନ କଲେ ବୋଲି ତାଙ୍କୁ ଦଳରୁ ତୁରନ୍ତ ବହିଷ୍କାର କରି ଦିଆଗଲା। ତେଣୁ ଭୋଟ ମାଧ୍ୟମରେ ସେ ଏହାର ଜବାବ ଦେଇଛନ୍ତି। କୌଣସି ବି ପୁଅ ତାଙ୍କ ବାପା-ମା'ଙ୍କ ପ୍ରତି ହେଉଥିବା ଅନ୍ୟାୟକୁ ବରଦାସ୍ତ କରନ୍ତୁ ନାହିଁ ବୋଲି ସୌଭିକ ଆହ୍ୱାନ ଦେଇଛନ୍ତି।

# ସୁଗନ୍ଧ ନୁହେଁ, ସ୍ମୃତିର ସିଞ୍ଚନ 'ଅତର'



ଭୁବନେଶ୍ୱର: ଗୋଲାପ, ଚମ୍ପା, ମଲ୍ଲୀ ହେଉକି ଚନ୍ଦନ; ସୁଗନ୍ଧ କାହାକୁ ବା ଅପସନ୍ଦ! 'ସଙ୍ଗୀତ' ଭଳି 'ସୁଗନ୍ଧ' ମଧ ଆବେଗ ଓ ସ୍ମୃତି ସୃଷ୍ଟି କରିପାରେ। 'ସୁଗନ୍ଧ' ଜରିଆରେ ଆମେ ଜଣେ ବ୍ୟକ୍ତି, ସ୍ଥାନ ବା ସ୍ମୃତିକୁ ନିଜ ମାନସପଟ୍ଟରେ କଏଦ କରିପାରୁ। ଏଣୁ ଦିନକୁ ଦିନ ସୁଗନ୍ଧ ଶିଳ୍ପ ଏହାର କାୟା ବିସ୍ତାର କରିବାରେ ଲାଗିଛି। ଏବେ ବିଭିନ୍ନ କମ୍ପାନି ପକ୍ଷରୁ ସୌନ୍ଦର୍ଯ୍ୟ ବଜାରକୁ ଛଡ଼ା ଯାଉଥିବା ପର୍ଫ୍ୟୁମ, ଡିଓଡ୍ରାଣ୍ଟ ଆଦି ଅପେକ୍ଷା ବଜାରରେ ଏବେ ପାରମ୍ପରିକ ଅତରର ଚାହିଦା ବଢ଼ିବାରେ ଲାଗିଛି। ଯାହାକି ତ୍ୱଚା ପାଇଁ ସ୍ୱାସ୍ଥ୍ୟକର ହୋଇଥିବା ବେଳେ ଏହାର ସୁଗନ୍ଧ ଦୀର୍ଘ ସମୟ ରହିଥାଏ। ଏବେ ରମ୍‌ଜାନ୍ ମାସ ଚାଲିଥିବା ବେଳେ ଅତରର ଚାହିଦା ବୃଦ୍ଧି ପାଉଛି। ଏହାକୁ ନେଇ ଆମର ଉପସ୍ଥାପନା...

ଗୋଲାପ, ଚମ୍ପା, ମଲ୍ଲୀ, ଚନ୍ଦନ ହେଉ ବା କେଶର, ପଞ୍ଝୋଲି ଅବା ଝୁଣା; ଅତର ପ୍ରସ୍ତୁତିର ମୂଳ ସାମଗ୍ରୀ ସମାନ। କିନ୍ତୁ ସୁଗନ୍ଧର ଉପଯୁକ୍ତ ସମ୍ମିଶ୍ରଣ ହେଉଛି ଏକ କଳା। ଯାହାକି ମଣିଷର ମନ ମୋହିବା ସହ ସୁଗନ୍ଧ ନୁହେଁ, ମନରେ ସ୍ମୃତି ଓ ଖୁସିର ସିଞ୍ଚନ କରିଥାଏ ବୋଲି କହିଛନ୍ତି ୨୧ ବର୍ଷ ଧରି ଭୁବନେଶ୍ୱରରେ ଅତର ବ୍ୟବସାୟ କରୁଥିବା ଅକିଲ୍ ମହମ୍ମଦ। ସେ ୨୦୦୫ ମସିହାରୁ ଭୁବନେଶ୍ୱର ୟୁନିଟ୍-୪ସ୍ଥିତ କ୍ୟାପିଟାଲ୍ ମସ୍‌ଜିଦ୍ ପଛପାଖରେ ନିଜର ଷ୍ଟୋର ଖୋଲି ଅତର ସହ ବିଭିନ୍ନ ବ୍ରାଣ୍ଡର ପର୍ଫ୍ୟୁମ୍ ବିକ୍ରି କରୁଛନ୍ତି। ୨୦୨୧ ମସିହାରୁ 'ଏଲିଜା ପର୍ଫ୍ୟୁମ୍' ଷ୍ଟୋର ଖୋଲି ନାମୀଦାମୀ ଅତର ବିକ୍ରି କ୍ରୁଛନ୍ତି। ଅକିଲ୍ ମହମ୍ମଦ କହିଛନ୍ତି, ତାଙ୍କ ବାପା ୭୦ ଦଶକରୁ ଅତର ବ୍ୟବସାୟରେ ଅଛନ୍ତି। 'ଅତର' ପ୍ରସ୍ତୁତି କଳା ସମ୍ପର୍କରେ ଅଧିକ ପ୍ରଶିକ୍ଷଣ ପାଇଁ ସେ ବମ୍ବେ ଓ ହାଇଦ୍ରାବାଦ ଯାଇଥିଲେ। ସେଠାରୁ ଆସି ସେ ଅତର ଷ୍ଟୋର ଖୋଲିଛନ୍ତି। ଅକିଲ୍ ମହମ୍ମଦ କୁହନ୍ତି, 'ଅତର' ହେଉଛି ଏକ ପ୍ରାକୃତିକ ସୁଗନ୍ଧିତ ତେଲ ଯାହାକୁ ପାରମ୍ପରିକ ଭାବେ ବିଭିନ୍ନ ସୁଗନ୍ଧିତ ଫୁଲ, ଚେରମୂଳ, ମସଲାଜାତୀୟ ଶସ୍ୟ ଓ କାଠରୁ 'ବାଷ୍ପ ବିଶୋଧନ' କିମ୍ବା 'ହାଇଡ୍ରୋ ଡିଷ୍ଟିଲେସନ' ମାଧ୍ୟମରେ ତିଆରି କରାଯାଏ, ଯାହାର ସୁଗନ୍ଧ ପ୍ରାୟତଃ ଚନ୍ଦନ ପରି ମୂଳ ତେଲରେ ଶୋଷିତ ହୋଇ ପ୍ରସ୍ତୁତ ହୋଇଥାଏ। ଅକିଲ୍ ମହମ୍ମଦ କହିଛନ୍ତି, ରାଜଧାନୀ ଭୁବନେଶ୍ୱର ସହ କଟକରେ ବି ଅତରର ବେଶ୍ ଚାହିଦା ରହିଛି। ଗୋଲାପ, ଚମ୍ପା, ଉଦ୍ ଓ ଖସ୍‌ର ଶୁଦ୍ଧ ଅତର ଓଡ଼ିଶାରେ ଉପଲବ୍ଧ। ତେବେ ଗୋଲାପ, ଚମ୍ପା ଆଦି ପକେଟକୁ ସୁହାଇବା ଭଳି ଦାମ୍ ରହିଥିବା ବେଳେ 'ଉଦ୍' ବେଶ୍ ଦାମୀ ଅତର ଭାବେ ଉଭା ହୋଇଛି। ବିଶେଷ କରି ଏହି 'ଉଦ୍ ଅତର' ପ୍ରସ୍ତୁତ ପାଇଁ ଆସାମ ଓ କନୋଜରେ ଉଦ୍ ଅଏଲ୍ ପ୍ରସ୍ତୁତ ହୋଇ ଦେଶ ଓ ବିଦେଶର ବିଭିନ୍ନ ସ୍ଥାନକୁ ରପ୍ତାନୀ ହୋଇଥାଏ। ଭାରତର ଆସାମରେ ଏହି କାଠ ଅଧିକ ମିଳିଥାଏ। ଆକ୍ୱିଲାରିଆ ଗଛର କାଠ ଏକ ନିର୍ଦ୍ଦିଷ୍ଟ ଫଙ୍ଗସ୍ ଦ୍ୱାରା ସଂକ୍ରମିତ ହେଲେ ଏହାର ଭିତରଗଣ୍ଠି ମଧ୍ୟରେ ଏହି ସୁଗନ୍ଧିତ କାଠ ସୃଷ୍ଟି ହୁଏ। ଏହାର ଦୀର୍ଘସ୍ଥାୟୀ ସୁଗନ୍ଧ ପାଇଁ ଏହି କାଠ ସାରା ବିଶ୍ୱରେ ସୁଗନ୍ଧିତ ସୌନ୍ଦର୍ଯ୍ୟ ପ୍ରସାଧନ ପ୍ରସ୍ତୁତିରେ ବ୍ୟବହୃତ ହୁଏ। ୩ ମିଲିଲିଟରର 'ଶୁଦ୍ଧ ଉଦ୍ ଅତର'ର ମୂଲ୍ୟ ୫୪ ହଜାର ଟଙ୍କା ବୋଲି ଅକିଲ୍ ମହମ୍ମଦ କହିଛନ୍ତି। ତେବେ ତାଙ୍କ ପାଖରେ ୮୫ ହଜାରରୁ ଲକ୍ଷେ ଟଙ୍କିଆ ଅତର ବି ରହିଛି।

ଅତର କେବଳ ଶରୀର ବା ବସ୍ତ୍ରର ସୁଗନ୍ଧ ପାଇଁ ବ୍ୟବହୃତ ହୁଏ ନାହିଁ, ଏହାର ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ଉପକାରିତା ରହିଛି। ଖରାଦିନେ ଶରୀରକୁ ସତେଜ ଓ ଥଣ୍ଡା ଅନୁଭବ ଦେବା ପାଇଁ କିଆ, ଖୁସ୍, ଚମ୍ପା, ଗୋଲାପ ଓ ମୋଗ୍ରା ଆଦି ଅତର ବ୍ୟବହାର କରିବା ଲାଭକାରୀ ହୋଇଥାଏ। ଏହି ସବୁ ଅତରର ଶୁଦ୍ଧତା ଯୋଗୁଁ ଏହା ଶରୀରକୁ ଥଣ୍ଡା ଓ ଶାନ୍ତ ରଖିଥା'ନ୍ତି। ସେହିଭଳି କସ୍ତୁରୀ, ଅମ୍ବର, କେଶର, ଉଦ୍ ଓ ଚନ୍ଦନ ଆଦି ଅତର ଶୀତ ଦିନ ପାଇଁ ଉପଯୁକ୍ତ ହୋଇଥା'ନ୍ତି। ଏସବୁ ଶରୀରକୁ ଉଷ୍ଣତା ପ୍ରଦାନ କରିଥାଏ। ଏଥିସହ ମୁସଲ୍‌ମାନ୍ ସମ୍ପ୍ରଦାୟର ଭାଇଭଉଣୀମାନେ ଇଦ୍ ସହ ସେମାନଙ୍କ ବିଭିନ୍ନ ଉତ୍ସବରେ ଅତରର ବ୍ୟବହାର କରିଥା'ନ୍ତି।

ଗଛର କାଠ ଏକ ନିର୍ଦ୍ଦିଷ୍ଟ ଫଙ୍ଗସ୍ ଦ୍ୱାରା ସଂକ୍ରମିତ ହେଲେ ଏହାର ଭିତରଗଣ୍ଠି ମଧ୍ୟରେ ଏହି ସୁଗନ୍ଧିତ କାଠ ସୃଷ୍ଟି ହୁଏ। ଏହାର ଦୀର୍ଘସ୍ଥାୟୀ ସୁଗନ୍ଧ ପାଇଁ ଏହି କାଠ ସାରା ବିଶ୍ୱରେ ସୁଗନ୍ଧିତ ସୌନ୍ଦର୍ଯ୍ୟ ପ୍ରସାଧନ ପ୍ରସ୍ତୁତିରେ ବ୍ୟବହୃତ ହୁଏ। ୩ ମିଲିଲିଟରର 'ଶୁଦ୍ଧ ଉଦ୍ ଅତର'ର ମୂଲ୍ୟ ୫୪ ହଜାର ଟଙ୍କା ବୋଲି ଅକିଲ୍ ମହମ୍ମଦ କହିଛନ୍ତି। ତେବେ ତାଙ୍କ ପାଖରେ ୮୫ ହଜାରରୁ ଲକ୍ଷେ ଟଙ୍କିଆ ଅତର ବି ରହିଛି।

ଅତର କେବଳ ଶରୀର ବା ବସ୍ତ୍ରର ସୁଗନ୍ଧ ପାଇଁ ବ୍ୟବହୃତ ହୁଏ ନାହିଁ, ଏହାର ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ଉପକାରିତା ରହିଛି। ଖରାଦିନେ ଶରୀରକୁ ସତେଜ ଓ ଥଣ୍ଡା ଅନୁଭବ ଦେବା ପାଇଁ କିଆ, ଖୁସ୍, ଚମ୍ପା, ଗୋଲାପ ଓ ମୋଗ୍ରା ଆଦି ଅତର ବ୍ୟବହାର କରିବା ଲାଭକାରୀ ହୋଇଥାଏ। ଏହି ସବୁ ଅତରର ଶୁଦ୍ଧତା ଯୋଗୁଁ ଏହା ଶରୀରକୁ ଥଣ୍ଡା ଓ ଶାନ୍ତ ରଖିଥା'ନ୍ତି। ସେହିଭଳି କସ୍ତୁରୀ, ଅମ୍ବର, କେଶର, ଉଦ୍ ଓ ଚନ୍ଦନ ଆଦି ଅତର ଶୀତ ଦିନ ପାଇଁ ଉପଯୁକ୍ତ ହୋଇଥା'ନ୍ତି। ଏସବୁ ଶରୀରକୁ ଉଷ୍ଣତା ପ୍ରଦାନ କରିଥାଏ। ଏଥିସହ ମୁସଲ୍‌ମାନ୍ ସମ୍ପ୍ରଦାୟର ଭାଇଭଉଣୀମାନେ ଇଦ୍ ସହ ସେମାନଙ୍କ ବିଭିନ୍ନ ଉତ୍ସବରେ ଅତରର ବ୍ୟବହାର କରିଥା'ନ୍ତି।

# ଜମା ନକରି ଖର୍ଚ୍ଚ




ଭୁବନେଶ୍ୱର: ସେ ସରକାରୀ ହେଉ କି ବେସରକାରୀ ସଂସ୍ଥା, ଜମା ପାଣ୍ଠି ହେଉଛି ସଂସ୍ଥାର ମୂଳ ସମ୍ବଳ। ଦେବାଳିଆ ସ୍ଥିତିରେ ଏହା ଆର୍ଥିକ ସାହାରା ହୋଇଥାଏ। କିନ୍ତୁ ବିଏମ୍‌ସି ଏହି ଜମା ପାଣ୍ଠି ଅବାଧରେ ଖର୍ଚ୍ଚ କରି ଚାଲିଛି। ଯେଉଁ ପରିମାଣରେ ଖର୍ଚ୍ଚ ଚାଲିଛି, ସେହି ପରିମାଣରେ ଜମା କଥା ଆଦୌ ଚିନ୍ତା କରାଯାଉନି। ଏହାଦ୍ୱାରା ଗତବର୍ଷଠାରୁ ଆର୍ଥିକ ଅଚଳାବସ୍ଥା ଦେଇ ଗତି କରୁଥିବା ବିଏମ୍‌ସି ଆର୍ଥିକ ଦୃଷ୍ଟିରୁ ଆହୁରି ଦୁର୍ବଳ ହେଉଛି। ଯାହା ସିଧାସଳଖ ରାଜଧାନୀବାସୀଙ୍କ ମୌଳିକ ସୁବିଧାକୁ ପ୍ରଭାବିତ କରୁଛି। ରାସ୍ତାଘାଟଠାରୁ ଆରମ୍ଭ କରି ନାଳ, ପାର୍କ ଆଦିର ପୁନରୁଦ୍ଧାର କାମ ଅଟକିଯାଇଛି। ୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷରେ ବିକାଶ ଯେଉଁଭଳି ଗତି ଧରିଥିଲା, ଆଉ ସେଭଳି ସ୍ଥିତି ନାହିଁ। ମୁକ୍ତା ଯୋଜନାରେ ଯେଉଁ ପାର୍କ ହସୁଥିଲା, ଆଜି ଭଗ୍ନ ଅବସ୍ଥାରେ। ରାସ୍ତାଘାଟ, ନାଳନର୍ଦ୍ଦମା କଥା ନ କହିବା ଭଲ। ମିଳିଥିବା ତଥ୍ୟ ମୁତାବକ, ୨୦୨୫-୨୬ ଆର୍ଥିକ ବର୍ଷରେ ବିଏମ୍‌ସିର ୨ଟି ସ୍ଥାୟୀ ଜମା ପାଣ୍ଠି ପରିପକ୍ୱ ହୋଇଥିଲା। ଜମା ପାଣ୍ଠିରୁ ଗୋଟିଏ ୨୦୨୫ ଅକ୍ଟୋବରରେ ଓ ଅନ୍ୟଟି ଡିସେମ୍ବରରେ ପରିପକ୍ୱ ହୋଇଥିଲା। ଅକ୍ଟୋବର ଜମା ପାଣ୍ଠିରୁ ବିଏମ୍‌ସି ୩୧.୩୧ କୋଟି ଟଙ୍କା ଓ ଡିସେମ୍ବର ଜମା ପାଣ୍ଠିରୁ ୨୧୪.୧୩ କୋଟି ଟଙ୍କା ପାଇଥିଲା। ବିଏମ୍‌ସି ଟଙ୍କା ପାଇବାର ୩ ମାସ ଭିତରେ ଅକ୍ଟୋବର ଜମା ପାଣ୍ଠିକୁ ସମ୍ପୂର୍ଣ୍ଣ ଖର୍ଚ୍ଚ କରି ଦେଇଛି। ସେପଟେ ଡିସେମ୍ବରରେ ମିଳିଥିବା ଜମା ପାଣ୍ଠିରୁ କେବଳ ଜାନୁଆରିରେ ୧୯.୬୭ କୋଟି ଟଙ୍କା ଖର୍ଚ୍ଚ ସରିଲାଣି। ଫେବୃଆରି ଓ ମାର୍ଚ୍ଚରେ ଏଥିରୁ ଖର୍ଚ୍ଚ ଅବ୍ୟାହତ ରହିଛି। ସବୁ ଟଙ୍କା ପରିମଳ ବାବଦରେ ଖର୍ଚ୍ଚ କରାଯାଇଛି। କେଉଁଠି ଯାନ୍ତ୍ରିକ ସଫେଇରେ ତ କେଉଁଠି ଘରକୁ ଘର ବୁଲି ଅଳିଆ ସଂଗ୍ରହରେ। ପୁଣି କେଉଁଠି ଶୌଚାଳୟ ପରିଚାଳନାରେ ତ କେଉଁଠି ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟରରେ ଟଙ୍କା ଖର୍ଚ୍ଚ କରାଯାଇଛି। ପରିଣାମ ସ୍ୱରୂପ ବ୍ୟାଙ୍କରୁ ଜମା ପାଣ୍ଠିରୁ ଯେଉଁ ସୁଧ ଆସୁଥିଲା, ତାର ପରିମାଣ ବି କ୍ରମାଗତ କମି ଚାଲିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୧୫କୋଟି ୮୮ଲକ୍ଷ ୮୧ହଜାର ୭୩୩ ଟଙ୍କା ଜମା ପାଣ୍ଠିର ସୁଧ ଆକାରରେ ମିଳିଥିଲା। ଜମା ପାଣ୍ଠି ଖର୍ଚ୍ଚ ଓ ଉଠାଣ ଅବ୍ୟାହତ ରହିଥିବାରୁ ୨୦୨୫-୨୬ରେ ସୁଧରୁ ୧୫କୋଟି ୪ଲକ୍ଷ ୪୫ହଜାର ୭୨୦ ଟଙ୍କା ପାଇବାକୁ ବିଏମ୍‌ସି ଲକ୍ଷ୍ୟ ରଖିଛି। କିନ୍ତୁ ୨୦୨୬-୨୭ ଆର୍ଥିକ ବର୍ଷ ଜମା ପାଣ୍ଠି ସୁଧ ଲକ୍ଷ୍ୟ ଯାହା ରହିଛି, ତାହା ମୁଣ୍ଡରେ ହାତ ଦେବା ଭଳି। ସୁଧ ପରିମାଣ ଅଧାରୁ କମ୍‌କୁ ଖସି ଆସିଛି। ମାତ୍ର ୬କୋଟି ୨୫ଲକ୍ଷ ୪୧ହଜାର ୭୭୦ ଟଙ୍କା ପାଇବାକୁ ବିଏମ୍‌ସି ଲକ୍ଷ୍ୟ ରଖିଛି। ଜମା ପାଣ୍ଠି ଏଭଳି ଅବାଧ ଖର୍ଚ୍ଚ ନ କରିବାକୁ ବହୁବାର କର୍ପୋରେସନ୍‌ରେ ଦାବି ଉଠିଲାଣି। କିନ୍ତୁ ବିଏମ୍‌ସି କର୍ତ୍ତୃପକ୍ଷ ଶୁଣିବାକୁ ନାରାଜ। କର୍ପୋରେଟର ଭରତ କୁମାର ଲେଙ୍କା କହିଛନ୍ତି, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମେୟର ଥିବା ସମୟରେ ଏହି ଜମା ପାଣ୍ଠି ଜାତୀୟ ବ୍ୟାଙ୍କରେ ରଖାଯାଇଥିଲା। ଏହା ପରଠାରୁ କେହି ଜମା ପାଣ୍ଠି ରଖିନାହାନ୍ତି। ଜମା ପାଣ୍ଠି ହେଉଛି, ବିଏମ୍‌ସିର ବଳ। କିନ୍ତୁ ଏହାକୁ ଖର୍ଚ୍ଚ କରି ବିଏମ୍‌ସିକୁ ଆର୍ଥିକ ଦୁର୍ବଳ କରିଦେବାକୁ ଯୋଜନା ଚାଲିଛି। ୨୦୨୪-୨୫ ସରକାର ଅନୁଦାନ ଆସିବା ବନ୍ଦ ହୋଇଯିବାରୁ ବିକାଶ କାର୍ଯ୍ୟର ବକେୟା ପ୍ରଦାନ ଓ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ କରିବାକୁ କର୍ପୋରେସନ୍ ଜମା ପାଣ୍ଠି ଖର୍ଚ୍ଚ କରିବାକୁ ଅନୁମତି ଦେଇଥିଲା। କିନ୍ତୁ ଏହି ଟଙ୍କା କେବଳ ପରିମଳରେ ଖର୍ଚ୍ଚ କରି ବିକାଶକୁ ଅଣଦେଖା କରି ଦିଆଯାଇଛି। ଏ ସମ୍ପର୍କରେ ମେୟର ସୁଲୋଚନା ଦାସ କହିଛନ୍ତି, କେନ୍ଦ୍ରୀୟ ଅନୁଦାନ ନ ଆସିବାରୁ, ସ୍ଥାୟୀ ଜମାରୁ ଆମେ ୫୦ କୋଟି ଟଙ୍କା ଖର୍ଚ୍ଚ କରିଛୁ। ଚଳିତ (ମାର୍ଚ୍ଚ) ମାସରେ କେନ୍ଦ୍ରୀୟ ଅନୁଦାନ ଟଙ୍କା ମିଳିଲେ, ଆମେ ପୁଣି ଏହି ୫୦ କୋଟି ଟଙ୍କା ସେଥିରେ ମିଶାଇ ସ୍ଥାୟୀ ଜମା କରିବୁ।

# ମନଜିଣିଲା ଅଦରକାରୀ ବସ୍ତୁରେ ମନଲାଖି କଳାକୃତି



ଭୁବନେଶ୍ୱର: ସ୍ୱଚ୍ଛତାରେ ନାରୀ ନେତୃତ୍ୱ ଅଭିଯାନ ପରିପ୍ରେକ୍ଷୀରେ ବିଏମ୍‌ସି ପକ୍ଷରୁ ଆଜି 'ବର୍ଜ୍ୟରୁ ସଂପଦ' ଶୀର୍ଷକ ପ୍ରଦର୍ଶନୀ ବିଏମ୍‌ସି ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ଅଦରକାରୀ ବସ୍ତୁ ତଥା ବର୍ଜ୍ୟରୁ ପ୍ରସ୍ତୁତ ଘର ସଜା ମନଲାଖି ସୁନ୍ଦର କଳାକୃତି ପ୍ରଦର୍ଶିତ ହୋଇଛି। ବିଏମ୍‌ସିର ସ୍ୱଚ୍ଛସାଥୀ, ସ୍ୱଚ୍ଛକର୍ମୀଙ୍କ ସହ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ଛାତ୍ରଛାତ୍ରୀ କଳାକୃତି ପ୍ରସ୍ତୁତ କରି ପ୍ରଦର୍ଶିତ କରିଥିଲେ। ସ୍ୱଚ୍ଛ ସର୍ବେକ୍ଷଣ ଅନ୍ତର୍ଗତ ଶିକ୍ଷା, ସୂଚନା ଓ ଯୋଗାଯୋଗ କାର୍ଯ୍ୟକ୍ରମ ମାଧ୍ୟମରେ ଅନୁଷ୍ଠିତ ଏହି ପ୍ରଦର୍ଶନୀରେ ୧୧ଟି ଷ୍ଟଲ୍ ଖୋଲାଯାଇଥିଲା। ପ୍ରଦର୍ଶନୀରେ ବିଭିନ୍ନ ବର୍ଜ୍ୟରୁ ତିଆରି ସୁନ୍ଦର ପଶୁପକ୍ଷୀ, ପାପୋଛ, ଭଳିକି ଭଳି ଫୁଲଦାନୀ, ଗଛଲତା, ଶ୍ରୀଜଗନ୍ନାଥଙ୍କର ବିଭିନ୍ନ ବେଶ, ଗଣେଶଙ୍କ ମୂର୍ତ୍ତି, ପୋଷାକ ଆଦି ପ୍ରଦର୍ଶିତ ହୋଇଥିଲା। ଏଥିରେ ଅଦରକାରୀ ପ୍ଲାଷ୍ଟିକ ଚାମଚ, କତା, କାଚ ବୋତଲ, ବୋତଲ ଠିପି, ଦିଆସିଲି କାଠି, ବିଦ୍ୟୁତ୍ ସାମଗ୍ରୀକୁ ବ୍ୟବହାର କରାଯାଇଛି। ଏହି ଅବସରରେ ବିଏମ୍‌ସି ପକ୍ଷରୁ ଛଡ଼ାଫୁଲରୁ ପ୍ରସ୍ତୁତ ସୁଗନ୍ଧିତ ଧୂପକାଠି ଓ ଅବିର ପ୍ରଦର୍ଶିତ ହେବା ସହ ବିକ୍ରି କରାଯାଇଥିଲା।

ମେୟର ସୁଲୋଚନା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଡେପୁଟି ମେୟର ମଞ୍ଜୁଲତା କହଁର, କମିସନର ଚଞ୍ଚଳ ରାଣା, ଅତିରିକ୍ତ କମିସନର ରତ୍ନାକର ସାହୁ, ଅତିରିକ୍ତ କମିସନର କୈଳାସ ଚନ୍ଦ୍ର ଦାସଙ୍କ ସହ ଷ୍ଟାଣ୍ଡିଂ କମିଟିର ଅଧକ୍ଷା, ଅଧକ୍ଷ, କର୍ପୋରେଟର, ବିଏମ୍‌ସିର ବରିଷ୍ଠ ଅଧିକାରୀମାନେ ଷ୍ଟଲ ବୁଲି ଦେଖିବା ସହ ପ୍ରଦର୍ଶନକାରୀଙ୍କୁ ନିର୍ମାଣ ଶୈଳୀ ପଚାରି ବୁଝିଥିଲେ। ମେୟର, ଡେପୁଟି ମେୟର, କମିସନର ବି ଛଡାଫୁଲରୁ ପ୍ରସ୍ତୁତ ଧୂପକାଠି ଓ ଅବିର କିଣିଥିଲେ। ଡେପୁଟି କମିସନର ଏନ୍. ଗଣେଶ ବାବୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅପରପକ୍ଷେ ସ୍ୱଚ୍ଛ ସର୍ବେକ୍ଷଣ କାର୍ଯ୍ୟକ୍ରମ ଅଧୀନରେ ଶନିବାର ପୋଖରିପୁଟସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସଫେଇ ମିତ୍ର ସୁରକ୍ଷା ଶିବିର ଅନୁଷ୍ଠିତ ହେବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

# କ୍ୟାପିଟାଲ୍ ହସ୍ପିଟାଲ୍‌ର ନାହିଁ ଅଗ୍ନି ନିରାପତ୍ତା ପ୍ରମାଣପତ୍ର




ଭୁବନେଶ୍ୱର: ନିଆଁ ପିଣ୍ଡୁଳା ଉପରେ ବସିଛି କ୍ୟାପିଟାଲ୍ ହସ୍ପିଟାଲ୍। ହସ୍ପିଟାଲ୍‌କୁ ମିଳି ନାହିଁ ଅଗ୍ନି ସୁରକ୍ଷା ପ୍ରମାଣପତ୍ର। ପ୍ରତି ମାସରେ ଯାଇ ଅଗ୍ନିଶମ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଉଥିବା ବେଳେ ପୁରୁଣା ବିଲ୍ଡିଂ ଆଳ କରି ହସ୍ପିଟାଲ କର୍ତ୍ତୃପକ୍ଷ ଏହାକୁ ଫାଙ୍କି ଚାଲିଛନ୍ତି। ଗତ ୨୦୨୩ ମସିହାରୁ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ବ୍ୟବସ୍ଥା କରାଯାଇଥିଲେ ମଧ ଦାୟିତ୍ୱ ନେଇଥିବା ପୂର୍ତ୍ତ ବିଭାଗ ମଧ କାମ ଧିମା କରୁଥିବା ଅଭିଯୋଗ ହୋଇଛି। ଫଳରେ ଏବେ ବି ସବୁ ବିଭାଗକୁ ଅଗ୍ନି ନିରାପତ୍ତା ବ୍ୟବସ୍ଥାରେ ସଂଯୋଗ କରାଯାଇ ନାହିଁ।

ସୂଚନା ଅନୁସାରେ ଗତକାଲି ବିଳମ୍ବିତ ରାତିରେ କଟକ ବଡ଼ଡାକ୍ତରଖାନାରେ ଅଗ୍ନିକାଣ୍ଡ ଫଳରେ ୧୨ ଜଣ ରୋଗୀ ମୃତ୍ୟୁବରଣ କରିଛନ୍ତି। ଫଳରେ ଏବେ ସବୁ ହସ୍ପିଟାଲରରେ ଅଗ୍ନି ନିରାପତ୍ତାକୁ କଡ଼ାକଡ଼ି କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ହେଲେ ରାଜ୍ୟର ଅନ୍ୟ ହସ୍ପିଟାଲ୍ କଥା ଛାଡ଼ନ୍ତୁ ରାଜ୍ୟର ଅନ୍ୟତମ ପ୍ରମୁଖ ସରକାରୀ ହସ୍ପିଟାଲ କୁହାଯାଉଥିବା କ୍ୟାପିଟାଲ୍ ହସ୍‌ପିଟାଲ ମଧ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଅନୁପାଳନ କରିବାରେ ସଂପୂର୍ଣ୍ଣ ବିଫଳ ହୋଇଛି। ହସ୍ପିଟାଲ୍‌ର ସମସ୍ତ ଆଇସିୟୁ ସମେତ ବିଭିନ୍ନ ବିଭାଗ ଓ କରିଡ଼ରରେ ଅଗ୍ନି ନିରାପତ୍ତା ଯନ୍ତ୍ର ଲାଗିଛି। ଏହାସହିତ ପ୍ରାଶାସନିକ ବିଭାଗରେ ଏବେ କାମ ଚାଲିଛି। ଅଗ୍ନି ନିର୍ବାପକ ଯନ୍ତ୍ର ଲାଗିଥିବା ବେଳେ ଇର୍ମଜେନ୍ସି ଡୋର, ପାଣି ସଂରକ୍ଷଣ ବ୍ୟବସ୍ଥା, ଫାୟାର ଆଲାର୍ମ ଆଦି ସମସ୍ତ ପାରାମିଟର ଠିକ୍ ଭାବେ ପାଳନ ହେଉ ନଥିବାରୁ ଅଗ୍ନିଶମ ବିଭାଗ ପକ୍ଷରୁ କେଣସି ବିଭାଗ କିମ୍ବା ହସ୍ପିଟାଲର କେଣସି ବିଲ୍ଡିଂକୁ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ତଥା ଏନଓସି ପ୍ରଦାନ କରାଯାଇନାହିଁ। ଏହାସହିତ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ୨୪ ଘଣ୍ଟା ଚାଲିଥିବା ଜରୁରିକାଳୀନ ବିଭାଗ ୱାର୍ଡ ଓ ଟ୍ରାଇଏଜ୍‌ରେ କେଣସି ଅଗ୍ନି ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଇ ନାହିଁ। କେବଳ କିଛି ସ୍ଥାନରେ ଅଗ୍ନି ନିର୍ବାପକ ଯନ୍ତ୍ର ଲଗାଇ ହସ୍ପିଟାଲ୍ କର୍ତ୍ତୃପକ୍ଷ କାମ ସାରି ଦେଇଛନ୍ତି। ତେଣୁ ସମସ୍ତ ନିୟମ ପାଳନ ହେଉ ନଥିବାରୁ କ୍ୟାପିଟାଲ ହସ୍ପିଟାଲକୁ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଦିଆଯାଇ ନାହିଁ। ଏହାକୁ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ଏନେଇ ଆସିଷ୍ଟାଣ୍ଟ ଫାୟାର ଅଫିସର ମନୋରଞ୍ଜନ ରାଉତ କହିଛନ୍ତି ଯେ ପ୍ରତିମାସରେ ଏକ ଟିମ୍ ଯାଇ କ୍ୟାପିଟାଲ୍ ହସ୍ପିଟାଲ୍‌ର ସ୍ଥିତି ପରଖୁଛନ୍ତି। ଯେଉଁ ବିଭାଗରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଆବଶ୍ୟକ ରହିଛି ସେହି ବିଭାଗକୁ ପରାମର୍ଶ ଦିଆଯାଉଛି। ଏହାସହିତ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ବିଭିନ୍ନ ସମୟରେ ମକ୍ ଡ୍ରିଲ୍ କରାଯାଇ ହସ୍ପିଟାଲ୍ ଷ୍ଟାଫ୍ ଓ କର୍ମଚାରୀଙ୍କ ମଧ୍ୟରେ ସଚେତନତା କରାଯାଉଛି।

ଏସମ୍ପର୍କରେ କ୍ୟାପିଟାଲ୍ ହସ୍ପିଟାଲ୍‌ର ଉପଅଧୀକ୍ଷକ ଡା. ଧନଞ୍ଜୟ ଦାଶ କହିଛନ୍ତି ଯେ, ଅଗ୍ନିନିରାପତ୍ତା ପ୍ରମାଣପତ୍ର ପାଇଁ ଆମେ ଆବେଦନ କରିଛୁ। ଖୁବ୍ ଶୀଘ୍ର ଆମକୁ ଏହା ମିଳିଯିବ ବୋଲି ଆଶା କରୁଛୁ। ସେହିପରି ଜରୁରିକାଳୀନ ୱାର୍ଡରେ ମଧ ଅଗ୍ନିନିର୍ବାପକ ବ୍ୟବସ୍ଥା ଲଗାଯିବ ବୋଲି ଡା. ଦାଶ କହିଛନ୍ତି।

# ଉଜୁଡ଼ିଗଲା 'ଶ୍ରୀ': ଟଙ୍କା ନ ମିଳିବାରୁ ପାଣି ଦେଲେନି



ଭୁବନେଶ୍ୱର: ଟଙ୍କା ପାଇଲେନି ବୋଲି ଗଛର ଯତ୍ନ ନେଲେନି କି ପାଣି ଦେଲେନି। ବୈଜ୍ଞାନିକ ପଦ୍ଧତିରେ ଯେଉଁ ଯତ୍ନ ନିଆଯାଉଥିଲା, ତା' ବି ବନ୍ଦ ହୋଇଗଲା। ଫଳସ୍ୱରୂପ ରାଜଧାନୀ ରାସ୍ତାଘାଟର 'ଶ୍ରୀ' ବୃଦ୍ଧି ପାଇଁ ରାଜମହଲ, ମାଷ୍ଟର କ୍ୟାଣ୍ଟିନ, ଆଚାର୍ଯ୍ୟବିହାର, ବାଣୀବିହାର, ରସୁଲଗଡ଼ ଛକ ମେଡିଆନ୍ ଓ ବିଭିନ୍ନ ଛକର ଗଛ ସବୁ ଗ୍ରୀଷ୍ମପ୍ରବାହରେ ଶୁଖିଯାଇଛି। ଖରାଦିନ ସାଙ୍ଗକୁ ଆଗକୁ ତାତି ବଢୁଥିବାରୁ ଏବେଠୁ ଯଦି ଏକଥା ଚିନ୍ତା କରାନଯାଏ, ସଂପୂର୍ଣ୍ଣ ସୌନ୍ଦର୍ଯ୍ୟ ଉଜୁଡ଼ିଯିବାକୁ ବେଶିଦିନ ଲାଗିବନି। ୨୦୧୬ ମସିହାରେ ସ୍ମାର୍ଟସିଟି ମାନ୍ୟତା ମିଳିବା ପରଠାରୁ ଭୁବନେଶ୍ୱର ରୂପରେଖରେ ଅନେକ ପରିବର୍ତ୍ତନ ଆସିଛି। ୨୦୧୮ ମସିହା ପୁରୁଷ ହକି ବିଶ୍ୱକପ ପୂର୍ବରୁ ରାଜଧାନୀ ଭୁବନେଶ୍ୱର ନୂଆରୂପ ପାଇଥିଲା। ଓଭରବ୍ରିଜ୍, ମେଡିଆନ୍, କାନ୍ଥବାଡ଼ ସବୁ ନୂଆରୂପରେ ଝଲସିଥିଲା। ମେଡିଆନ୍‌ରେ ରାଜ୍ୟ ବାହାରୁ ଓ ବିଦେଶରୁ ମଗାଯାଇଥିବା ଦାମୀ ଗଛ ସବୁ ଶୋଭାବର୍ଦ୍ଧନ କରିଥିଲା। ସଂପୂର୍ଣ୍ଣ ରାଜଧାନୀକୁ ଫୁଲ ଓ ନାନାଦି ଶୋଭାବର୍ଦ୍ଧନକାରୀ ବୃକ୍ଷରେ ସଜ୍ଜିତ କରାଯାଇଥିଲା। ସ୍ୱଳ୍ପ ପାଣିରେ ବଞ୍ଚି ପାରୁଥିବା ଏହି ଗଛ ଧୂଳି ସବୁକୁ ଟାଣି ନେଇ ରାଜଧାନୀର ପ୍ରଦୂଷଣକୁ କମାଉଥିଲା। ଅମ୍ଳଜାନ ବି ଯୋଗାଉଥିଲା। ଶୋଭାବର୍ଦ୍ଧନକାରୀ ଗଛ ଲଗାଯାଇଥିବା ଅଞ୍ଚଳ ସବୁ ଭୁବନେଶ୍ୱର ମହାନଗର ନିଗମର ହୋଇଥିଲେ ବି ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ପୁରୁଷ ହକି ବିଶ୍ୱ କପ ପରଠାରୁ ଓଡ଼ିଶା ଖଣି ନିଗମ ଏହାର ଖର୍ଚ୍ଚ ବହନ କରୁଥିଲା। କିନ୍ତୁ ୨୦୨୩-୨୪ ନଭେମ୍ବରରୁ ଆଉ ରକ୍ଷଣାବେକ୍ଷଣ ଖର୍ଚ୍ଚ ଦେଉନି ଓଡ଼ିଶା ଖଣି ନିଗମ। ଏଣୁ ଭୁବନେଶ୍ୱର ମହାନଗର ନିଗମ ଉପରେ ବକେୟା ବଢ଼ିଚାଲିଛି। ମିଳିଥିବା ତଥ୍ୟ ମୁତାବକ, ବନ ନିଗମ ୨୦୨୩-୨୪ ଓ ୨୪-୨୫ ଆର୍ଥିକ ବର୍ଷର ୬ କୋଟି ୩୪ଲକ୍ଷ ୩୪ହଜାର ୩୨୯ ଟଙ୍କା ପାଇବାକୁ ଅଛି। କିନ୍ତୁ ଖଣି ନିଗମ ଏହି ଟଙ୍କା ଦେଉ ନଥିବାରୁ ବନ ନିଗମ ଭୁବନେଶ୍ୱର ମହାନଗର ନିଗମକୁ ଚିଠି ଲେଖିଥିଲା। ସେପଟେ ୨୦୨୫ ନଭେମ୍ବରରୁ ୨୦୨୬ ନଭେମ୍ବର ପର୍ଯ୍ୟନ୍ତ ଗଛର ରକ୍ଷଣାବେକ୍ଷଣ ପାଇଁ ବି ୩ କୋଟି ୩୪ଲକ୍ଷ ୪୯ହଜାର ୫୬୦ ଟଙ୍କା ମାଗିଛି। ଭୁବନେଶ୍ୱର ମହାନଗର ନିଗମ ଦୁଇଟି ପର୍ଯ୍ୟାୟରେ ବନ ନିଗମକୁ ଏହି ଟଙ୍କା ଦେବାକୁ ରାଜି ହୋଇଛି। ତଥାପି ନିୟମିତ ପାଣି ଦିଆଯାଉନି କି ବୈଜ୍ଞାନିକ ପଦ୍ଧତିରେ ରକ୍ଷଣାବେକ୍ଷଣ କରାଯାଉନି।

ଏ ସଂପର୍କରେ ବିଏମ୍‌ସି ଅତିରିକ୍ତ କମିସନର କୈଳାସ ଚନ୍ଦ୍ର ଦାସ କହିଛନ୍ତି, ଏହି ଗଛର ସବୁରେ କେବଳ ପାଣି ଦିଆଯାଉନି, ବୈଜ୍ଞାନିକ ପଦ୍ଧତିରେ ରକ୍ଷଣାବେକ୍ଷଣ କରାଯାଉଛି। ଓଡ଼ିଶା ବନ ନିଗମ ଏହି କାମ କରୁଥିଲା। ଯାହାର ଖର୍ଚ୍ଚ ଓଡ଼ିଶା ଖଣି ନିଗମ ସିଏସ୍‌ଆର ପାଣ୍ଠିରୁ ବହନ କରୁଥିଲା। କିନ୍ତୁ ଓଡ଼ିଶା ଖଣି ନିଗମ ଆଉ ଟଙ୍କା ଦେଉନି। ଏଣୁ ଆମେ ନୂଆ କମ୍ପାନି ସହ ଆଲୋଚନା କରିଛୁ, ଯେଉଁମାନେ ସିଏସ୍‌ଆର ପାଣ୍ଠି ଖର୍ଚ୍ଚ କରିବାକୁ ରାଜି ଅଛନ୍ତି। ଯେଉଁ ଗଛ ବଞ୍ଚିଛି, ତାର ଯତ୍ନ ନିଆଯିବ। ବାକି ଯେଉଁ ଗଛ ମରିଯାଇଛି, ତା ବଦଳରେ ନୂଆ ଗଛ ସବୁ ଲଗାଯିବ ବୋଲି ଶ୍ରୀ ଦାସ କହିଛନ୍ତି।

# ଗଡୁଛି ମଦ ବୋତଲ, କାନ୍ଥରେ ପାନଛେପ

ଭୁବନେଶ୍ୱର:ଭୁବନେଶ୍ୱର ମହାନଗର ନିଗମ ମୁଖ୍ୟାଳୟରେ ଜମୁଛି ନିଶାଡ଼ିଙ୍କ ଆସର। ରାତିରେ ଏଠାରେ ଖୁଲମ୍‌ଖୁଲା ମଦ ପିଆଯାଉଛି। ଏହାର ବାଲ୍‌କୋନିରେ ଏକାଧିକ ସ୍ଥାନରେ ମଦବୋତଲ ଗଡ଼ିବା ଏହି ଚିତ୍ରଙ୍କୁ ପ୍ରମାଣିତ କରୁଛି। ନାନାଦି ବ୍ରାଣ୍ଡର ଖାଲି ମଦ ବୋତଲ ଏହାର ବାଲ୍‌କୋନିରେ ଗଡୁଥିବାବେଳେ ଚାଖଣା ଜରି ବି ଏହା ପାଖରେ ପଡ଼ିଛି। ବଡ଼କଥା ହେଉଛି, ମୁଖ୍ୟାଳୟର ଯେଉଁ ଚତୁର୍ଥ ମହଲାରେ କମିସନର, ଅତିରିକ୍ତ କମିସନର, ଡେପୁଟି କମିସନର ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ବସୁଛନ୍ତି, ସେହି ଚତୁର୍ଥ ମହଲାର ବାଲ୍‌କୋନିରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଭୁବନେଶ୍ୱର ମହାନଗର ନିଗମ ମୁଖ୍ୟାଳୟରେ ଏଭଳି ଚିତ୍ର ସରକାରୀ କାଗଜପତ୍ର ଓ ଅନ୍ୟାନ୍ୟ ସୁରକ୍ଷା ଓ ନିରାପତ୍ତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅପରପକ୍ଷେ ଚତୁର୍ଥ ମହଲାର ବାଲ୍‌କୋନିକୁ କର୍ମଚାରୀମାନେ ପାନଛେପ ପକାଇ ନାଲି କରି ସାରିଲେଣି। ସରକାରୀ କାର୍ଯ୍ୟାଳୟରେ ପାନ, ଗୁଟ୍‌ଖା ଆଦି ଖାଇବା ଉପରେ ସରକାର କଟକଣା ଲଗାଇଛନ୍ତି। ଯେଉଁମାନେ ପାନ, ଗୁଟ୍‌ଖା ଖାଇ ଆସିବେ, ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟରେ ଏହାକୁ କେହି ଖାତିର କରୁନାହାନ୍ତି। ଏଠାରେ କାମ କରୁଥିବା କର୍ମଚାରୀମାନେ ପାନ, ଗୁଟ୍‌ଖା ତ ଖାଇ କାର୍ଯ୍ୟାଳୟକୁ ଆସୁଛନ୍ତି, ସେପଟେ ପାନଛେପକୁ କାନ୍ଥ, ଚଟାଣରେ ପକାଇ ଏହାକୁ ଅସୁନ୍ଦର କରି ସାରିଲେଣି। ଯେଉଁ କାର୍ଯ୍ୟାଳୟ ପାନ, ଗୁଟ୍‌ଖା ଚଢ଼ଉ କରୁଛି, ସେଠି ଏଭଳି ସ୍ଥିତି ହାସ୍ୟାସ୍ପଦ ମନେହେଉଛି।

# ଦଳମୁକ୍ତ ହେଲା ନନ୍ଦକିଶୋର ପୁଷ୍କରିଣୀ

ଭୁବନେଶ୍ୱର: ପୁରାତନ ଜାତୀୟ ରାଜପଥ ପାର୍ଶ୍ୱ ଗ୍ୟାରେଜ ଛକ ୱାର୍ଡ ନଂ-୫୯ ନନ୍ଦକିଶୋର ନଗରଠାରେ ରହିଥିବା ପ୍ରାଚୀନ ଐତିହ୍ୟ ନନ୍ଦକିଶୋର ପୁଷ୍କରିଣୀ ବହୁଦିନରୁ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିଲା। ଦଳ ଓ ଅନାବନା ଘାସରେ ଭରି ରହିଥିଲା। କିନ୍ତୁ ଅଞ୍ଚଳବାସୀଙ୍କ ଶ୍ରମଦାନ ଓ ଅର୍ଥଦାନ ଫଳରେ ଏହି ପୁଷ୍କରିଣୀ ଦଳମୁକ୍ତ ହୋଇଛି। ଅପରପକ୍ଷେ ଦଳ ଓ ଆବର୍ଜନାରେ ଭର୍ତ୍ତି ଏହି ପୁଷ୍କରିଣୀର ପାଣିପ୍ରଦୂଷିତ ହୋଇ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ଏଣୁ ଅଞ୍ଚଳବାସୀ ଏହି ବନ୍ଧକୁ ସଫା କରି ପାଣିକୁ ସଂକ୍ରମଣମୁକ୍ତ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ଏକାମ୍ର ଜନ ଜାଗରଣ ମଞ୍ଚର ସଭାପତି ଭୀଷ୍ମ ନାରାୟଣ ନାୟକ ଓ ନନ୍ଦକିଶୋର ପୁଷ୍କରିଣୀ ଉନ୍ନୟନ କମିଟିର ସଭାପତି ପ୍ରଶାନ୍ତ ଚନ୍ଦ୍ର ମହାପାତ୍ର କହିଛନ୍ତି, ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହି ନନ୍ଦକିଶୋର ପୁଷ୍କରିଣୀ ପରିବେଶଗତ ଓ



ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରୁଥିଲା। ଅଞ୍ଚଳବାସୀ ଏହାର ପୁନରୁଦ୍ଧାର ପାଇଁ ବିଏମ୍‌ସିକୁ ବାରମ୍ବାର ଅଭିଯୋଗ କରି ନିରାଶ ହେବା ପରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି ତୁରନ୍ତ ଏହି ଜଳାଶୟକୁ ପୁନରୁଦ୍ଧାର କରିବାକୁ ବିଏମ୍‌ସିକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବିଏମ୍‌ସି କୌଣସି ପଦକ୍ଷେପ ନେଇ ନଥିଲା। ସ୍ଥାନୀୟ ଲୋକେ ନିଜସ୍ୱ ଖର୍ଚ୍ଚରେ ଏହି ପରିତ୍ୟକ୍ତ ଜଳାଶୟର ପୁନରୁଦ୍ଧାର ପାଇଁ ଅଣ୍ଟା ଭିଡ଼ିଛନ୍ତି। ଦଳ ସଫା ପରେ ଏବେ ଜଳାଶୟରୁ ପରିତ୍ୟକ୍ତ ଜଳକୁ ପାଣିପମ୍ପ ଲଗାଇ ନିଷ୍କାସନ କରାଯାଇଛି। ବିଏମସି କମିସନର ଚଞ୍ଚଳ ରାଣା ଜଳାଶୟର ପୁନରୁଦ୍ଧାର ପାଇଁ ବିଭାଗୀୟ ଅଧିକାରୀଙ୍କୁ ଟେଣ୍ଡର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜଳାଶୟର ଜବରଦଖଲକୁ ଉଚ୍ଛେଦ କରିବାକୁ ଅଧିକାରୀଙ୍କୁ କହିଥିଲେ। ଏଯାବତ୍ ଏ ଦିଗରେ ଅଧିକାରୀମାନେ କୌଣସି ପଦକ୍ଷେପ ନେଇନାହାନ୍ତି।

# ସଂପାଦକୀ

## ରୋଷେଇଶାଳରେ ଚଡକ

ଏଥିରେ କେହି ଦ୍ୱିମତ ହେବେ ନାହିଁ ଯେ, ଇରାନ-ଆମେରିକା ଯୁଦ୍ଧର ପ୍ରଭାବ ଏବେ ଭାରତରେ ହାଣ୍ଡିଶାଳ ଓ ରୋଷେଇଶାଳ ଉପରେ ପଡିଛି । ଯୁଦ୍ଧ ଯୋଗୁଁ ରୋଷେଇର ମୁଖ୍ୟ ଜାଳେଣୀ ଗ୍ୟାସର ଘୋର ଅଭାବ ନେଇ ଜନସାଧାରଣ ଆତଙ୍କିତ ହୋଇପଡିଛି । ଏଲପିଜି ସିଲିଣ୍ଡର ଯୋଗାଣକାରୀ ଗ୍ୟାସ ଡିଲରଙ୍କ ଗୋଦାମ ସମ୍ମୁଖରେ ଲମ୍ୱାଧାଡି ଦେଖିବାକୁ ମିଳୁଛି । ଏଥିରୁ ଇନ୍ଧନ ଗ୍ୟାସର ଅଭାବ ଉତ୍କଟ ସ୍ୱଷ୍ଟ ଅନୁମେୟ କରାଯାଇପାରେ । କହିବା ବାହୁଲ୍ୟ ଯେ, ବିଶ୍ୱର ୧୫୦କୋଟି ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର ଭାରତ, ଯେ କି ବିଶ୍ୱର ଚତୁର୍ଥ ବୃହତମ ରାଜନୈତିକ ଶକ୍ତିଭାବେ ପରିଚିତ, ଏହାର ଚାହିଦାର ୮୦ପ୍ରତିଶତ ଗ୍ୟାସ ବିଦେଶରୁ ଆମଦାନୀ କରିଥାଏ । ଏଥିମଧ୍ୟରୁ କତାର ଓ ପଶ୍ଚିମ ଏସୀୟ ରାଷ୍ଟ୍ରଗୁଡିକରୁ ୯୦ପ୍ରତିଶତ ପ୍ରାକୃତିକ ଗ୍ୟାସ ହର୍ମୁଦା ପ୍ରଣାଳୀ ଦେଇ ଆମଦାନୀ ହୋଇଥାଏ । ଯୁଦ୍ଧ ଯୋଗୁଁ ହର୍ମୁଦା ପ୍ରଣାଳୀ ଇରାନ ବନ୍ଦ କରିଦେଇଥିବାରୁ ସମ୍ଭବତଃ ଯୁଦ୍ଧ ଶେଷ ନହେବା ପର୍ଯ୍ୟନ୍ତ, ଗ୍ୟାସ ଆମଦାନୀ ହୋଇପାରିବ ନାହିଁ । ଉଲ୍ଲେଖଯୋଗ୍ୟ ରନ୍ଧନ ଗ୍ୟାସର ସ୍ଥିତି ସମ୍ପର୍କରେ ସମୀକ୍ଷା ଲାଗି ସରକାର ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରଥିବାବେଳେ ଅତ୍ୟାବଶୀକୀୟ ସମଗ୍ରୀ ଆଇନ ଲାଗୁ କରିଛନ୍ତି, ଯାହାକି ଦେଶରେ ଗ୍ୟାସର ଗମ୍ଭୀର ପରିସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରେ । ସାଧାରଣତଃ ଭାରତ ଆମଦାନୀ କରୁଥିବା ପ୍ରାକୃତିକ ଗ୍ୟାସର ବୃହତମ ଅଂଶ ସାର କାରଖାନାକଗୁଡିକୁ ଯାଇଥାଏ । କିନ୍ତୁ ଏବେ ରୋଷେଇଶାଳ ପାଇଁ ପିଏନଜି ଏବଂ ପରିବହନ ପାଇଁ ସିଏନଜିକୁ ଅଗ୍ରାଧିକାର ଦେଇଥିବାବେଳେ ଏହା ପଛକୁ ସାରକାରଖାନା ଓ ଅନ୍ୟାନ୍ୟ ଶିଳ୍ପ ରହିଛି । ସାର କାରଖାନାଗୁଡିକ ପୂର୍ବରୁ ପାଉଥିବା ଗ୍ୟାସର ୭୦ପ୍ରତିଶତ ଦିଆଯିବା ବ୍ୟବସ୍ଥା ହୋଇଥିବାବେଳେ ଉତ୍ପାଦନ ଭିତ୍ତିକ ଶିଳ୍ପଗୁଡିକ ପୂର୍ବରୁ ବ୍ୟବହାର କରୁଥିବା ଗ୍ୟାସର ୮୦ପ୍ରତିଶତ ଦେବା ପାଇଁ ନିଷ୍ପତ୍ତି ହୋଇଛି । ଶିଳ୍ପ ସଂସ୍ଥାଗୁଡିକୁ କାଟଛାଟ ଦେଶର ଅର୍ଥନୀତିକୁ ପ୍ରଭାବିତ କରିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ । ଆହୁରି ମଧ୍ୟ ହୋଟେଲ, ରେଷ୍ଟୁରାଂଟ ଗୁଡିକୁ ଗ୍ୟାସଗୁଡିକୁ ଗ୍ୟାସ ଯୋଗାଣ ବନ୍ଦ ଯୋଗୁଁ ବହୁ ବନ୍ଦ ହୋଇଯାଇଥିବା ରିପୋର୍ଟ ପ୍ରକାଶ ପାଇଛି । ଟ୍ରେନଗୁଡିକରେ ରନ୍ଧା ଖାଦ୍ୟ ଯୋଗାଣ ବନ୍ଦ ପାଇ ସରକାର ନିଷ୍ପତ୍ତି ନେଇଥିବା କୁହାଯାଇଛି । ଦେଶରେ ଦୁଇମାସ ପାଇଁ ଗ୍ୟାସ ମହଜୁଦ କୁହାଯାଉଥିବା ପରିସ୍ଥିତି ନସୁଧୁରିଲେ କି ଆମଦାନୀ ହୋଇନପାରିଲେ, ସଂକଟ ଉତ୍କଟ ହେବା ଆଶକାଙ୍କୁ ଅଣଦେଖା କରାଯାଇନପାରେ । ଲୋକଙ୍କ ବଂଚିବା ପାଇଁ ଖାଦ୍ୟ ଆବଶ୍ୟକ ଥିବାରୁ ସରକାର ରୋଷେଇଶାଳ ପାଇଁ ଅଗ୍ରାଧିକାର ଦେବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ । ତେବେ ପୂର୍ବରୁ ୧୪ଦିନ ପରେ ଗ୍ୟାସ ବୁକିଂ ସମୟସୀମା ଧାର୍ଯ୍ୟ ହୋଇଥିବାବେଳେ ଏବେ ୨୫ଦିନକୁ ସମୟସୀମା ବୃଦ୍ଧି ହୋଇଛି । କେବଳ ଏତିକି ନୁହେଁ, ରନ୍ଧନ ଗ୍ୟାସ ୪.୨ କେଜି ବିଶିଷ୍ଟ ଘରୋଇ ସିଲିଣ୍ଡର ପିଛା ୫୫ଟଙ୍କା ବୃଦ୍ଧି କରି ସାରିଥିବାବେଳେ ହୋଟେଲ, ରେଷ୍ଟୁରାଂଟଗୁଡିକରେ ବ୍ୟବହୃତ ବ୍ୟବସାୟିକ ଗ୍ୟାସ ସିଲିଣ୍ଡର ପିଛା ମୂଲ୍ୟ ୧୧୫ ଟଙ୍କା ବଢାଇଛନ୍ତି । ଏଣିକି ମାତ୍ର ଅଢେଇ ଦିନରେ ଗ୍ୟାସ ସିଲିଣ୍ଡର ଘରେ ପହଂଚାଇବାକୁ ସରକାର ଘୋଷଣା କରିଛନ୍ତି ସତ୍ତ୍ୱେ ବାସ୍ତବରେଏହା କେତେଦୂର ସମ୍ଭବ ହେବ, ତାହା ଭବିଷ୍ୟତ କହିବ । ପ୍ରକାଶ ଯୋଗ୍ୟ ଯେ, ଦେଶରେ ଏବେ ପ୍ରାୟ ୯୦ପ୍ରତିଶତ ପରିବାରର ମୁଖ୍ୟ ରୋଷେଇ ଉତ୍ସ ରନ୍ଧନ ଗ୍ୟାସ ରହିଛି । ତେବେ ଦେଶରେ ଅଧିକ ମାସ ପାଇଁ ମହଜୁଦ ନାହିଁ । ପ୍ରକାଶ କରାଯାଇପାରେ ଗତ ୨୦୨୨-୨୩ରେ ୟୁକ୍ରେନ ଉପରେ ରୁଷର ଆକ୍ରମଣ ପରେ ଦେଶର ଅର୍ଥନୀତି ଉପରେ ଏତେ ପ୍ରଭାବ ପଡିଥିଲା ଯେ, ଦେଶର କରେଂଟ ଆକାଉଂଟ ଡେପିସିଟ୍ (ସିଏଡି) ୬୭.୧ ବିଲିଅନ ଡଲାରରେ ପହଁଚିଥିଲା । ଯାହାକି ୧୦ବର୍ଷରେ ସର୍ବୋଚ୍ଚ ଥିଲା । ତେବେ ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରାଯାଇପାରିଥିଲା । ଦେଶକୁ ଦେଶକୁ ୫୭.୯ ବିଲିଅନ ଡଲାରର ନେଟ୍ ଫିଂଜି ଆଗମନ, ବୈଦେଶିକ ମୁଦ୍ରା ଭଣ୍ଡାରକୁ ଉଠାଣ ହ୍ରାସ ଏବଂ ରୁଷ ଠାରୁ ରିହାତିରେ ଅଶୋଧିତ ତେହଲ କ୍ରୟ ଯୋଗୁଁ ସିଏଡି ୨୬.୧ ବିଲିଅନ ଡଲାରକୁ ହ୍ରାସ ପାଇଥିଲା । ଏବେ ଇରାନ-ଆମେରିକା ଯୁଦ୍ଧ ଯୋଗୁଁ ସେପରି ହେବାର ସମ୍ଭାବନା ନାହିଁ । ବିଶ୍ୱବ୍ୟାପୀ ଅଶୋଧିତ ତୈଳର ସଂକଟ ସୃଷ୍ଟି ହୋଇଥିବା ବେଳେ ରୁଷଠାରୁ ଭାରତ ଆଉ ରିହାତିରେ ତୈଳ କିଣିବା ସମ୍ଭାବନା ଆଦୌ ନାହିଁ । ଆମେରିକା ଚାପରେ ଭାରତ ରୁଷ ଠାରୁ ତୈଳ କିଣିବା ବନ୍ଦ କରି ନିଜ ଗୋଡରେ ନିଜେ କୁରାଢୀ ମାରିଛି । କେବଳ ଅର୍ଥନୀତି ନୁହେଁ, ଫର୍ଟିଲାଇଜର ସେକ୍ଟରକୁ ଗ୍ୟାସ କଟକଣା ଯୋଗୁଁ ଦେଶରେ ସାର ଉତ୍ପାଦନ ହ୍ରାସ ପାଇବା ଯୋଗୁଁ କୃଷି କ୍ଷେତ୍ର ବିଶେଷ ଭାବେ ପ୍ରଭାବିତ ହେବା ସମ୍ଭାବନା ଅଧିକ । ଏବେ ଫର୍ଟିଲାଇଜର ସେକ୍ଟରକୁ ଚାହିଦା ମୁତାବକ ଗ୍ୟାସ ଯୋଗାଣ ସତ୍ତ୍ୱେ ଦେଶରେ ଉତ୍କଟ ସାର ଅଭାବ ଲାଗି ରହିଛି । ସାର ଉତ୍ପାଦନ ପୁଣି ହ୍ରାସ ପାଇବା ଆଶଙ୍କା ଥିବାରୁ ଦେଶରେ କୃଷି ଉତ୍ପାଦନ ହ୍ରାସ ପାଇବା ଆଶଙ୍କା ଏଡାଇ ଦେଇ ହେଉନାହିଁ । କହିବା ବାହୁଲ୍ୟ ଯେ, ଜିଡିପିରେ କୃଷିର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବାରୁ ଅର୍ଥନୀତି ଉପରେ ପ୍ରଭାବ ପକାଇବ । ଏଥିଲାଗି ବେଳହୁଁ ସାମଧାନ ହେବା ଜରୁରୀ ।

# ମଣିଷର ମନୋବୃତ୍ତି ଓ ତାର କ୍ରିୟା ପ୍ରତିକ୍ରିୟା



**ପ୍ରାବନ୍ଧିକ ନୂତନ କୁମାର ବେହେରା**

ସମଗ୍ର ଜୀବ ଜଗତକୁ ନେଇ ପ୍ରାଣୀଜଗତ ଓ ଉଦ୍ଭିଦ ଜଗତର ଏ ସୁନ୍ଦର ପରିବେଶ, ଆଉ ଏ ପରିବେଶରେ ହିଁ ପରିପ୍ରକାଶ ହୁଏ ତାର ସବୁକିଛି । ସୃଷ୍ଟିରେ ମଣିଷ ଶ୍ରେଷ୍ଠ ପ୍ରାଣୀ । ସୁଖ ଶାନ୍ତି ଆନନ୍ଦରେ ରହିବା ପାଇଁ ଗଢ଼ିଛି ସେ ସମାଜ । ପରସ୍ପର ମଧ୍ୟରେ ସହଯୋଗ ରଖି ସମୂହ ସ୍ୱାର୍ଥକୁ ନେଇ ଜୀବନ ଧାରାକୁ ପ୍ରବାହିତ କରିବା ହେଉଛି ସମାଜର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ମଣିଷ ଶ୍ରେଷ୍ଠ ଜୀବ ବା ପ୍ରାଣୀ । ଚେତନଶୀଳ, ସେ ମନ ବୁଦ୍ଧି ବିବେକ ଜ୍ଞାନ ଦ୍ୱାରା ହୁଏ ପରିଚାଳିତ । ସୁତରାଂ ମଣିଷର ମନ ସଦାସର୍ବଦା କ୍ରିୟାଶୀଳ । ଜାଗ୍ରତରେ ହେଉ ଅବା ନିଦ୍ରିତ ଅବସ୍ଥାରେ, ସବୁବେଳେ ଭାବନାରେ ଥାଏ ତାର ମନ । ମନକୁ ଦେଖି ହୁଏନା ସେ ସୂକ୍ଷ୍ମାତୀସୁକ୍ଷ୍ମ ଏ ଚେତନତା । ସେହି ମନର ନିର୍ଦ୍ଦେଶରେ ମଣିଷ ପରିଚାଳିତ ହୁଏ । ତାର ସ୍ୱଭାବ ଗୁଣ ଆଚାର ବ୍ୟବହାର ଚରିତ୍ର ସବୁ ମନ ଦ୍ୱାରା ପ୍ରଭାବିତ ହୋଇଥାଏ । ଯାକାକୁ ଏକପଦରେ କହିଥାଉ ମନୋବୃତ୍ତି । ସେହି ମନୋବୃତ୍ତି ଅନୁଯାୟୀ ମଣିଷ ସମାଜରେ ତାର ଜୀବନ ଗଢ଼େ ଓ ପରିବେଶ ସହିତ ଖାପଖୁଆଇ ଚଳେ, ଯା ତାର କ୍ରିୟା ପ୍ରତିକ୍ରିୟାରୁ ଉପଲବ୍ଧି କରି ହୁଏ । ଜନ୍ମରୁ ମୃତ୍ୟୁ ଯାଏ ମଣିଷ ନିଜର ମନୋବୃତ୍ତି ଅନୁସାରେ କାର୍ଯ୍ୟ କରିଥାଏ । ଅସ୍ତିକ ନାସ୍ତିକ ବା ସକାରାତ୍ମକ ନକରାତ୍ମକ କାର୍ଯ୍ୟରେ ଲିପ୍ତ ରହେ । ବୈଜ୍ଞାନିକ ସିଦ୍ଧାନ୍ତ ଅନୁସାର ମଣିଷର ଜିନ୍ ଏ ସବୁକୁ ନିୟନ୍ତ୍ରଣ କରିଥାଏ । ମନ ସର୍ବଦା ସ୍ୱାଧୀନ ସ୍ୱତନ୍ତ୍ର ରହିବାକୁ ଚାହେଁ । ତାର ଭାବ ଆବେଗକୁ ନେଇ ରହେ । ମଣିଷର ଏ ମନୋବୃତ୍ତି ଶିକ୍ଷା ସଂସ୍କାର ତଥା ବୟସ ଅଭିଜ୍ଞତା ଓ ପରିବେଶକୁ ନେଇ ପରିମାର୍ଜିତ ହୋଇଥାଏ । ଇଚ୍ଛା କରିବା ଆଶା ଆକାଂକ୍ଷା ରଖିବା, ତାକୁ ନେଇ ଭାବିବା ହିଁ ସ୍ୱପ୍ନ । ଆଉ ସେ ସ୍ୱପ୍ନକୁ ସାକାର କରିବା ଉଦ୍ୟମ ପ୍ରଚେଷ୍ଟା ହିଁ ଶ୍ରମ ବା ସାଧନା । ଏ ସବୁର ସଫଳ ରୂପାୟନ କରିବା ପାଇଁ ଉଭୟ ଶାରୀରିକ ଓ ମାନସିକ ଦକ୍ଷତା ଆବଶ୍ୟକ ହୁଏ । ବ୍ୟକ୍ତିଗତ ଜୀବନଠାରୁ ପାରିବାରିକ ତଥା ସାମାଜିକ ଜୀବନରେ ମଣିଷ ନିଜ ମନୋବୃତ୍ତିକୁ ନେଇ ଚଳେ । ଅନେକ ସମୟରେ ସେ ନିଜର ସଂଯମତା ହରାଇ ବସେ । ମାନସିକ ଭାରସାମ୍ୟତା ନ ରଖି ଭୁଲ୍ କରେ ଅପରାଧ କରେ । ଲୋଭ ମୋହ ମାୟାରେ ପଡ଼ି ସ୍ୱେଚ୍ଛାଚାରୀ ହୁଏ, ସ୍ୱାର୍ଥରେ ଜଡ଼ିତ ହୋଇ ଅମାନୁଷିକ କାର୍ଯ୍ୟ କରେ । ଉନ୍ମାଦନାରେ ପାଗଳାମୀ କରି ପାଗଳ ହୁଏ । ମନ ଓ ଶରୀର ମଧ୍ୟରେ ଯୋଗସୂତ୍ର ରହେ ନାହିଁ । ଜୀବନକୁ ତାର ସଂକଟାପନ୍ନ କରି ପକାଏ । ସମାଜରେ ଦେଖାଯାଏ ଅନେକ ବ୍ୟକ୍ତି ବିଶେଷ ବାଲ୍ୟରୁ ଉଗ୍ର ଗର୍ବୀ ଅହଂକାରୀ ଥାନ୍ତି । ବୟସ କ୍ରମରେ ଶିକ୍ଷା ଦୀକ୍ଷା ପାଇ ଅଭିଜ୍ଞତା ଅର୍ଜନ କରି ଶାନ୍ତ ନମ୍ର ସରଳ ହୋଇଥାନ୍ତି । ମାତ୍ର ବହୁ କ୍ଷେତ୍ରେ ଏ ସବୁର ବ୍ୟତିକ୍ରମ ମଧ୍ୟ ହୁଏ । ବାଲ୍ୟରୁ ବାର୍ଦ୍ଧକ୍ୟ ହେବା ଯାଏଁ ତାର ସ୍ୱଭାବ ଗୁଣ ଚରିତ୍ର ବଦଳେ ନାହିଁ । ଯେଉଁ ପରିବେଶରେ ଶିକ୍ଷା ସଂସ୍କାର ନଥାଏ କି ସାମାଜିକ ଅନୁଶାସନ ବା ଆଇନ୍ କାନୁନ୍ କଠୋର ନ ଥାଏ । ମାଦକ ଦ୍ରବ୍ୟ ବା ନିଶା ବ୍ୟବାହର କରୁଥିବା ବ୍ୟକ୍ତିର ମନୋଭାବ ବା ମନୋବୃତ୍ତି ବଦଳି ନଥାଏ । ମନୋବୃତ୍ତି ନେଇ ମଣିଷ ଉଚ୍ଚାଭିଳାଷି ହୁଏ । ତାର ଉଚ୍ଚ ଆଶା ଆକାଂକ୍ଷାକୁ ସଫଳ କରିବା ପାଇଁ ଯତ୍ନବାନ ରହେ । ଅଧ୍ୟବସାୟ ଜାରି ରଖି ନିରନ୍ତର ଦିନେ ସଫଳତାର ଶୀର୍ଷରେ ପହଞ୍ଚେ । ମଣିଷର ମନୋବୃତ୍ତି ସବୁବେଳେ ଗଠନାତ୍ମକ ଥିଲେ ତାର ଅନ୍ତର୍ନିହିତ ସୁଗୁଣାବଳୀର ପରିପ୍ରକାଶ ହୋଇଥାଏ । ଆଉ ସେ ଯଦି ନକରାତ୍ମକ ବା ଭଙ୍ଗୁର ମନୋଭାବ ବା ମନୋବୃତ୍ତି ରଖିଥାଏ କୀଟ ଦଂଶ କଳିକା ପରି ପୂର୍ଣ୍ଣ ବିକଶିତ ହୋଇ ପାରେନା । ପଥ ଭୁଲି ଅପଥରେ ଯାଏ । ଅସାମାଜିକ ହୁଏ । ଜୀବନ ତାର ଦୁଃଖଦ ହୁଏ । ସାଧାରଣ ସ୍ତରରେ ମଣିଷ ଜଣକର ବିକାଶ ବା ଉଉତି କହିଲେ ଆର୍ଥିକ ମାନଦଣ୍ଡକୁ ହିଁ ଦେଖିଥାଏ ଓ ମୂଲ୍ୟାୟନ କରେ । କିନ୍ତୁ ଆର୍ଥିକ ବିକାଶ ସର୍ବାଙ୍ଗୀନ ବିକାଶ ହୋଇ ନ ଥାଏ । ଆଧ୍ୟତ୍ମିକତାର ବୌଦ୍ଧିକ ବିକାଶ ଆତ୍ମ ସଂସ୍କାର ତଥା ମହନୀୟ ଗୁଣର ବିକାଶ ହିଁ ପ୍ରକୃତ ବିକାଶ । ମନୋବୃତ୍ତି ଅର୍ଥରେ ସ୍ୱାର୍ଥରେ ଜଡ଼ିତ ହେଲେ ମଣିଷର ସ୍ୱଭାବ ବଦଳି ଯାଏ, ସେ ଗର୍ବୀ ଅହଂକାରୀ ହୁଏ । ଅନ୍ୟକୁ ହେୟ ଭାବେ । ଖଳ ପ୍ରବୃତ୍ତି ତାର ବଢିଯାଏ । ପୁରାଣ ଶାସ୍ତ୍ରରେ କଂସ, ରାବଣ, ମହିଷାସୁର ଦୁର୍ଯ୍ୟୋଧନ ଆଦିଙ୍କର ଚରିତ୍ରରୁ ଅନୁମେୟ ହୁଏ । ଇତିହାସ ମଧ୍ୟ ଏ ସଂପର୍କରେ ବହୁ ବହୁ ଦୃଷ୍ଟାନ୍ତ ତାର ପୃଷ୍ଠାରେ ଲିପିବଦ୍ଧ କରିଛି । ମଣିଷର ମନୋବୃତ୍ତି ସହାନୁଭୂତିଶୀଳ ହେବା ବିଧେୟ । ବିପତ୍ତ ପତିତ ପ୍ରତି ସଦୟ ରହି ଅନୁକମ୍ପା ଦେଖାଇବା ଓ ସମ୍ବେଦନଶୀଳ ହେବା ଉଚିତ । କେବେ ମନରେ କାହା ପ୍ରତି ହିଂସା ଘୃଣା ଈର୍ଷା ଆଦି କରିବାର ମନୋବୃତ୍ତି ଆଣିବାର ଅନୁଚିତ । ଅନ୍ୟର ଅଶୁଭ କାମନା କରିବାର ମନୋବୃତ୍ତି ହିଁ ପାପ । ଜୀବନର ଲକ୍ଷ୍ୟ ଅନ୍ଧାରରୁ ଆଲୋକକୁ ଯିବା, ନିଜେ ଆଲୋକିତ ହୋଇ ଅନ୍ୟକୁ ଆଲୋକିତ କରିବା । ପ୍ରଦୀପଟିଏ ଜଳି ଅନ୍ୟ ପ୍ରଦୀପକୁ ଜଳାଇବାରେ ସହାୟକ ହୋଇଥାଏ । ସେମିତି ମଣିଷ ଜୀବନ, ନିଜେ ବଞ୍ଚି ଅନ୍ୟକୁ ବଞ୍ଚାଇବା । ସେଇଥିପାଇଁ ସହଯୋଗ ଓ ସମାଜ । ମଣିଷର ମନୋବୃତ୍ତି ସର୍ବଦା ଶୁଭପ୍ରଦ ଓ ଦୟାଶୀଳ ହେଲେ ଏ ମାନବ ସମାଜ ସ୍ୱର୍ଗ ସମ ହେବ । ସାରା ସଂସାର ହେବ ଆନନ୍ଦଦାୟକ ମଧୁମୟ ।

**କୋହି, ବାରିପଦା, ମୟୂରଭଞ୍ଜ**

# 'ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବ କାଳ ବଳେ'

**ଯଜାତି କେଶରୀ ନାୟକ**

ମଣିଷର ଜୀବନ ଅନେକ ଅନେକ ଅସରନ୍ତି ସ୍ମୃତି, ଅଭୁଲା କୃତି ଓ ବିସ୍ମୃତିରେ ଭରା । ଜୀବନର ଚଲାବାଟରେ ପଦପାତ କରୁଥିଲାବେଳେ ସେ ଭେଟେ ଅଜସ୍ର ବ୍ୟକ୍ତିତ୍ୱ ମାନଙ୍କୁ, ଅସଂଖ୍ୟ ଚିହ୍ନା - ଅଚିହ୍ନା ମୁହଁ ମାନଙ୍କୁ । ପଦଚାରଣା କଲାବେଳେ ଜୀବନର ଯାତ୍ରାପଥରେ କେଉଁ ଜଣଶ-ଅଜଣା ମୁହଁମାନେ ତାକୁ ଭଲ ଲାଗନ୍ତି, କେହି ହସରେ, କୁସିରେ ଚାହିଁ ଦେଇଯାଏ, କିଏ ଆନନ୍ଦରେ ଆଗ୍ରହରେ ପଦେ ଦି'ପଦ କଥା ହୁଏ ତ କିଏ ପୁଣି ମୁହଁ ଫେରେଇ ନିଏ ଏ ବସ୍ତୁବାଦୀ ଦୁନିଆଁରେ । ସମୟର ଅସରନ୍ତି ଛନ୍ଦପତନର ଏହା ହିଁ ବୋଧହୁଏ ଅଲିଖିତ ନିୟମ ।

ଏହି ଅନିତ୍ୟ ସଂସାରରେ ଜନ୍ମ ନେଲେ ଯିବାକୁ ହିଁ ହୁଏ ଦିନେ । ବାସ୍ତବରେ ଯିବାଟା ହିଁ ସତ୍ୟ । ଯାହା ପ୍ରମାଣ କରେ ପୁଣିଥରେ ଆସିବାକୁ । ମାତ୍ର ଯେଉଁମାନେ ପରମପୁରୁଷ ଭଗବତ କୃପାଭିକ୍ଷୁ ଓ ସେବକ ସେମାନେ ଆପଣାର ସ୍ମୃତିର ପଦଚିହ୍ନ ଛାଡ଼ି ଯାଇଥାନ୍ତି ପରବର୍ତ୍ତୀ ସମୟର ଜନମାନସ ପାଇଁ । ସତ୍ୟ, ନ୍ୟାୟ ଓ ତ୍ୟାଗର କ୍ଷୁରଧାରକୁ ଅହର୍ନିଶ ପରୀକ୍ଷା କରୁଥିବା, ଜୀବନ ଯନ୍ତ୍ରଣାରେ ବେଦନାବିଦ୍ଧ ହୋଇ ପର ପାଇଁ ସୁଖର ହସ ବାଣ୍ଟୁଥିବା ଜଣେ ସେହିପରି ଅବିସ୍ମରଣୀୟ ବ୍ୟକ୍ତିତ୍ୱ ଥିଲେ ମୋ ବାପା ସ୍ୱର୍ଗତଃ ଗଣିନାଥ ନାୟକ । ଶ୍ରୀମଦ୍ ଭାଗବତରେ ଉଲ୍ଲେଖ ଅଛି 'ଦେହ ବହିଲେ ନିଶ୍ଚେ ମରି, ସଂସାର ନୁହଁଇ କାହାରି, ବୃକ୍ଷର ତଳେ ଜେହ୍ନେ ଆସି, ପଥିକ ବିଶ୍ରାମନ୍ତି ବସି । ପୁଣି ଚଳନ୍ତି ଶ୍ରମ ସାରି, ସେ ବୃକ୍ଷ ନୁହଁଇ କାହାରି ।' ଏହା ଅବିସମ୍ବାଦିତ ସତ୍ୟ । ମୋହମାୟା ସଂସାରରେ ସମସ୍ତେ ନିଜ ନିଜ କର୍ମକୁ ଆଧାତ୍ମିକ ପଥରେ କ୍ୱଚିତ ନେଇଥାନ୍ତି । ଆମ ସମୟରେ ଜଣେ ନୀରବ ଜୀବନ ସାଧକ ଥିଲେ ସେ । ଜୀବନକୁ ସେ କେବଳ ବଞ୍ଚି ନାହାନ୍ତି, ଜୀବନକୁ କେବଳ ସେ ସାଧି ସାଧି ପରିଶେଷରେ ଈଶ୍ୱର ପ୍ରାପ୍ତି ହୋଇଛନ୍ତି । ଜଣେ ତେଲ ଲୁଣ ସଂସାର ଓ ସାମାଜିକ ଦାୟିତ୍ୱ ପ୍ରତିପାଦନ ସହ ସାର୍ବଜନୀନ ସାଧନା ଦ୍ୱାରା କିପରି ଦିବ୍ୟତ୍ୱ ପ୍ରାପ୍ତି ବା ଦିବ୍ୟ ଜୀବନ ଲାଭ ହୋଇପାରିବ ସେ ତା'ର ଯଥାର୍ଥ ପ୍ରତୀକ ଥିଲେ । ମନେପଡୁଛି ଏକ ବେଦ ଉପନିଷଦର ଦର୍ଶନର ଧାଡ଼ିଟିଏ - 'ସ ଜାତୋ ଯେନ ଜାତେନ ଯାତି ବଂଶଃ ସମୁନ୍ନତିମ୍ । ପରିବର୍ତ୍ତିନି ସଂସାରେ ମୃତଃ କୋବା ନ ଜାୟତେ ।' ଦୁର୍ଲ୍ଲଭ ମଣିଷ ଜୀବନର ସଫଳତା କର୍ମ ଉପରେ ହିଁ ନିର୍ଭର କରିଥାଏ ।

ମଣିଷଟିଏ ଜନ୍ମ ବେଳେ କିଛି ଆଣି ନଥାଏ । ଗଲାବେଳେ କିଛି ନିଏ ନାହିଁ । କାରଣ ଆସିବା ଆଉ ଯିବା ତା' ହାତର କଥା ନୁହେଁ । ନିଜର ଇଚ୍ଛାର ବ୍ୟାପାର ବି ନୁହେଁ । କିନ୍ତୁ ଆସିବା ଆଉ ଯିବାର ମଝିରେ ଯାହା ଥାଏ ତା'ର ନାମ ଜୀବନ । ଏଥିରେ ରହିଛି ଐଶ୍ୱରୀୟ ଇଚ୍ଛା ଓ ନିଜର ସାଧନା । ତେଣୁ ସଂସାରକୁ କୁହାଯାଏ କର୍ମର କ୍ଷେତ୍ର । ଏଇଟି ହେଉଛି କର୍ମ କରିବାର ପ୍ରକୃଷ୍ଟ କ୍ଷେତ୍ର । ଜଣେ ପ୍ରତିଷ୍ଠିତ ହୁଏ ନିଜର କର୍ମରେ ଆଉ ବଞ୍ଚିରହେ ସେହି କର୍ମରେ । ତେଣୁ କୁହାଯାଏ କର୍ମ ହିଁ ଭଗବାନ । ସୁକର୍ମ କରି ଅନେକ ବ୍ୟକ୍ତି ସଫଳତାର ପାହାଚକୁ ଛୁଇଁଛନ୍ତି । ଏ କଥା ନୂଆ ନୁହେଁ । ନୂଆ ହେଉଛି ବ୍ୟକ୍ତିଟିଏ କିପରି ସଫଳ ହୁଅନ୍ତି, ସେହି ଘଟଣା ହିଁ ନୂଆ । ତାହା ଉଦାହରଣ ହୋଇଯାଏ ସାରା ସମାଜ ପାଇଁ । ସେହିପରି ଉଦାହରଣ ସ୍ତରରେ ପହଞ୍ଚିଥିବା ବ୍ୟକ୍ତି ସେଥିଲେ । ସେ ଥିଲେ ଏଇ ଓଡ଼ିଶା ମାଟିର ପୁଅ, ବିଞ୍ଝାରପୁର ମାଟିର ପୁଅ । ରକ୍ତମାଂସର ଅବୟବ ମାତ୍ର ଉଦ୍ୟମ ତାଙ୍କର ଲୌହ ଭଳି କଠିନ । ପ୍ରଚେଷ୍ଟା ବଜ୍ର ଭଳି କଠୋର । ଶପଥ ଓ ଆକାଂକ୍ଷା ହିମାଳୟ ପରି ସୁଉଚ୍ଚ । ୧୯୫୦ ମଇ ୨୧ ତାରିଖରେ ଜନ୍ମ ହୋଇ ବାହୁଡ଼ି ଗଲେ ୨୦୨୫ ଜାନୁଆରୀ ୨ରେ । ରାଜନୀତି ଥିଲା ତାଙ୍କର ସେବାର ମାଧ୍ୟମ । ପ୍ରଥମେ ଜନତା ଦଳରେ ଯୁବନେତା ଭାବେ କାର୍ଯ୍ୟ କରିବା ସମୟରେ ପ୍ରମିଳା ମଲ୍ଲିକଙ୍କ ସଂସ୍ପର୍ଶରେ ଆସି ସ୍ଥାନୀୟ ଅଞ୍ଚଳରେ ବିଜେଡ଼ିକୁ ସଶକ୍ତ କରିବା ସହ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ସହଯୋଗରେ ସ୍ଥାନୀୟ ଅଞ୍ଚଳର ବିଶେଷକରି ବିଞ୍ଝାରପୁରର ଅନେକ ଗ୍ରାମୀଣ ରାସ୍ତା ତିଆରିରେ ସେ ନିଜକୁ ଏପରି ବ୍ରତୀ ରଖିଥିଲେ ଯେ ଆଜି ଯୋଗାଯୋଗ ଓ ସଡ଼କ ପଥର ବିକାଶର ଶ୍ରେୟ ତାଙ୍କୁ ହିଁ ଦିଆଯାଏ । ଅନେକ ଗରିବ ଆଉ ପଛୁଆବର୍ଗର ଲୋକଙ୍କ ପାଇଁ ବିପିଏଲ କାର୍ଡ଼ ଠାରୁ ସ୍ୱାସ୍ଥ୍ୟ ବୀମା ସବୁକିଛି ସେ କରାଇବାରେ ସହଯୋଗ ରଖିଥିଲେ । ରୋଡ଼ସ ଆଣ୍ଡ ବିଲଡିଂ ବିଭାଗ ଅଧୀନରେ ଅନେକ ନିର୍ମାଣଧୀନ ପୋଲ ତିଆରି କରାଇ ଲୋକେଙ୍କ ଯୋଗାଯୋଗ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିଥିଲେ । ନିଜ ରାଜନୀତି କ୍ୟାରିୟର ଜୀବନ ଭିତରେ ସବୁବେଳେ ଘର ପରିବାରକୁ ସେ ପଛକରି ଲୋକଙ୍କ ସେବାରେ ନିଜକୁ ନିୟୋଜିତ ରଖୁଥିଲେ । ଜଣେ ଧର୍ମ ପରାୟଣ ଓ ଭାଇଚାରା ପ୍ରତିଷ୍ଠାର ଅଗ୍ରଦୂତ ସେ ଥିଲେ । ଆମ ପଡ଼ୋଶୀ କିଛି ମୁସଲମାନ ବନ୍ଧୁଙ୍କ ସହ ସେ ଅତ୍ୟନ୍ତ ସୁସମ୍ପର୍କ ରଖି ମନ୍ଦିର ହେଉ କି ମସଜିଦ ସବୁର ଉନ୍ନୟନ କାମର ମୂଳଦୁଆକୁ ସେ ଅଗ୍ରଣୀ କରିପାରିଥିଲେ । ତାଙ୍କ ମୂଳକରେ ଭୂମିହୀନ କେହି ରହିବେ ନାହିଁ । ଦରିଦ୍ରଟି ବୋଲି ସମାଜରେ କେହି ଉପହସିତ ହେବନାହିଁ ସେ ସେମାନଙ୍କୁ ମର୍ଯ୍ୟାଦାର ସହ ଓ ସମ୍ମାନର ସହ ବଞ୍ଚିବା ପାଇଁ ଅତୁଳନୀୟ ଅବଦାନ ରଖିଥିଲେ । ଗରିବ ପରିବାରର ଝିଅ ବିବାହ ହେଉ ବା ଚାଷ ଜମି ପାଇଁ ଆର୍ଥିକ ସହାୟତା । ପିଲାଟି ପାଠପଢ଼ା ପାଇଁ ଆବଶ୍ୟକ ଅର୍ଥ ହେଉ ବା କାହାର ଦୁର୍ଘଟଣା ଜନିତ କଷ୍ଟ । ସମସ୍ତଙ୍କ ପାଇଁ ସେ ଥିଲେ ଉତ୍ସର୍ଗୀକୃତ ପରୋପକାରୀ ମଣିଷ । ୧୯୯୯ର ଭୟାନକ ମହାବାତ୍ୟା ଆମ ବିଞ୍ଝାରପୁର ଅଞ୍ଚଳରେ ନାହିଁ ନଥିବା କ୍ଷତି ସୃଷ୍ଟି କରିଥିଲା । ମହାବାତ୍ୟାର ମଧ୍ୟ ରାତ୍ରିରୁ ହିଁ ସେ ଆରମ୍ଭ କରିଦେଇଥିଲେ ସେବା କାର୍ଯ୍ୟ । ତାଙ୍କ ଦୃଷ୍ଟିରେ ସମସ୍ତେ ଥିଲେ ସମାନ । ଯାଜପୁର ଜିଲ୍ଲା ବିଞ୍ଝାରପୁର ଅଞ୍ଚଳରେ ବୃହତ୍ ଯୌଥ ନାୟକ ପରିବାରର ସେ ଥିଲେ ମୁରବୀ । ତାଙ୍କ ଅବର୍ତ୍ତମାନରେ ପରିବାର ଉପରେ ଯେପରି କଳା ବାଦଲ ପଡ଼ିଗଲା । ତାଙ୍କରି ପୃଷ୍ଠପୋଷକତାରେ ଅନେକ ଦେବାଳୟ, ଅନେକ ଅନୁଷ୍ଠାନ ଗଢ଼ି ଉଠିଛି ।

କେବଳ ସେତିକି ନୁହେଁ ଜଣେ ଗାନ୍ଧୀ ଚିନ୍ତନର ପ୍ରଚାର ପ୍ରସାର ଅନୁରାଗୀ ଓ ତତ୍କାଳୀନ ସମୟରେ ନାରୀ ଶିକ୍ଷାକୁ ପ୍ରେରଣା ଯୋଗାଇବା ସହ ପ୍ରତ୍ୟେୟ ଅସହାୟ ଦୁଃଖିରଙ୍କୁ ସେବା କରିବା ଓ ତାଙ୍କ ଓଠରେ ଟିକେ ହସ ଦେବା ସହ ଗଣ୍ଡାଏ ଖାଦ୍ୟ ମୁଠାଏ ଉପଲବ୍ଧ କରି ନୈତିକ ଶିକ୍ଷା ଦେବା ଥିଲା ତାଙ୍କ ଜୀବନର ଧର୍ମ । ପିଲାଟି ଦିନରୁ ଆଧାତ୍ମିକ ଚେତନାକୁ ନିଜ ବ୍ୟକ୍ତିଚେତନାରେ ରୂପାନ୍ତରିତ କରିଥିଲେ । ତାଙ୍କ ଜୀବନଟି ଥିଲା ଏକ ଖୋଲା ବହି ସଦୃଶ । ପିଲାଟି ଦିନରୁ ସମସ୍ତଙ୍କ ଭିତରେ ଆଧାତ୍ମିକ ଚେତନା ଭରିବା ସହ ସମାଜ ସେବା ଓ ସମାଜ ନୀତିକୁ ସେ ଜୀବନର କେବଳ ବ୍ରତ କରିନଥିଲେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଥିଲେ । ଯିଏ ଧର୍ମକୁ ଆଶ୍ରୟ କରେ ସିଏ ସତ୍ୟନିଷ୍ଠ ହୁଏ । ଧର୍ମ ମନୁଷ୍ୟକୁ ଶୁଦ୍ଧ ମନୁଷ୍ୟରେ ପରିଣତ କରେ । ତା'ଭିତରେ ଥିବା କ୍ଷୁଦ୍ରତା ଓ ସଂକୀର୍ଣ୍ଣତାକୁ ଦୂରେଇ ଦିଏ । ଯିଏ ସମାଜ ସେବାରେ ନିଜକୁ ନିୟୋଜିତ କରିଥାଏ ସେମାନେ ହେଉଛନ୍ତି ସ୍ୱଷ୍ଟିକତୁଲ୍ୟ, ଦୀପ୍ତ, ସ୍ୱଚ୍ଛ ଓ ଶୁଭ୍ର । ରକ୍ତମାଂସର ଶରୀର ଚିରସ୍ଥାୟୀ ନୁହଁ, ମାତ୍ର ଜୀବଦଶାରେ ଯିଏ ଯାହା କରିଯାଇଥାଏ ତାହା ଅମ୍ଳାନ ହୋଇ ରହିଥାଏ ଯୁଗ ଯୁଗକୁ । ଏହି ସଂଘର୍ଷପୂର୍ଣ୍ଣ ଜୀବନରେ ଅନ୍ୟ ମାନଙ୍କ ପାଇଁ ଆପଣାର ମଣିଷଟିଏ ହୋଇ ଅନ୍ୟ ମାନଙ୍କୁ ତିଆରି କରିବା ଓ ଅନ୍ୟ ମାନଙ୍କ ଓଠରେ ହସ ଫୁଟାଇବା ଥିଲା ତାଙ୍କ ଜୀବନଧର୍ମ ।

ଏ ଅନୀତ୍ୟ ସଂସାରରେ ଦିନେ ଯିବାକୁ ହିଁ ପଡ଼େ । ଯିବାଟା ହିଁ ବାସ୍ତବ ସତ୍ୟ । ତେବେ ଯେଉଁମାନେ ଭଗବତ କୃପାଭିକ୍ଷୁ ଓ ସମାଜ ସେବାରେ ନାରୀ ଚେତନାରେ ଜାଗରଣ ରଖିଥାନ୍ତି ସେମାନେ ଆପଣାର ସ୍ମୃତିର ପଦଚିହ୍ନକୁ ଛାଡ଼ି ଯାଇଥାନ୍ତି ପରବର୍ତ୍ତୀ ସମୟର ଜନମାନସ ପାଇଁ । ଆମ ଗହଣରେ ମୋ ବାପା ସ୍ୱର୍ଗତଃ ଗଣିନାଥ ନାୟକ ଆଉ ନାହାଁନ୍ତି ଏକଥା ନିଷ୍ଠୁର ସତ୍ୟ ହେଲେ ବି ବିଶ୍ୱାସ କରିହେଉନି କିନ୍ତୁ ମନୁଷ୍ୟ ତାର କର୍ମ ବଳରେ ସର୍ବଗ୍ରାସୀ କାଳକୁ ମଧ୍ୟ ଜୟ କରିପାରେ । ସେହିପରି ଦେଖିଲେ ଆଧାତ୍ମିକ ସାଧକ, ସମାଜ ସେବୀ ଓ ମାଟି ମୂଳକକୁ ଭଲ ପାଉଥିବା ବ୍ୟକ୍ତିତ୍ୱ କାଳଜୟୀ କହିଲେ ଅତ୍ୟୁକ୍ତି ହେବନାହିଁ । ସେ ଥିଲେ ନିଷ୍କଳଙ୍କ ଓ ଶୁଦ୍ଧ ପବିତ୍ର ସଂକଳ୍ପର ପ୍ରତୀକ । ଶ୍ରୀମଦ୍ ଭାଗବତରେ ନିଜ ଜୀବନ୍ତ ଭଗବାନ ସଦୃଶ ନିଜ ପିତାମାତାଙ୍କ ସେବାକର୍ମ ପ୍ରତି ଉଲ୍ଲେଖ ରହି ଲେଖା ହୋଇଛି - 'ଆଚାର୍ଯ୍ୟ ବ୍ରହ୍ମାର ମୂରତି, ପିତା ପ୍ରତ୍ୟକ୍ଷେ ପ୍ରଜାପତି । ଭ୍ରାତା ଯେ ମୂରତି ଇନ୍ଦ୍ରର, ମାତା ସାକ୍ଷାତ ପୃଥିବୀର । ଅଗ୍ନି ମୂରତି ଅଭ୍ୟାଗତ, ଆତ୍ମାର ମୂର୍ତ୍ତି ସର୍ବଭୂତ । ତାତ ଜନନୀ ଉପକାର, ଶୁଝି କେ ପାରିବ କୁମର । ଗର୍ଭେ ବହନ୍ତି ଦୁଃଖ ସହି, ପୁଣି ପାଳନ୍ତି କ୍ଷୀର ଦେଇ । ସର୍ବ ସମ୍ପଦ ପୁଣି ଦେଇ, ତାହାଙ୍କ ପୋଷଣେ ଜୀଅଇ । ତାହାଙ୍କ ପ୍ରତି ଉପକାରେ, ଶତ ବରଷେ କେହୁ ପାରେ ।' ଏହି ଦିବ୍ୟ ବାଣୀର ମହାବ୍ରତକୁ ଜୀବନରେ ପାଳନ କରୁଥିଲେ ସ୍ୱର୍ଗତଃ ଗଣିନାଥ ନାୟକ । ଜାତସ୍ୟ ଧ୍ରୁବମୃତ୍ୟୁଂ ମନୁଷ୍ୟ କ୍ଷଣ ଭଙ୍ଗୁର ଜୀବନରେ ସଂସାରର ରୀତିନୀତି ଅନୁଯାୟୀ ବାହୁଡ଼ିବ ତ ନିଶ୍ଚୟ କିନ୍ତୁ ଗଣିନାଥ ନାୟକଙ୍କ ପରି ଦିବ୍ୟ ଜୀବନ ବ୍ରତ କରି ଆଗେଇ ଚାଲିଥିବା ସମୟରେ ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ ପୂର୍ବକ ଭାଗବତର ବିଲକ୍ଷଣ ଧାଡ଼ିଟି ସହ ଶେଷ କରୁଛି - 'କେହି ରହିନାହିଁ ରହିବେ ନାହିଁଟି ଭବରଙ୍ଗ ଭୂମି ତଳେ, ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବ କାଳ ବଳେ ।'

**ବିଞ୍ଝାରପୁର, ଯାଜପୁର**

# ସାରସ୍ୱତ ସାଧନାର ଅନନ୍ୟ ପୀଠ : ସାରଳା ସାହିତ୍ୟ ସଂସଦ

**ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)**

ହଜାର ବର୍ଷର ଗୌରବାମୟ ସହର ହେଉଛି କଟକ ସହର । ଏହି ମାଟିରେ ଅନେକ କାଳଜୟୀ, କୃତୀ ଓଡ଼ିଆ ଓ ଗୌରବପୂର୍ଣ୍ଣ କଟକିଆଙ୍କ ସ୍ମୃତି ମଧ୍ୟ ପରିପୂର୍ଣ୍ଣ । ସହରର ଦୁଇପଟରେ ମହାନଦୀ ଓ କାଠଯୋଡ଼ି ଏହାର ଭୌଗୋଳିକ ଅବସ୍ଥିତିକୁ ଅତି ସୁନ୍ଦର ଭାବେ ଗଢ଼ି ତୋଳିଛି । ଭାଷା, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ସମଗ୍ର ଓଡ଼ିଶାରେ କଟକ ସହରର ସ୍ଥାନ ସ୍ୱତନ୍ତ୍ର । କଟକରେ ଅନେକ କାଳଜୟୀ ଲେଖକ ଓ ସାରସ୍ୱତ ସାଧକଙ୍କ ଘର ରହିଛି, ସେମାନଙ୍କ ସାଧନାର ସ୍ମୃତି ରହିଛି । ସେହିପରି ସାରସ୍ୱତ ସାଧକ ମାନଙ୍କୁ ପ୍ରେରଣା ଯୋଗାଇବା ପାଇଁ ଅନେକ ସାରସ୍ୱତ ସଂଗଠନ ମଧ୍ୟ ରହିଛି । ଓଡ଼ିଆ ଭାଷାର ପ୍ରଚାର, ସାହିତ୍ୟ ସାଧକଙ୍କୁ ପ୍ରୋତ୍ସାହନ, ପ୍ରତିଭା ପୂଜା ପାଇଁ ସମର୍ପିତ କାର୍ଯ୍ୟ କରୁଥିବା ସାରସ୍ୱତ ଅନୁଷ୍ଠାନ ମାନଙ୍କ ମଧ୍ୟରେ 'ସାରଳା ସାହିତ୍ୟ ସଂସଦ'ର ସ୍ଥାନ ସର୍ବାଗ୍ରେ । ୪୫ ବର୍ଷ ତଳେ କଟକ ସହରରେ ଏହି ଅନୁଷ୍ଠାନ ଗଢ଼ା ହୋଇଥିଲା । କିନ୍ତୁ ବାସ୍ତବରେ ଏହି ଅନୁଷ୍ଠାନର ବୀଜ ବପନ ହୋଇଥିଲା ଜଗତସିଂହପୁର ଝଙ୍କଡ଼ସ୍ଥିତ ମୁନିଗୋସାଇଁ ପୀଠରୁ ।

କଟକ ସହରରେ ଏପରି ଏକ ଅନୁଷ୍ଠାନ ଗଠନ କରିବା କମ ବଡ଼ ଆହ୍ୱାନ ନଥିଲା । ଝଙ୍କଡ଼ ମୁନିଗୋସାଇଁ ପୀଠରେ ପ୍ରତିବର୍ଷ ଆଦିକବି ସାରଳା ଦାସଙ୍କ ପୁଣ୍ୟ ତିଥି ପାଳନ ଉତ୍ସବରୁ ସଂସଦର ସଭାପତି ଡକ୍ଟର ଇଞ୍ଜିନିୟର ପ୍ରଭାକର ସ୍ୱାଇଁ ସାହିତ୍ୟ ଲେଖିବା ଓ ପଢ଼ିବା ପାଇଁ ପ୍ରେରଣା ପାଇଥିଲେ । ୧୯୭ରେ ଡକ୍ଟର ସ୍ୱାଇଁ ରାଉରକେଲା ଏନଆଇଟି ଛାତ୍ର ଥିବା ଅବସ୍ଥାରେ ଅନ୍ୟ ଛାତ୍ର ମାନଙ୍କୁ ଧରି ଏକ ଅନୁଷ୍ଠାନ ଗଢ଼ି ସାରଳା ଦାସଙ୍କ ପୁଣ୍ୟତିଥ ପାଳନ ଆରମ୍ଭ କରିଥିଲେ । ୧୯୮୧ରେ ଡକ୍ଟର ସ୍ୱାଇଁ ବିଦ୍ୟୁତ ବିଭାଗର ଉଚ୍ଚପଦସ୍ଥ ଯନ୍ତ୍ରୀ ଭାବେ କଟକରେ ଅବସ୍ଥାପିତ ହେଲେ । ସେହି ୧୯୮୧, ଡିସେମ୍ବର ମାସରେ କିଛି ସାହିତ୍ୟିକଙ୍କୁ ଏକାଠି କରି ଡକ୍ଟର ପାଇଁ କଟକରେ ସାରଳା ସାହିତ୍ୟ ସଂସଦ ଗଢ଼ିଲେ । ପ୍ରଖ୍ୟାତ ସାହିତ୍ୟିକ କାଳିନ୍ଦୀ ଚରଣ ପ୍ରାଣିଗ୍ରାହୀ ହେଲେ ପ୍ରଥମ ସଭାପତି ଓ ଡକ୍ଟର ସ୍ୱାଇଁ ହେଲେ ପ୍ରଥମ ସଂପାଦକ । ପଦ୍ମଶ୍ରୀ ପ୍ରତିଭା ରାୟ, ଡାକ୍ତର ନିରଦ କୁମାର ଗଚ୍ଛାୟତ, ଡକ୍ଟର ମହେଶ୍ୱର ମହାନ୍ତିଙ୍କ ଭଳି ବିଶିଷ୍ଟ ସାହିତ୍ୟିକ ସଭ୍ୟ ହେଲେ । ୧୯୮୨ ମସିହା ଜାନୁଆରୀ ୨୯ରେ ସାରଳା ସାହିତ୍ୟ ସଂସଦ ଆନୁଷ୍ଠାନିକ ଭାବେ ଉଦଘାଟନ ହେଲା । ସଭାଗୃହ ନଥିବାରୁ ଅନୁଷ୍ଠାନର ପ୍ରଥମ ସଭା ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ହେଲା । ଏହି ସଭାରେ କାଳିନ୍ଦୀ ଚରଣ ପାଣିଗ୍ରାହୀ, ରାଧାନାଥ ରଥ, ପଠାଣି ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ । ୧୯୮୩ରୁ ଅନୁଷ୍ଠାନ ପ୍ରତିଭାବାନ ସାହିତ୍ୟିକଙ୍କ ଉଦ୍ଦେଶ୍ୟରେ 'ସାରଳା ସମ୍ମାନ' ଦେବା ଆରମ୍ଭ କଲା । ବିଶିଷ୍ଟ ସାହିତ୍ୟିକ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ପ୍ରଥମ ସାରଳା ସମ୍ମାନ ପାଇଥିଲେ । ପରେ ପରେ ସୁରେନ୍ଦ୍ର ମହାନ୍ତି, ମନୋଜ ଦାସ ସୀତାକାନ୍ତ ମହାପାତ୍ର, ରମାକାନ୍ତ ରଥ, ପ୍ରତିଭା ରାୟ ପ୍ରମୁଖ ଏହି ସମ୍ମାନର ଅଧିକାରୀ ହେଲେ । ୧୯୯୬ରେ ସାରଳା ସାହିତ୍ୟ ସଂସଦ କଟକର ବିଜୁ ପଟ୍ଟନାୟକ ଛକରେ ନିଜସ୍ୱ କାର୍ଯ୍ୟାଳୟ ଓ ସଭାଗୃହ ସାରଳା ଭବନ ନିର୍ମାଣ କରିଛି । ୨୦୦୭ ମସିହାର ସାରଳା ସାହିତ୍ୟ ସଂସଦ ଜାତୀୟ ତଥା ଆନ୍ତର୍ଜାତିକ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ଜଣେ ଓଡ଼ିଆଙ୍କୁ 'କଳିଙ୍ଗ ରତ୍ନ ସମ୍ମାନ' ପ୍ରଦାନ କରିବାକୁ ନିଷ୍ପତ୍ତି ନେଲା । ୨୦୦୭ରେ ପ୍ରଥମ ଥର ଜଷ୍ଟିସ ରଙ୍ଗନାଥ ମିଶ୍ର କଳିଙ୍ଗ ରତ୍ନ ସମ୍ମାନ ଲାଭ କଲେ । ପରକୁ ପର ପୂର୍ବତନ ବାଚସ୍ପତି ରବି ରାୟ, ଜଷ୍ଟିସ ଅରଜିତ ପଶାୟତ, ରମାକାନ୍ତ ରଥ, ତୁଳସୀ ମୁଣ୍ଡା, ଜଷ୍ଟିସ ଅନଙ୍ଗ କୁମାର ପଟ୍ଟନାୟକଙ୍କ ଭଳି ବ୍ୟକ୍ତି ଏହି ସମ୍ମାନ ଲାଭ କରିଛନ୍ତି । ଏବେ ସଂସଦ ୧୦୦ରୁ ଅଧିକ ଗ୍ରନ୍ଥ ପ୍ରକାଶନ କରିବା ସହ ବହୁସ୍ଥାନରେ ଶାଖା ଖୋଲିଛି । ଏପରିକି ଦିଲ୍ଲୀ, କୋଲକାତା, ମୁମ୍ବାଇରେ ଅନୁଷ୍ଠାନର ଶାଖା ଖୋଲି ଓଡ଼ିଆ ଭାଷା, ସାହିତ୍ୟର ପ୍ରଚାର ପ୍ରସାରର କରିଚାଲିଛି । ଏହି ଅନୁଷ୍ଠାନ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ 'ସାରଳା ମହାଭାରତ'ର ୧୮ଟି ପର୍ବ ପ୍ରକାଶ କରିଛି । ମହାନଦୀ ରିଂରୋଡ଼ରୁ ପୁରୁଣା ଡିଅର ପାର୍କ ହୋଇ ବିଜୁ ବାବୁଙ୍କ ଆନନ୍ଦ ଭବନ ବାସ ଭବନ ସନ୍ନିକଟ ଅଞ୍ଚଳରେ ରହିଛି ସାରଳା ସାହିତ୍ୟ ସଂସଦ ଯାହାକି ବିଜୁ ପଟ୍ଟନାୟକ ଛକ ଅଞ୍ଚଳ ଅନ୍ତର୍ଭୁକ୍ତ । ଅନେକ ସାରସ୍ୱତ ସଂଗଠନ ଓ ସାରସ୍ୱତ ସାଧକଙ୍କ କାର୍ଯ୍ୟକ୍ରମ ଏପରି ଏକ ମନୋଜ୍ଞ ଅନୁଷ୍ଠାନରେ ନିୟମିତ ଭାବେ ଆୟୋଜିତ ହେଉଛି । ଓଡ଼ିଶାର ଅନ୍ୟଏକ ସାରସ୍ୱତ ସାଧନାର ଅନନ୍ୟ ଓ ଶ୍ରେଷ୍ଠତମ ପୀଠ କହିଲେ ଏହି ସାରଳା ସାହିତ୍ୟ ସଂସଦକୁ ଏହା ଅତ୍ୟୁକ୍ତି ହେବନାହିଁ ।

ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍', ପୁରୁଣା ସୋନାରି, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨

# ସାମସଙ୍ଗ ଗାଲାକ୍ସି ଏସ୍୨୬ ସିରିଜ୍ ଏବଂ ଗାଲାକ୍ସି ବୁଡ୍ ୪ ସିରିଜ୍ ବର୍ତ୍ତମାନ ଭାରତରେ ଉପଲବ୍ଧ



ନୂଆଦିଲ୍ଲୀ: ସାମସଙ୍ଗ ଇଲେକ୍ଟ୍ରୋନିକ୍ସ କୋ।, ଲିମିଟେଡ୍ ଆଜି ଗାଲାକ୍ସି ଏସ୍୨୬ ସିରିଜ୍ ଏବଂ ଗାଲାକ୍ସି ବୁଡ୍ ୪ ସିରିଜର ବିଶ୍ୱସ୍ତରୀୟ ଉପଲବ୍ଧତା ଘୋଷଣା କରିଛି । ସାମସଙ୍ଗର ତୃତୀୟ ପି ଶରଭରକ୍ସବକ୍ସସକ୍ଟଭି୍ର ଇଓ ଫୋନ୍ ଭାବରେ, ଗାଲାକ୍ସି ଏସ୍୨୬ ଅଲଟ୍ରା, ଗାଲାକ୍ସି ଏସ୍୨୬ + ଏବଂ ଗାଲାକ୍ସି ଏସ୍୨୬ ଏପର୍ଯ୍ୟନ୍ତ ଅତ୍ୟନ୍ତ ଅନ୍ତର୍ନିହିତ ଏବଂ ସକ୍ରିୟ ଗାଲାକ୍ସି ଏଇ ଅଭିଜ୍ଞତା ପ୍ରଦାନ କରିଥାଏ, ଯାହାକି ଉପଭୋକ୍ତାମାନଙ୍କୁ କମ୍ ପଦକ୍ଷେପ ସହିତ ଅଧିକ କାର୍ଯ୍ୟ କରିବାରେ ସାହାଯ୍ୟ କରିଥାଏ । ଗାଲାକ୍ସି ଅନପ୍ୟାକ୍ ପରେ, ନୂତନ ଭାବରେ ଲଞ୍ଚ ହୋଇଥିବା ଗାଲାକ୍ସି ଏସ୍୨୬ ସିରିଜ୍ ଅସାଧାରଣ ପ୍ରାରମ୍ଭିକ ଚାହିଦା ସୃଷ୍ଟି କରିଛି, ପ୍ରାରମ୍ଭିକ ପ୍ରି-ଅର୍ଡର ଆକଳନ ପୂର୍ବ ରେକର୍ଡଗୁଡ଼ିକ ଅତିକ୍ରମ କରି ଦୁଇ ଅଙ୍କ ବିଶିଷ୍ଟ ବୃଦ୍ଧି ଚିହ୍ନିତ କରିଛି । ପ୍ରିମିୟମ୍ ଗାଲାକ୍ସି ଏସ୍୨୬ ଅଲଟ୍ରା ଶୀଘ୍ର ଷ୍ଟାଣ୍ଡଆଉଟ୍ ମଡେଲ୍ ହୋଇପାରିଛି, ଯାହା ବିଶ୍ ଙ୍କକ୍ସକ୍ଷୟଙ୍ଗସୟର ବ୍ୟାପୀ ୭୦% ରୁ ଅଧିକ ପ୍ରି-ଅର୍ଡର ଗ୍ରାହକଙ୍କ ଦ୍ୱାରା ମନୋନୀତ ।

ଗାଲାକ୍ସି ଏସ୍୨୬ ଅଲଟ୍ରା: ଯେଉଁଠାରେ ଇନୋଭେସନ୍ ଆଗେଇଥାଏ ।

ଗାଲାକ୍ସି ଏସ୍୨୬ ଅଲଟ୍ରା ଏକ ଉପକରଣରେ ସାମସଙ୍ଗର ସବୁଠାରୁ ଉନ୍ନତ ଉଦ୍ଭାବନକୁ ଏକତ୍ର କରିଥାଏ - ଶକ୍ତିଶାଳୀ କାର୍ଯ୍ୟଦକ୍ଷତା, ଏକ ଶିଳ୍ପ-ଅଗ୍ରଣୀ କ୍ୟାମେରା ସିଷ୍ଟମ୍, ବର୍ଦ୍ଧିତ ଅନ୍ତର୍ନିହିତ ଗାଲାକ୍ସି ଏଇ ଏବଂ ବିଲ୍ଟ-ଇନ୍ ପ୍ରାଇଭେସୀ ପ୍ରଦର୍ଶନ ସହିତ ଦୁନିଆର ପ୍ରଥମ ମୋବାଇଲ୍ ଫୋନ୍ ।

ପ୍ରାଇଭେସି ଡିସପ୍ଲେ, ଯାହା ଉନ୍ମୋଚନ ହେବା ପରଠାରୁ ବ୍ୟାପକ ପ୍ରଶଂସା ଆଙ୍କିଛି, ଡିସପ୍ଲେ ଟେକ୍ନୋଲୋଜିରେ ଏକ ସଫଳତା ଅଟେ ଯାହା ଏକ ପିକ୍ସେଲ ସ୍ତରରେ ଏକ ଫୋନରେ ଗୋପନୀୟତାକୁ କିପରି ସୁରକ୍ଷିତ କରାଯାଇପାରିବ । ଦ ଯବଚ୍ଛ ନନ୍ଦିନ ପରିସ୍ଥିତି ପାଇଁ ଡିଜାଇନ୍ ହୋଇଥିବା, ହାର୍ଡୱେର୍ ଏବଂ ସଫ୍ଟୱେର୍ ଦ ଯବଚ୍ଛ ନନ୍ଦିନ ଦେଖିବାର ଅଭିଜ୍ଞତାକୁ ସାମ୍ନା ନକରି ଗୋପନୀୟତାକୁ ସୁରକ୍ଷା ଦେବା ପାଇଁ କାର୍ଯ୍ୟ କରୁଛି । ଦିନସାରା କାର୍ଯ୍ୟଦକ୍ଷତା ପାଇଁ ନିର୍ମିତ, ଗାଲାକ୍ସି ଏସ୍୨୬ ଅଲଟ୍ରା ବର୍ତ୍ତମାନ ପର୍ଯ୍ୟନ୍ତ ଏକ ଗାଲାକ୍ସି ଏସ୍ ସିରିଜରେ ସବୁଠାରୁ ଶକ୍ତିଶାଳୀ ପ୍ରଦର୍ଶନ ପ୍ରଦାନ କରିଥାଏ, ଯାହା କଷ୍ଟୋମାଇଜଡ୍ ମୋବାଇଲ୍ ପ୍ରୋସେସର୍ ଦ୍ୱାରା ଚାଳିତ - ସ୍ନାପଡ୍ରାଗନ୍ ୮ ଏଲିଟ୍ ଜେନ ୫ ମୋବାଇଲ୍ ପ୍ଲାଟଫର୍ମ ଗାଲାକ୍ସି ପାଇଁ - ଉଚଟ, ଏଚଟ ଏବଂ ଘଚଟ ମଧ୍ୟରେ ଅଧିକ ଲାଭ ସହିତ ଶୀଘ୍ର, ଉନ୍ନତ ଅନୁଭୂତିକୁ ସମର୍ଥନ କରେ । ଗାଲାକ୍ସି ଏସ୍୨୬ ଅଲଟ୍ରା ଆଜି ପର୍ଯ୍ୟନ୍ତ ସାମସଙ୍ଗର ସବୁଠାରୁ ଅନ୍ତର୍ନିହିତ ଏବଂ ଉପଭୋକ୍ତା-ଅନୁକୂଳ ଇଓ ଅଭିଜ୍ଞତାକୁ ବ ଲରବକ୍ସଙ୍କକ୍ସରକ୍ସ ଶିଷ୍ଟ୍ୟ କରେ । ଘକ୍ଟଙ୍ଗ ଘଙ୍କୟଶର ପରି ବ ଉରବକ୍ସଙ୍କକ୍ସରକ୍ସ ଶିଷ୍ଟ୍ୟଗୁଡ଼ିକ ସକ୍ରିୟ ଏବଂ ପ୍ରାସଙ୍ଗିକ ପ୍ରସଙ୍ଗ-ସଚେତନ ପରାମର୍ଶ ପ୍ରଦାନ କରୁଥିବାବେଳେ ବର୍ତ୍ତମାନ ସଂକ୍ଷିପ୍ତ ଘଟଣାଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଘଟଣାଗୁଡ଼ିକ ପାଇଁ ସମୟାନୁବର୍ତ୍ତୀ ସ୍ମାରକଗୁଡ଼ିକ । ଏଜେଣ୍ଟମାନଙ୍କର ଏକ ପସନ୍ଦ ମଧ୍ୟ ଏକ ବଟନ୍ ପ୍ରେସ୍ କିମ୍ବା ଭଏସ୍ ପ୍ରମ୍ପ୍ଟ ସହିତ କାର୍ଯ୍ୟଗୁଡ଼ିକୁ ସହଜ କରିବାକୁ ଉପଭୋକ୍ତାମାନଙ୍କୁ ସାହାଯ୍ୟ କରେ ।

# ବନ୍ୟା କ୍ଷତିଗ୍ରସ୍ତ ସହାୟତା ଦାବିରେ ବିଜେଡି ପକ୍ଷରୁ ବିକ୍ଷୋଭ ସହ ଆର.ଆଇ ଅଫିସ ଘେରାଉ

ଚାନ୍ଦବାଲି: ଗତ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ବୈତରଣୀ ନଦୀରେ ଆସିଥି ଛୋଟବଡ ୬/୭ଟି ବନ୍ୟାରେ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ତଳିଆ ଅଞ୍ଚଳ ଆରଡି, ଓଲଗ, ସୁନ୍ଦରପୁର, ନାନ୍ଦପୁର ୪ଟି ପଞ୍ଚାୟତର ୨୨ଟି ଗାଁର ଶତାଧିକ ଚାଷୀଙ୍କର ହଜାର ହଜାର ଏକର ସାରଦ ଧାନତଳି ଧୋଇ ନେଇଥିଲା । ଏପରିକି କିଏ ବ୍ଲକରୁ ବିହନ ଧାନ ଆଣିଥିଲା ତ ଆଉ କିଏ ବଜାରରୁ ଆଣିଥିଲା । ସବୁତକ ବିହନ ଧାନତଳିକୁ ଧୋଇ ନେଇଥିଲା ବନ୍ୟାପାଣି । ଖବର ପାଇବା ପରେ ଜିଲାପାଳ ବନ୍ୟାଞ୍ଚଳ ସହ ଧାନ କ୍ଷେତ ବୁଲି ଦେଖିବା ପରେ ଉଭୟ ଜିଲା ପ୍ରଶାସନ ଓ କୃଷି ବିଭାଗର ଅଧିକାରୀଙ୍କ ପକ୍ଷରୁ ମିଳିତ ଭବେ କ୍ଷେତ୍ରୀୟ ପରିଦର୍ଶନ କରିବା ସହ ଚାଷୀମାନଙ୍କୁ ଭେଟିଥିଲେ । ଏପରିକି କ୍ଷୟକ୍ଷତି ହୋଇଥିବା ଚାଷର କ୍ଷତିପୂରଣ ଖୁବଶିଘ୍ର ଅର୍ଥାତ୍ ଅକ୍ଟୋବର ମାସରେ ମିଳିବ ବୋଲି ପ୍ରତିଶୃତି ଦେଇଥିଲେ ।




ତାହାସହ ଚାନ୍ଦବାଲି ତହସିଲଦାରଙ୍କ ଦପ୍ତରରୁ ଗତ ଅକ୍ଟୋବର ମାସ ୨୫ତାରିଖରେ ଚିଠି ସଂଖ୍ୟା ୧ରେ ପ୍ରକାଶିତ କ୍ଷତିଗ୍ରସ୍ତ ଚାଷୀମାନେ ନିଜର ଚାଷଜମିର ପରିମାଣ, ବ୍ୟାଙ୍କ ବହିର ନକଲ, ପରିଚୟପତ୍ର ଅକ୍ଟୋବର ୨୭ରୁ ନଭେମ୍ବର ୧୫ତାରିଖ ମଧ୍ୟରେ ଆରଡି ରାଜସ୍ୱ ଅଧିକାରୀଙ୍କ ପାଖରେ ଦାଖଲ କରିବା ପାଇଁ ନଟକା ଜାରି ହୋଇଥିଲା । ଏପରିକି କ୍ଷତିଗ୍ରସ୍ତ ଚାଷୀମାନେ ନିର୍ଦ୍ଧାରିତ ସମୟର ମଧ୍ୟରେ ତାଙ୍କର କ୍ଷୟକ୍ଷତିର ଦସ୍ତାବିଜ ଦେଇଥିଲେ ମଧ୍ୟ ସହାୟତା ମିଳିପାରୁ ନାହିଁ ବୋଲି ଚାଷୀମାନେ କହିଛନ୍ତି । ଏପରିକି ଏହି ଅଞ୍ଚଳ ଧୋୟା ଅଞ୍ଚଳ ହୋଇଥିବାରୁ ସମସ୍ତ କ୍ଷତିର ସହାୟତା ମିଳିବ ବୋଲି ଅଧିକାରୀ ପ୍ରକାଶ କରିଥିଲେ । ହେଲେ ସହାୟତା ବିଳମ୍ବକୁ ନେଇ ଜିଲା ପ୍ରଶାସନ ଓ କୃଷି ବିଭାଗର ଉଚ୍ଚପ୍ରଦାଧିକାରୀ ଦୃଷ୍ଟି ଦେବାକୁ ଚାଷୀମାନେ ଦ୍ୱି କରିଛନ୍ତି । ଯଦି ଆସନ୍ତା ୫ଦିନ ମଧ୍ୟରେ ସହାୟତା ରାଶି ନମିଳେ ଆନ୍ଦୋଳନକୁ ଜୋରଦାର କରାଯିବା ସହ ଅଖଚକ୍କ୍ୱନ୍ଦ କରିବେ ବୋଲି ଚେତାବନୀ ଦେଇଛି ବିଜେଡି । ବିଜେଡିର ବରିଷ୍ଠ ନେତାଙ୍କ କହିବା ଅନୁଯାୟୀ ଚାଷ ପ୍ରାରମ୍ଭରୁ ବନ୍ୟାରେ ଗଜା ଓ ବିହନ ହୋଇଯିବା ପରେ ଚାଷୀ ୨ଗୁଣାରେ ପଡୋଶୀ ଜିଲାରୁ ବିହନ ଓ ଧାନତଳି କିଣି ଚାଷ କରିବା ପରେ ଭଲ ଫସଲ ହୋଇଥିଲା । ହେଲେ ବିଜେପି ସରକାର ଚାଷୀମାନଙ୍କର ସହାୟତା ଟଙ୍କାକୁ ହଡ଼ପ କରିବା ସହ ଧୋୟା ସହାୟତା(ଇନପୁଟ) ନଦେଇ ଟଙ୍କା ଫେରାଇ ନେବାକୁ ବସିଛି । ପ୍ରଥମେ ଚାଷରେ ୩୩ପ୍ରତିଶତ କ୍ଷତି ହୋଇଥିବା ଜିଲାପ୍ରଶାସନ ଘୋଷଣା କରିବା ପରେ ପୁଣି ଏବେ ୩୩ପ୍ରତିଶତରୁ କମ କ୍ଷତି ହୋଇଥିବା ଦର୍ଶାଇ ଚାଷୀଙ୍କ ପେଟକୁ ନାତ ମାରିଛି ବିଜେପି ସରକାର ବୋଲି କହିଛନ୍ତି ବିଜେଡିର ବରିଷ୍ଠ ନେତା ମାନେ ।

# ହୋଣ୍ଡା କାରସ ଇଣ୍ଡିଆ ପକ୍ଷରୁ ସର୍ବଭାରତୀୟ ଟେଷ୍ଟ ରନ ଆରମ୍ଭ

ଭୁବନେଶ୍ୱର : ଭାରତରେ ପ୍ରିମିୟମ କାର୍‌ର ଏକ ଅଗ୍ରଣୀ ନିର୍ମାତା ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ (ଏଚସିଆଇଏଲ), ଏହାର ଆଗାମୀ ବ୍ୟାଟେରୀ ଇଲେକ୍ଟ୍ରିକ ଭେଇକିଲ (ବିଇଭି) ଏସୟୁଭିର ପ୍ରଥମ ସର୍ବଭାରତୀୟ ସ୍ତରୀୟ ଟେଷ୍ଟ ରନ୍‌ର ଆରମ୍ଭ କରିଛି । ଏହା ହୋଣ୍ଡାର ଇଲେକ୍ଟ୍ରିକ ମୋବିଲିଟି ଯାତ୍ରାରେ ଏବଂ ଭାରତୀୟ ଗ୍ରାହକଙ୍କ ପାଇଁ ଏକ ନୂଆ ଇଲେକ୍ଟ୍ରିକ ଏସୟୁଭିର ଭବିଷ୍ୟତ ଉନ୍ମୋଚନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପର ଆରମ୍ଭ କରିଛି । ବିଶ୍ୱବ୍ୟାପୀ ହୋଣ୍ଡା ଜିରୋ ଆଲଫା ଭାବେ ପରିଚିତ ଏହି ମଡେଲର ପ୍ରୋଟୋଟାଇପକୁ ଜାପାନ ମୋବିଲିଟି ଶୋ ୨୦୨୫ରେ ଉନ୍ମୋଚନ କରାଯାଇଥିଲା । ଏହି ଟେଷ୍ଟିଙ୍ଗ ପ୍ରୋଗ୍ରାମ ଜାତୀୟ ରାଜପଥ, ସହରାଂଚଳ ରାସ୍ତା ଓ ଆହ୍ୱାନପୂର୍ଣ୍ଣ ଭୂଭାଗ ସମେତ ଭାରତୀୟ ଚାଳନା ସ୍ଥିତିର ଏକ ବିସ୍ତୃତ ଶୃଙ୍ଖଳାରେ ଏହି ଯାନକୁ ମୂଲ୍ୟାୟନ କରିବ । ସ୍ଥାୟିତ୍ୱ, ପରିଚାଳନା, ଚାଳନା ଆରାମ, ଦକ୍ଷତା ଓ ସାମଗ୍ରିକ ନିର୍ଭରଯୋଗ୍ୟତା ଭଳି କ୍ଷେତ୍ରଗୁଡ଼ିକୁ ଗୁରୁତ୍ୱ ଦିଆଯାଇଛି । ଏହି




ଯାନ ଅତ୍ୟଧିକ ଉତାପ ଓ ମୌସୁମୀ ଋତୁ ସ୍ଥିତିରେ ମଧ୍ୟ ପରୀକ୍ଷଣର ସମ୍ମୁଖୀନ ହେବ ଏବଂ ଦୈନନ୍ଦିନ ଉପଯୋଗିତା ନିଶ୍ଚିତ କରିବା ପାଇଁ ବିଭିନ୍ନ ପ୍ରକାରର ଚାର୍ଜିଙ୍ଗ ଭିତିଭୂମିରେ ଏହାର ଚାର୍ଜିଙ୍ଗ ପ୍ରଦର୍ଶନକୁ ମୂଲ୍ୟାୟନ କରାଯିବ । ଏହି ଅବସରରେ ହୋଣ୍ଡା କାର୍‌ସ ଇଣ୍ଡିଆର ଅଧକ୍ଷ ଓ ସିଇଓ ତାକାସି ନାକାଜିମା କହିଛନ୍ତି, "ସର୍ବଭାରତୀୟ ସ୍ତରର ପବ୍ଲିକ ରୋଡ ଭେରିଫିକେଶନ ଟେଷ୍ଟିଙ୍ଗର ଆରମ୍ଭ ଆମର ବୈଦ୍ୟୁତିକୀକରଣ ଯାତ୍ରାର ଏକ ପ୍ରମୁଖ ସଫଳତା ଅଟେ । ଭାରତରେ ସ୍ୱତନ୍ତ୍ର ଚାଳନା ଓ ଜଳବାୟୁ ସ୍ଥିତି ରହିଛି ଏବଂ ବାସ୍ତବ ଦୁନିଆର ପରିବେଶଗୁଡ଼ିକରେ ଆମର ଇଲେକ୍ଟ୍ରିକ ଯାନକୁ ଭଲ ଭାବରେ ପରୀକ୍ଷଣ କରିବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ନୂଆ ଇଲେକ୍ଟ୍ରିକ ଏସୟୁଭିକୁ ଉଭୟ ସହରାଂଚଳ ଓ ଜୀବନଶୈଳୀ-ଭିତିକ ଚାଳନା ପାଇଁ ବିକଶିତ କରାଯାଇଛି, ଯାହା ଦୈନନ୍ଦିନ ବ୍ୟବହାରର ଏକ ବିସ୍ତୃତ ରେଞ୍ଜକୁ ସମର୍ଥନ କରୁଛି । ଭାରତ ଓ ଜାପାନ ଭଳି ପ୍ରମୁଖ ବଜାରଗୁଡ଼ିକରେ ଏହି ମଡେଲର ୨୦୨୬-୨୭ ଆର୍ଥିକ ବର୍ଷରେ ଆନ୍ତର୍ଜାତୀୟ ଉନ୍ମୋଚନ ପାଇଁ ଯୋଜନା ରଖାଯାଇଛି । ଏହି ଯାନକୁ ଭାରତରେ ଉତ୍ପାଦନ କରାଯିବ ଏବଂ ଆନ୍ତର୍ଜାତୀୟ ବଜାରଗୁଡ଼ିକୁ ରପ୍ତାନୀ କରାଯିବ ।

# ମାତ୍ର ୧୯% ବ୍ୟବସାୟିକ ନେତୃବର୍ଗ ଭୂ-ରାଜନୈତିକ ବିପଦ ଅନୁଶୀଳନ କରିଛନ୍ତି: ଟାଟା ଏଆଇଜି-ଡନ୍ ଆଣ୍ଡ୍ ବ୍ରାଡ୍‌ସିଟ୍ ରିପୋର୍ଟ

ଭୁବନେଶ୍ୱର/କଟକ: ମଧ୍ୟପ୍ରାଚ୍ୟରେ ଘଟୁଥିବା ଭୂ-ରାଜନୈତିକ ଘଟଣା ଦ୍ୱାରା ବିଶ୍ୱ ଯୋଗାଣ ଶୃଙ୍ଖଳାର ସମ୍ବେଦନଶୀଳତା ଓ ବ୍ୟବସାୟ ପରିଚାଳନାର ସମ୍ବେଦନଶୀଳତା ସାମ୍ନାକୁ ଆସିଛି । ଟାଟା ଏଆଇଜି ଜେନେରାଲ ଇନସ୍ୟୁରାନ୍ସ କମ୍ପାନି ଓ ଡନ୍ ଆଣ୍ଡ୍ ବ୍ରାଡ୍‌ସିଟ୍ ଇଣ୍ଡିଆ ପକ୍ଷରୁ ମିଳିତ ଭାବେ ପ୍ରସ୍ତୁତ କରାଯାଇଥିବା ହରାଇଜନ୍ ୱାଚ୍ ଇମର୍ଜିଂ ରିସ୍କ ରିପୋର୍ଟ ଅନୁସାରେ ୬୩ ପ୍ରତିଶତ ବ୍ୟବସାୟ ଆଶା କରୁଛନ୍ତି ଯେ, ଅନ୍ତର୍ଜାତୀୟ ସଙ୍କଟ ସେମାନଙ୍କ ବ୍ୟବସାୟ ପରିଚାଳନାକୁ ପ୍ରଭାବିତ କରିବ ଓ ୧୯ ପ୍ରତିଶତ ନେତୃବର୍ଗ ନିୟମିତ ଭାବେ ଭୂ-ରାଜନୈତିକ ବିପଦ ଆକଳନ କରୁଛନ୍ତି । ଦ୍ରୁତ ଗତିରେ ବଦଳୁଥିବା ଭୂରାଜନୈତିକ ସ୍ଥିତି ଦ୍ୱାରା କିଭଳି ସାରା ବିଶ୍ୱର ବ୍ୟବସାୟ ପାଇଁ ପରିଚାଳନା ଓ ଆର୍ଥିକ ଅନିଶ୍ଚିତତା ସୃଷ୍ଟି କରିଥାଏ ତାହା ଉପରେ ଏହି ଅଧ୍ୟାୟ ଆଲୋକପାତ କରୁଛି ଏବଂ ଏହା ବିପଦକୁ ନେଇ ଦୃଢ଼ ପ୍ରସ୍ତୁତିର ଆବଶ୍ୟକତାକୁ ଜଣାଉଛି । ଅନ୍ତର୍ଜାତୀୟ ସ୍ତରରେ ଯୋଗାଣ ଶୃଙ୍ଖଳ ବିସ୍ତାର କରିଥିବା ଭାରତୀୟ ବ୍ୟବସାୟ ପାଇଁ ହର୍ମୁଜ ପ୍ରଣାଳୀ ଓ ଲୋହିତ ସାଗର ଭଳି ପ୍ରମୁଖ ସମୁଦ୍ରପଥରେ ଉତ୍ତେଜନା ଦ୍ୱାରା ମାଲ ପରିବହନ ଖର୍ଚ୍ଚ ବଢ଼ିଥିବା ବେଳେ ଜାହାଜ ଚଳାଚଳ ବିଳମ୍ବିତ ହୋଇଛି ଓ ଇନପୁଟ ମୂଲ୍ୟରେ ଅସ୍ଥିରତା ଦେଖାଦେଇଛି । ଆଇଟି ଓ ତତ୍ ସଂକ୍ରାନ୍ତୀୟ କ୍ଷେତ୍ର, ରସାୟନ ଓ ଫାର୍ମାସ୍ୟୁଟିକାଲ୍, ଅଟୋ ଓ ଆନୁଷଙ୍ଗିକ, ଆର୍ଥିକ ସେବା ଭଳି ୨୫ଟି କ୍ଷେତ୍ରର ୩୦୦ ଭାରତୀୟ ବ୍ୟବସାୟୀକ ନେତୃତ୍ୱଙ୍କୁ ନେଇ ଏହି ସର୍ବେକ୍ଷଣ କରାଯାଇଥିଲା । ଯୋଗାଣ ଶୃଙ୍ଖଳ ବିଭ୍ରାଟ ହେଉଛି ଏକ ପ୍ରମୁଖ ସମସ୍ୟା । ସର୍ଭେର ୬୦ ପ୍ରତିଶତ ନେତୃବର୍ଗ କହିଥିଲେ ଯେ, ଏହା ଲିଜିଷ୍ଟିକ ଓ ପରିବହନରେ ପ୍ରତିବନ୍ଧକ ସୃଷ୍ଟି କରିଛି । ଆର୍ଥିକ ଅସ୍ଥିରତା ହେଉଛି ଏକ ପ୍ରମୁଖ ବିପଦ କ୍ଷେତ୍ର ଯେଉଁଠାରେ ୪୮ ପ୍ରତିଶତ ବ୍ୟବସାୟ ଆର୍ଥିକ ଅବନତି, ଉଚ୍ଚ ସୁଧ ହାର ଓ ମୁଦ୍ରାସ୍ଫୀତିକୁ ନେଇ ଚିନ୍ତିତ ରହିଛନ୍ତି । ଭୂ-ରାଜନୈତିକ ସଙ୍କଟ, ପ୍ରଯୁକ୍ତି ବିଭ୍ରାଟ, ଆଇନଗତ ଆହ୍ୱାନ ଓ ନିୟାମକ ପରିବର୍ତ୍ତନ ପାଇଁ ବିପଦ ଅଧିକ ଜଟିଳ ହେବାରେ ଲାଗିଛି । ଏହି ବ୍ୟବସାୟମାନଙ୍କ ପାଇଁ ଯୋଗାଣକାରୀ ବିବିଧତା, ଭୂ-ରାଜନୈତିକ ଦୃଷ୍ଟିକୋଣ ଯୋଜନା ଓ ବୀମା ବିପଦ ସ୍ଥାନାନ୍ତରକୁ ପ୍ରତ୍ୟେକ୍ଷ ଭାବେ କାର୍ଯ୍ୟକାରୀ କରିବାକୁ ହେବ । ଟାଟା ଏଆଇଜି ଇନସ୍ୟୁରାନ୍ସ କମ୍ପାନି ଲିମିଟେଡ୍‌ର ବାଣିଜ୍ୟିକ ବ୍ୟବସାୟ ବଂଟନର ମୁଖ୍ୟ ଦୀପକ ଶଙ୍କର କହିଛନ୍ତି ଯେ, "ଭୂ-ରାଜନୈତିକ ବିପଦ ଅନୁଶୀଳନ ସମୟରେ ବ୍ୟବସାୟମାନଙ୍କ ମଧ୍ୟରେ ପ୍ରସ୍ତୁତି ମଧ୍ୟରେ ରହିଥିବା ଅନ୍ତର ଉପରେ ହରାଇଜନ ୱାଚ୍ ଇମର୍ଜି ରିସ୍କ ରିପୋର୍ଟ ଆଲୋକପାତ କରୁଛି । ବ୍ୟବସାୟଗୁଡ଼ିକ ବିଶ୍ୱସ୍ତରୀୟ ସଙ୍କଟ ଓ ଅର୍ଥନୈତିକ ଅସ୍ଥିରତାର ବିଭ୍ରାଟକାରୀ ପ୍ରଭାବକୁ ବୁଝିପାରୁଛନ୍ତି ଏବଂ ଅଧିକଙ୍କ ପାଖରେ ଏହି ବିପଦର ମୂଲ୍ୟାଙ୍କନ ଓ ପ୍ରଶମନ କରିବାର ଢ଼ାଂଚାର ଅଭାବ ରହିଛି । ବିଶ୍ୱ ବିପଦ ଦୃଶ୍ୟପଟ୍ଟ ଅଧିକ ଜଟିଳ ହୋଇପଡ଼ିଥିବା ବେଳେ ବ୍ୟବସାୟମାନଙ୍କୁ ପ୍ରତ୍ୟକ୍ଷ ବିପଦ ପରିଚାଳନା ରଣନୀତି ଗ୍ରହଣ କରିବାକୁ ହେବ ଏବଂ ଯୋଗାଣ ଶୃଙ୍ଖଳା ଓ ପରିଚାଳନାରେ ସ୍ଥିରତାକୁ ଦୃଢ଼ କରିବ । ଟାଟା ଏଆଇଜିରେ ଆମର ବିଶ୍ୱାସ ରହିଛି ଯେ ବ୍ୟାପକ ବୀମା ସମାଧାନ ସହିତ ବିପଦ ବୁଦ୍ଧିମତାକୁ ସମନ୍ୱିତ କରିବା ସୃଷ୍ଟ ଅନିଶ୍ଚିତତାକୁ ଅତିକ୍ରମ କରିବା ଏବଂ ଦୀର୍ଘକାଳୀନ ବ୍ୟବସାୟ ସୁରକ୍ଷାକୁ ଜାରି ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

# ମୋବାଇଲ କ୍ରେଚେସ୍ ଓଡ଼ିଶାରେ ଗୁଣାତ୍ମକ ଶିଶୁ ଯତ୍ନକୁ ସମ୍ପ୍ରସାରିତ କରିବାକୁ ଏକ ବହୁ-କ୍ଷେତ୍ରୀୟ ସହଭାଗୀତା 'ସ୍ନେହ ମଣ୍ଡଳସ୍' ନିମନ୍ତେ ଆହ୍ୱାନ

ଭୁବନେଶ୍ୱର- ମୋବାଇଲ କ୍ରେଚେସ୍ (ଏମ୍‌ସି) ତାହାର ୫୭ତମ ବାର୍ଷିକ ଉତ୍ସବ ପାଳନ ଦିବସରେ ଏକତ୍ରିତ ହେବା ଏବଂ 'ସ୍ନେହ ମଣ୍ଡଳସ୍' (ପ୍ରଯତ୍ନକାରୀ ମଣ୍ଡଳ) ଗଠନ କରିବାକୁ ନାଗରିକ ସମାଜ, ଦକ୍ଷତା ପ୍ରତିଷ୍ଠାନସମୂହ ଏବଂ ରଣକୌଶଳାତ୍ମକ ସହଭାଗୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଆହ୍ୱାନ ଦେଇଛି । ଓଡ଼ିଶାରେ ସମ୍ପ୍ରତି ହଜାର ହଜାର ଶିଶୁ ସେମାନଙ୍କର ପିତା ମାତା କାର୍ଯ୍ୟ କରୁଥିବା ସମୟରେ ସେମାନେ ସମ୍ମୁଖୀନ ହେଉଥିବା ନିରାପଦ, ପରିପୋଷଣକାରୀ ପରିବେଶ ଅଭାବ




କାରଣରୁ ସୃଷ୍ଟି ହେଉଥିବା 'ଯତ୍ନର ଅଭାବ' ପରିସ୍ଥିତିର ମୁକାବିଲା କରିବାକୁ ଏକ ଶକ୍ତିଶାଳୀ ସମ୍ମିଳିତ ପ୍ରୟାସ ଗଢ଼ିତୋଳିବାକୁ ଏହି ପ୍ରଚେଷ୍ଟା ଲକ୍ଷ୍ୟ ରଖିଛି । ଭାରତର ଅଷ୍ଟମ ବୃହତ୍ ରାଜ୍ୟ ହେଉଛି ଓଡ଼ିଶା ଏବଂ ଏଠାରେ ମହିଳା ଶ୍ରମଶକ୍ତିରେ ଅଂଶଗ୍ରହଣରେ ଉଲ୍ଲେଖନୀୟ ବୃଦ୍ଧି ପରିଲକ୍ଷିତ ହେଉଛି ଏବଂ ଏହା ୪୪.୭%ରେ ପହଞ୍ଚିଛି, ଯାହା ଜାତୀୟ ହାରାହାରି ଠାରୁ ଅଧିକ ରହିଛି । ତେବେ ଏହି ଅର୍ଥନୈତିକ ଅଭିବୃଦ୍ଧି ଶିଶୁ ଯତ୍ନ ଭିତ୍ତିଭୂମିର ବ୍ୟାପକ ଅଭାବ ଦ୍ୱାରା ଗୁରୁତର ପ୍ରତିକୂଳ ଭାବରେ ପ୍ରଭାବିତ ହେଉଛି ।ମୋବାଇଲ କ୍ରେଚେସ୍ ଏହି ତାରତମ୍ୟ ଦୂର କରିବାକୁ ଏକ ବୈଷୟିକ ନକ୍ସା ଯୋଗାଇ ଦେଉଛି । ଆମେ ସ୍ନେହ ମଣ୍ଡଳସ୍ (ପ୍ରଯତ୍ନକାରୀ ମଣ୍ଡଳ) ଗଠନ କରିବାକୁ ଆମ ସହିତ ଯୋଗଦେବାକୁ ସହଭାଗୀମାନଙ୍କୁ ଆମେ ଆହ୍ୱାନ କରୁଛୁ, ଯେଉଁଠାରେ ଏମ୍‌ସିଗୁଡ଼ିକ ପ୍ରମାଣ ଆଧାରିତ ବିଷୟବସ୍ତୁ ଏବଂ ବିଦ୍ୱତା ଯୋଗାଇଦେବାକୁ ଯତ୍ନକାରୀ ବୈଷୟିକ ସହଭାଗୀ ଭାବରେ କାର୍ଯ୍ୟ କରିବେ । ଏହି ମଣ୍ଡଳଗୁଡ଼ିକ ଚିନ୍ତାଧାରାରୁ ବାସ୍ତବତାକୁ ରୂପାନ୍ତରିତ ହେବା ସୁନିଶ୍ଚିତ କରିବାକୁ ଏମ୍‌ସି ନିମ୍ନଲିଖିତ ପ୍ରସ୍ତାବ ଦେଉଛି: ସହରାଞ୍ଚଳ ସ୍ଥାନୀୟ ସଂସ୍ଥାସମୂହ: ସହିଦନଗର, ଭୁବନେଶ୍ୱରଠାରେ ଭୁବନେଶ୍ୱର ମହାନଗର ନିଗମ ସମର୍ଥନରେ କ୍ରେଚ ସ୍ଥାପନ ପରେ ଆମେ ଶିଶୁ ଯତ୍ନକୁ ସହର ବିକାଶ ଯୋଜନା ସହିତ ସମନ୍ୱିତ କରିବାକୁ ସହରାଞ୍ଚଳ କେନ୍ଦ୍ରଗୁଡ଼ିକ ଠାରୁ ଏହିଭଳି ସହଯୋଗୀତା ନିମନ୍ତେ ଆହ୍ୱାନ ଦେଉଛୁ । ଶ୍ରୀମତୀ ସୁଲୋଚନା ଦାସ, ମେୟର , ଭୁବନେଶ୍ୱର ମହାନଗର ନିଗମ ଏହି ସହଯୋଗୀତାର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି । ସେ କହିଥିଲେ, "ଶିଶୁ ଯତ୍ନ କେବଳ ଏକ ସାମାଜିକ ସେବା ନୁହେଁ- ଏହା ଏକ ଅର୍ଥନୈତିକ ପରିଚାୟକ । ଆମେ ଓଡ଼ିଶାରେ ତାଲିମପ୍ରାପ୍ତ ଏବଂ ପ୍ରମାଣୀକୃତ ଯତ୍ନ ପ୍ରଦାନକାରୀ କର୍ମୀଙ୍କର ଭଣ୍ଡାରକୁ ସମ୍ପ୍ରସାରଣ କରିବାକୁ ହେବ ଏବଂ ପ୍ରତ୍ୟେକ ପିଲା ଯେଭଳି ପରିପୋଷଣକାରୀ ଯତ୍ନ ପାଇବେ ତାହା ସୁନିଶ୍ଚିତ କରିବାକୁ ହେବ । ଏହି ଯତ୍ନ ପ୍ରଦାନକାରୀମାନେ କେବଳ ସହାୟକ ନୁହଁନ୍ତି, ସେମାନେ ଏକ ବିକଶିତ ରାଷ୍ଟ୍ରର ସକ୍ଷମକାରୀ ଅଟନ୍ତି ।

# ବିଞ୍ଝାଲ ସମାଜ ବ୍ଲକସ୍ତରୀୟ ନୂତନ ପରିଚାଳନା କମିଟିକୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଓ ଜିଲ୍ଲାସ୍ତରୀୟ କମିଟି ଗଠିତ

ପାଟଣାଗଡ଼ : ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ଧୁବଲପଡା ପଞ୍ଚାୟତ ରେଙ୍ଗଟାସିଲ ଛକ ଠାରେ ସର୍ବ ଭାରତୀୟ ସ୍ୱାଲାଖ ବିନ୍ଧ୍ୟଗିରୀବାସୀ ବିଂଝାଲ ସମାଜ ର ବ୍ଲକ ସ୍ତରୀୟ ନୂତନ ପରିଚାଳନା କମିଟି କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସାମାଜିକ ନିର୍ବାଚନ ଆୟୋଗ ତଥା ଚୟନ କମିଟି ର ସଭାପତି ଶଶିକାନ୍ତବରିହା ଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭା ରେ ଉପଲାଟ ସଭାପତି ଚନ୍ଦ୍ରଶେଖର ବାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ମାଁ ବିନ୍ଧ୍ୟ ବାସିନୀ ଦେବୀ ଙ୍କ ପୂଜାର୍ଚ୍ଚନା ପରେ ସମ୍ବର୍ଦ୍ଧନା ଉତ୍ସବରେ ବଲାଙ୍ଗୀର କୁଶ ବରିହା,ପାଟଣାଗଡ଼ କିଶୋର ଚନ୍ଦ୍ର ବରିହା,ଖପ୍ରାଖୋଲ ଚନ୍ଦ୍ରଶେଖର ବରିହା,,ବେଲପଡା,ସୁଗ୍ରେସ ମାଝୀ ସଇଁତଳା ମଧୁସୁଦନ ବରିହା, ଦେଓଗାଁ ମଦନ ବରିହା, ମୁରିବାହାଲ ବନମାଳୀ ବରିହା, ତୁରେକେଲା ହରିହର ବରିହା, ଆଗଲପୁର ପୂର୍ବତନ ସଂପାଦକ ସତ୍ୟନାରାୟଣ ବରିହା, ବଙ୍ଗୋମୁଣ୍ଡା ଉପଦେଷ୍ଟା ଟିକଚନ, ବରିହା,ପୁଇଁତଳା ଅଭିନବ ବରିହା,ଗୁଡଭେଲା ରାଜୁ ବରିହା, ଟିଟିଲାଗଡ଼ ମଦନ ବରିହା,ବ୍ଲକ ସ୍ତରୀୟ ନୂତନ ପରିଚାଳନା କମିଟି ର



ସମସ୍ତ ସଭାପତି ଏବଂ ବଲାଙ୍ଗୀର ସଂପାଦକ ଯୁଗଳ କିଶୋର ବରିହା, ଲୋଇସିଂହା ମୁରାରି ବରିହା, ପାଟଣାଗଡ଼ ଚକ୍ରଧ୍ୱଜ ବରିହା, ଖପ୍ରାଖୋଲ ବିମଳ ବରିହା, ଦେଓଗାଁ ସନାତନ ବରିହା,ପୁଇତଳା ରମେଶ ବରିହା, ସଇଁତଳା ଜୟକାନ୍ତ ବରିହା,ମୁରିବାହାଲ କାର୍ତ୍ତିକ ବରିହା, ତୁରେକେଲା ନିରଞ୍ଜନ ବରିହା,ସଦସ୍ୟଙ୍କୁ ଫୁଲମାଲ୍ୟ ଓ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ନିଃସ୍ୱାର୍ଥପର ନିଷ୍ଠା, ବିନା ପକ୍ଷପାତିତା ,ସ୍ୱଚ୍ଛ ନିର୍ମଳ ଓ ସମାଜ ର ସାମଗ୍ରିକ ବିକାଶୋନ୍ମୁଖୀ ଓ ଶୃଙ୍ଖଳିତ ଭାବେ କାର୍ଯ୍ୟ ନିର୍ବାହ କରିବା ପାଇଁ ଇଷ୍ଟଦେବୀ ମାଁ ବିନ୍ଧ୍ୟ ବାସିନୀ ଦେବୀ ନାଁ ନେଇ ଶପଥ ପାଠ କରାଯାଇଥିଲା । ସଭା ରେ ଜିଲ୍ଲା ସ୍ତରୀୟ ନୂତନ ପରିଚାଳନା କମିଟି ଗଠନ କରିବାକୁ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା । ଏଥିରେ ନୂତନ ଜିଲ୍ଲା ପରିଚାଳନା କମିଟି ଜିଲ୍ଲା ସଭାପତି ଭାବେ ଚନ୍ଦ୍ରଶେଖର ବାଗ, ଉପସଭାପତି ଗନ୍ଧର୍ବ ବରିହା,ସଂପାଦକ ଶଶିକାନ୍ତ ବରିହା,ସହ ସଂପାଦକ ଭକ୍ତ ବରିହା, କୋଷାଧକ୍ଷ ଯୁଗଳ କିଶୋର ବରିହା, ଜିଲ୍ଲା ମିଡିଆ ସେଲ ସଂଯୋଜକ ଗୋରେଖନାଥ ବରିହା, ସାଂସ୍କୃତିକ ସଂଯୋଜକ ନାରାୟଣ ବରିହା, ଶିକ୍ଷାବିତ ଦୂର୍ଯ୍ୟୋଧନ ବରିହା, ସକ୍ରିୟ ସଦସ୍ୟା ନିଲୁ ବରିହା,କ୍ଷିରୋଦିନୀ ବରିହା,ହେମାଙ୍ଗନୀ ବରିହା, ଶାନ୍ତି ବରିହା,ପତ୍ରବାହକ କମ୍ପାଉଣ୍ଡର ବରିହା, ପ୍ରମୁଖ ମନୋନୀତ ହୋଇଥିବା ବେଳେ ଉପଦେଷ୍ଟା ମଣ୍ଡଳୀ ରେ ସମସ୍ତ ବ୍ଲକ ରୁ ଜଣେ ସଦସ୍ୟ ମନୋନୀତ ହୋଇଥିଲେ । ଆସନ୍ତା ୨୧/୨୨ ରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ମହାସଭା ରେ ନୂତନ ଜିଲ୍ଲା ସ୍ତରୀୟ କମିଟି କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ଏଥିରେ ସନୁ ବରିହା,ଟିକେଶ୍ୱର ବରିହା,ଗୋପାଳ ବରିହା,ବୁଡୁ ବରିହା,ସୁରେଶ ବରିହା,କୃଷ୍ଣ ବରିହା,ଜମ୍ବେ ବରିହା,ସର୍ଗୁଲ ବରିହା, ରାମକୃଷ୍ଣ ବରିହା, ବିଘ୍ନେଶ୍ୱର ବରିହା, ଠାକୁର ପ୍ରସାଦ ବରିହା, ଟିକେଚନ ବରିହା ପ୍ରମୁଖ ରହିଛନ୍ତି । ବିପିନ ବରିହା, ଉଦ୍ଧବ ବରିହା, କାର୍ତ୍ତିକ ବରିହା, ବିରେନ୍ଦ୍ର ସିଂ ବରିହା,କେଶବ ବରିହା,,ବିମଳ ବରିହା, ରାମଚନ୍ଦ୍ର ବରିହା,ଶିବ ବରିହା, ବୈଶାଖୁ ବରିହା, ଗୁଣନିଧି ବରିହା,ବସନ୍ତ ବରିହା, କୃପାସିନ୍ଧୁ ବରିହା, ସ୍ୱତନ୍ତ୍ର କନ୍ଦ,ମଙ୍ଗଲୁ ବରିହା, ଶଙ୍କର୍ଷଣ ବରିହା ରାଜୁ ବରିହା, ନାରାୟଣ ବରିହା,ଗୌର ବରିହା, ସୁଦାମ ବରିହା, ଜଗଦୀଶ ବରିହା,, ଅଭି ବରିହା, ଦଇତ୍ୟାରୀ ବରିହା,ଚତୁବରିହା,ମାଧବ ବରିହା, ବିଶ୍ୱାମିତ୍ର ବରିହା, ନିତ୍ୟାନନ୍ଦ ବରିହା,ବିଜ ବରିହା, ବୁଡୁ ବରିହା, ହରିଶ୍ଚନ୍ଦ୍ର ବରିହା ହୃଷୀକେଶ ବରିହା, ପଦ୍ମ ଚରଣ ବରିହା, ପଦ୍ମଲୋଚନ ବରିହା,ଧୁବଲପଡା ଖୁସିରାମ ବରିହା, ଜମିଦାର ବରିହା,ଭେଲା ବରିହା, ରୋହିତ ବରିହା ଲଳିତ ବରିହା, ବିଶ୍ୱନାଥ ବରିହା, ଗୁରୁବାର ବରିହା,ମଗଶିର ବରିହା, ଗାନ୍ଧି ବରିହା ପ୍ରମୁଖ ସହଯୋଗ କରିଥିଲେ । ଚୟନ ଆୟୋଗ କମିଟି ର ସହ ସଂପାଦକ ଗୋରେଖନାଥ ବରିହା ସଭା ପରିଚାଳନା କରିଥିବା ବେଳେ ବଲାଙ୍ଗୀର ବ୍ଲକ ସଭାପତି କୁଶ ବରିହା ଧନ୍ୟବାଦ ଅର୍ପଣ କରିଥିଲେ ।

# ତିହିଡିରେ ରାଜ୍ୟ ସ୍ତରୀୟ ଭଲିବାଲ ଟୁର୍ଣ୍ଣାମେଣ୍ଟ, ସୂର୍ଯ୍ୟଶିଖାକୁ ଧୂଳି ଚଟାଇ ହରିଆଣା ଚମ୍ପିଆନ




ତିହିଡି: ଭଦ୍ରକ ଜିଲ୍ଲା ତିହିଡି କାଳୀପଡିଆରେ ଅୟୋଜିତ ଶ୍ୟାମା କ୍ଲବ ଆୟୋଜିତ ଏକ ଦ୍ୱିବସୀୟ ଦିବାରାତ୍ର ବିଷ୍ଣୁ ସ୍ମାରକୀ ଏକଦିବସୀୟ ଦିବାରାତ୍ର ରାଜ୍ୟସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ-୨୦୨୬ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭଦ୍ରକ ସୂର୍ଯ୍ୟଶିଖାକୁ ଧୂଳି ଚଟାଇ ହରିଆଣା ଚମ୍ପିଆନ୍ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟ ଭଦ୍ରକ ସୂର୍ଯ୍ୟଶିଖା, ପୁରୀ କ୍ଲବ, ଭୁବନେଶ୍ୱର ରେନବୋ, ହରିଆଣା ଓ ଏ.ପି. ସିକ୍ସର (ଯାଜପୁର) ଦଳ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା । ଫାଇନାଲ୍ ମ୍ୟାଚ୍ ଭଦ୍ରକର ସୂର୍ଯ୍ୟଶିଖା ଓ ହରିଆଣା ଦଳ ମଧ୍ୟରେ ହୋଇଥିଲା । ଉକ୍ତ ଖେଳରେ ହରିଆଣା ଦଳ ଭଦ୍ରକ ସୂର୍ଯ୍ୟଶିଖାକୁ ପରାଜିତ କରି ଚମ୍ପିୟନ୍ ହୋଇଥିଲା । ବିଜୟୀ ଦଳଙ୍କୁ ଟ୍ରଫି ସହିତ ୧୦ ହଜାର ଟଙ୍କା ଓ ରନର୍ସ ଦଳକୁ ସିଲଡ ପ୍ରଦାନ କରା ଯାଇଥିଲା । ଏହି ଅବସରରେ ତିହିଡ଼ି ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ, ତିହିଡ଼ି କଲେଜର ପ୍ରାକ୍ତନ ଅଧକ୍ଷ ଡ଼. ଲକ୍ଷ୍ମୀଧର ତ୍ରୀପାଠୀ, ନାଟ୍ୟକାର ଚନ୍ଦ୍ରକାନ୍ତ ମହାନ୍ତି, ସାଂସଦ ପ୍ରତିନିଧି ସୀତାକାନ୍ତ ନାୟକ, ଭାଟପଡ଼ା ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ସୁରେନ୍ଦ୍ର ନାୟକ ଓ ସମାଜସେବୀ ରଘୁନାଥ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଶ୍ୟାମା କ୍ଲବର ୭୫ ବର୍ଷ ପୂର୍ତ୍ତୀ ଉପଲକ୍ଷେ ପୂର୍ବତନ ଭଲିବଲ୍ ଖେଳାଳି ରବିନାରାୟଣ ଜେନା, ସୟଦ୍ ଗୋଲାମ୍ ନବି, ନିରଞ୍ଜନ ବାରିକ୍ ଓ ମନୋଜ କୁମାର ବାରିକଙ୍କୁ କ୍ଲବ୍ ପକ୍ଷରୁ ସମ୍ବର୍ଦ୍ଧିତ କରା ଯାଇଥିଲା । ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଗିରିଜା ରମଣ ଜେନା, ପ୍ରଭାତ ଜେନା, ସନ୍ତୋଷ ବେହେରା, ଚିନ୍ମୟ ବେହେରା, ପ୍ରତାପ ଜେନା, ମନୋଜ ସେନାପତି, ଧିରେନ୍ଦ୍ର ସାହୁ, ଅଜୟ ମହାପାତ୍ର, ବିଜୟ ନାୟକ, ଶାନ୍ତନୁ ଦାଶ, ନରେନ୍ଦ୍ର ବାରିକ୍ ?, ମନୋରଞ୍ଜନ ସାବତ୍ ?, ସୁରେଶ ପାତ୍ର, ସମ୍ବିତ୍ ଜେନା, ଶୁଶାନ୍ତ ଯତି, ଭବାନୀ ବାରିକ, ପ୍ରିୟରଞ୍ଜନ ବେହେରା, ଶୁଭମ ସାର୍ଥକ ଜେନା, ନିରଞ୍ଜନ ବାରିକ୍ ?, କୈଳାସ ବେହେରା, ବିସ୍ମୟ ବିହାରୀ ସାହୁ, ପ୍ରଫୁଲ ଯତି, ରାଜେଶ ନାୟକ ଓ ପିୟୁଷ ପରିଡାଙ୍କ ସହ ଶ୍ୟାମା କ୍ଲବର ସମସ୍ତ ପୁରାତନ ସଦସ୍ୟ, ତିହିଡ଼ି ବ୍ଲକର ସମସ୍ତ ହାଇସ୍କୁଲ୍ କ୍ରୀଡା ଶିକ୍ଷକ ଓ ସ୍ଥାନୀୟ କ୍ରୀଡ଼ାପ୍ରେମୀ ଟୁର୍ଣ୍ଣମେଣ୍ଟ ପରିଚାଳନରେ ସହଯୋଗ କରିଥିଲେ ।

# ମାର୍ଚ୍ଚ ୧୭ ଏବଂ ୧୮ ତାରଖରେ କଟକରେ ହେବାକୁ ଯାଉଛି ଟେକ୍ସ ଅରା ଏକ୍ସପୋ

କଟକ: ଆସନ୍ତା ୧୭ ଓ ୧୮ ମାର୍ଚ୍ଚ ୨୦୨୬ ତାରିଖରେ କଟକର ୱିଣ୍ଡସର ପ୍ୟାଲେସ୍, ସେକ୍ଟର-୬, ସିଡିଏରେ ଟେକ୍ସ ଅରା ଏକ୍ସପୋ ୨୦୨୬ ଆୟୋଜିତ ହେବାକୁ ଯାଉଛି । ଦୁଇଦିନିଆ ଏହି ପ୍ରଦର୍ଶନୀରେ ଭାରତର ପ୍ରମୁଖ ଟେକ୍ସଟାଇଲ୍ ହବ୍ ସୁରତର ୧୪ଟି ପ୍ରମୁଖ ନିର୍ମାତା ସଂସ୍ଥା ତାଙ୍କର ନୂତନ ଓ ଆକର୍ଷଣୀୟ ପୋଷାକ ସଂଗ୍ରହ ପ୍ରଦର୍ଶନ କରିବେ । ଓଡ଼ିଶାର




ବିଭିନ୍ନ ଅଂଚଳ ସହିତ ପାଖପାଖି ରାଜ୍ୟର ଖୁଦ୍ର ବ୍ୟବସାୟୀ, ବୁଟିକ୍ ମାଲିକ ଓ ପୋଷାକ ବ୍ୟବସାୟୀମାନେ ଏହି ଏକ୍ସପୋରେ ନିର୍ମାତାଙ୍କ ଠାରୁ ପଦାର୍ଥ କ୍ରୟ କରିବାର ସୁଯୋଗ ପାଇବେ । ଏହି ପ୍ରଦର୍ଶନୀରେ ଶାଢୀ, ଡିଜାଇନର୍ ଡ୍ରେସ୍ ମେଟେରିଆଲ୍, କୁର୍ତି, ଏଥନିକ୍ ପୋଷାକ ଓ ରେଡି-ଟୁ-ୱେୟାର ଗାର୍ମେଂଟସ୍ ସହ ବିଭିନ୍ନ ପ୍ରକାରର ନୂତନ ଓ ଟ୍ରେଣ୍ଡି କଲେକ୍ସନ୍ ପ୍ରଦର୍ଶିତ ହେବ । ଆସନ୍ତା ପର୍ବପର୍ବାଣୀ ଓ ବିବାହ ଋତୁକୁ ଲକ୍ଷ୍ୟ କରି ନୂତନ ଫ୍ୟାସନ୍ କଲେକ୍ସନ୍ ମଧ୍ୟ ଏଠାରେ ଲଂଚ ହେବ । ଟେକ୍ସ ଅରା ଏକ୍ସପୋ ୨୦୨୬ ସୁରତର ପୋଷାକ ଶିଳ୍ପକୁ ଓଡ଼ିଶାର ବୃଦ୍ଧିଶୀଳ ଖୁଦ୍ର ବଜାର ସହିତ ଯୋଡ଼ିବା ପାଇଁ ଏକ ଶକ୍ତିଶାଳୀ ବ୍ୟବସାୟ ମଂଚ ସୃଷ୍ଟି କରିବାକୁ ଉଦ୍ଦିଶ୍ୟ ରଖିଛି ।

## ଗୁରୁତ୍ୱପୂର୍ଣ୍ଣ ଖଣିଜ ସମ୍ପଦ କ୍ଷେତ୍ରରେ ଭାରତ-ଅଷ୍ଟ୍ରେଲିଆ ସହଭାଗିତାକୁ ସୁଦୃଢ଼ କରିବା ପାଇଁ ଅଷ୍ଟ୍ରେଲୀୟ ମୁଖ୍ୟ ବାଣିଜ୍ୟ ଦୂତାବାସଙ୍କ ସିଏସଆଇଆର-ଆଇଏମଏମଟି ପରିଦର୍ଶନ



ଭୁବନେଶ୍ୱର : କୋଲକାତାର ଅଷ୍ଟ୍ରେଲୀୟ ମୁଖ୍ୟ ବାଣିଜ୍ୟ ଦୂତ (କନସୁଲ୍ ଜେନେରାଲ୍) ମାନ୍ୟବର ବର୍ଣ୍ଣାଡ୍ ଲିଞ୍ଚ୍ ଏବଂ ଅଷ୍ଟ୍ରେଲୀୟ କନସୁଲେଟ୍-ଜେନେରାଲ୍ ?ର ବରିଷ୍ଠ ଅର୍ଥନୈତିକ ଅନୁସନ୍ଧାନ ଅଧିକାରୀ ଶ୍ରୀମତୀ ଅନଘା ଭୁବନେଶ୍ୱରସ୍ଥିତ ସିଏସଆଇଆ-ଇନଷ୍ଟିଚ୍ୟୁଟ୍ ଅଫ୍ ମିନେରାଲ୍ସ ଆଣ୍ଡ ମ୍ୟାଟେରିଆଲ୍ସ ଟେକ୍ନୋଲୋଜି (ସିଏସଆଇଆର-ଆଇଏମଏମଟି) ପରିଦର୍ଶନ କରିଛନ୍ତି। ସେ ସିଏସଆଇଆର-ଆଇଏମଏମଟିର ନିର୍ଦ୍ଦେଶକ ଡକ୍ଟର ରାମାନୁଜ ନାରାୟଣ ଏବଂ ବରିଷ୍ଠ ବୈଜ୍ଞାନିକମାନଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଖଣିଜ ସମ୍ପଦ ଏବଂ ଉନ୍ନତ ଖଣିଜ ପ୍ରକ୍ରିୟାକରଣ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ-ଅଷ୍ଟ୍ରେଲିଆ ସହଯୋଗକୁ ସୁଦୃଢ଼ କରିବା ବିଷୟରେ ଆଲୋଚନା କରିଥିଲେ। ଏହି ପରିଦର୍ଶନ ସମୟରେ, ମାନ୍ୟବର ଲିଞ୍ଚ୍ ଅନୁଷ୍ଠାନର ବିଭିନ୍ନ ବିଭାଗ ବୁଲି ଦେଖିଥିଲେ, ଯେଉଁଥିରେ ଖଣିଜ ଏବଂ ପଦାର୍ଥ ଗୁଣ ନିର୍ଦ୍ଧାରଣ ବିଭାଗ, ଖଣିଜ ପ୍ରକ୍ରିୟାକରଣ ବିଭାଗ ଏବଂ ହାଇଡ୍ରୋ, ବାୟୋ ଓ ଇଲେକ୍ଟ୍ରୋମେଟାଲର୍ଜି ବିଭାଗ ଅନ୍ତର୍ଭୁକ୍ତ । ଏଥିସହ ସେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପ୍ରଯୁକ୍ତିବିଦ୍ୟା ବିକାଶ କ୍ଷେତ୍ରରେ ଚାଲିଥିବା ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ବ୍ୟବସାୟ ବିକାଶ ଏବଂ ସିଏସଆଇଆର-ଆଇଏମଏମଟି 'ସେଣ୍ଟର ଅଫ୍ ଏକ୍ସଲେନ୍ସ'ର ମୁଖ୍ୟ ଡ. କାଳୀ ସଞ୍ଜୟ, ଅଷ୍ଟ୍ରେଲିଆ-ଭାରତ ଷ୍ଟ୍ରାଟେଜିକ ରିସର୍ଚ୍ଚ ଫଣ୍ଡ ମାଧ୍ୟମରେ ଆଡିଲେଡ୍ ବିଶ୍ୱବିଦ୍ୟାଳୟ ଏବଂ ଅଷ୍ଟ୍ରେଲିଆର କମନୱେଲ୍ଥ ବୈଜ୍ଞାନିକ ଏବଂ ଶିଳ୍ପ ଗବେଷଣା ସଂଗଠନ ଭଳି ପ୍ରମୁଖ ଅଷ୍ଟ୍ରେଲୀୟ ଅନୁଷ୍ଠାନଗୁଡ଼ିକ ସହ ସିଏସଆଇଆର-ଆଇଏମଏମଟିର ଚାଲିଥିବା ସହଯୋଗ ବିଷୟରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ସେ ସିଏସଆଇଆର-ଆଇଏମଏମଟିର 'ସେଣ୍ଟର ଅଫ୍ ଏକ୍ସଲେନ୍ସ ଅନ୍ କ୍ରିଟିକାଲ୍ ମିନେରାଲ୍ସ' ଅଧୀନରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ବିଷୟରେ ମୁଖ୍ୟ ବାଣିଜ୍ୟ ଦୂତଙ୍କୁ ଅବଗତ କରାଇଥିଲେ। ମାନ୍ୟବର ବର୍ଣ୍ଣାଡ୍ ଲିଞ୍ଚ୍ ଗୁରୁତ୍ୱପୂର୍ଣ୍ଣ ଖଣିଜ ସମ୍ପଦ କ୍ଷେତ୍ରରେ ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ବୃଦ୍ଧି ପାଉଥିବା ସହଯୋଗକୁ ପ୍ରଶଂସା କରିଥିଲେ। ଏଥିସହିତ ଯୁଗ୍ମ ଗବେଷଣା, ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ପ୍ରଶିକ୍ଷଣ ଏବଂ ବୈଷୟିକ ଜ୍ଞାନକୌଶଳର ଆଦାନପ୍ରଦାନ ମାଧ୍ୟମରେ ଏହି ସମ୍ପର୍କକୁ ଅଧିକ ନିବିଡ଼ କରିବାର ସୁଯୋଗ ରହିଛି ବୋଲି ସେ ଉଲ୍ଲେଖ କରିଥିଲେ। ଶେଷରେ ସିଏସଆଇଆର-ଆଇଏମଏମଟି ପରିସରରେ ଏକ ବୃକ୍ଷରୋପଣ କରାଯାଇଥିଲା, ଯାହା ସ୍ଥାୟୀ ବିକାଶ ଏବଂ ନିରନ୍ତର ବୈଜ୍ଞାନିକ ସହଯୋଗ ପ୍ରତି ଉଭୟ ଦେଶର ପ୍ରତିବଦ୍ଧତାକୁ ସୂଚାଉଛି।

## ରନ୍ଧନ ଗ୍ୟାସ-ପେଟ୍ରୋଲ-ଡିଜେଲର ଯୋଗାଣ ବ୍ୟବସ୍ଥାର ସମୀକ୍ଷା ପାଇଁ ଜିଲ୍ଲାସ୍ତରୀୟ ନିରୀକ୍ଷଣ କମିଟିର ବୈଠକ ଅନୁଷ୍ଠିତ




ବରଗଡ଼ : ବରଗଡ଼ ଜିଲ୍ଲାରେ ଲିକୁଇଫାଇଡ୍ ପେଟ୍ରୋଲିୟମ ଗ୍ୟାସ (ଏଲପିଜି), ପେଟ୍ରୋଲ ଏବଂ ଡିଜେଲ୍ ଯୋଗାଣ ଓ ବଣ୍ଟନ ବ୍ୟବସ୍ଥାର ସମୀକ୍ଷା ପାଇଁ ଜିଲ୍ଲା ସ୍ତରୀୟ ନିରୀକ୍ଷଣ କମିଟିର ଏକ ବୈଠକ ଗତକାଲି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ଆୟୋଜିତ ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ଆଦିତ୍ୟ ଗୋୟଲ ଅଧକ୍ଷତା କରି ଜିଲ୍ଲାରେ ପେଟ୍ରୋଲିୟମ ଗ୍ୟାସ, ଡିଜେଲ ଏବଂ ପେଟ୍ରୋଲର ଉପଲବ୍ଧତା, ଯୋଗାଣ ପ୍ରଣାଳୀ ଓ ବଣ୍ଟନ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ସମସ୍ତ ଏଲପିଜି ଏଜେନ୍ସି ଓ ପେଟ୍ରୋଲ ପମ୍ପଗୁଡ଼ିକର କାର୍ଯ୍ୟପ୍ରଣାଳୀ ସମୀକ୍ଷା କରିଥିଲେ। ସାଧାରଣ ଲୋକମାନଙ୍କୁ କୌଣସି ଅସୁବିଧା ନ ହେବା ପାଇଁ ପର୍ଯ୍ୟାପ୍ତ ପରିମାଣରର ଉପଲବ୍ଧତା ରଖି ସମୟୋପଯୁକ୍ତ ଭାବେ ଇନ୍ଧନ ବଣ୍ଟନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସେଥିପାଇଁ ଯୋଗାଣ ଓ ବଣ୍ଟନ ବ୍ୟବସ୍ଥାରେ ସ୍ୱଚ୍ଛତା ଓ କଠୋର ନିରୀକ୍ଷଣ ରଖିବାକୁ ମଧ ଗୁରୁତ୍ୱ ଦିଆଯାଇଥିଲା।
ବୈଠକରେ ଜିଲ୍ଲାପାଳ ସମସ୍ତ ରନ୍ଧନ ଗ୍ୟାସ ଓ ତୈଳ ଯୋଗାଣ କମ୍ପାନୀର ଯୋଗାଣ ଅଧିକାରୀଙ୍କୁ ଜିଲ୍ଲାରେ ଉପଲବ୍ଧ ପେଟ୍ରୋଲ ଡିଜେଲ ଏବଂ ଏଲପିଜି ଗ୍ୟାସର ଆବଶ୍ୟକତା ତଥା ଉପଲବ୍ଧତା ବିଷୟରେ ସମୀକ୍ଷା କରିବା ପରେ ଖାଉଟିମାନେ ଅଯଥା ପାନିକ ବୁକିଂ ନକରିବାକୁ ପରାମର୍ଶ ଦେଇ କହିଥିଲେ ଯେ, ଜିଲ୍ଲାର ଆବଶ୍ୟକତା ଅନୁଯାଇ ରନ୍ଧନ ଗ୍ୟାସ ତଥା ପେଟ୍ରୋଲ ଏବଂ ଡିଜେଲ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ଅଛି, ତେଣୁ ଖାଉଟିମାନେ ଅଯଥା ଆତଙ୍କିତ କିମ୍ବା ଚିନ୍ତିତ ହେବାର ଆବଶ୍ୟକତା ନାହିଁ। କଳାବଜାରୀ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସ୍ତରୀୟ ମନିଟରିଙ୍ଗ କମିଟି, ଦୁଇଟି ଉପଖଣ୍ଡ ସ୍ତରରେ ଟାସ୍କ ଫୋର୍ସ ସ୍କ୍ୱାର୍ଡ ଗଠନ ସହ ପ୍ରତି ବ୍ଲକ ସ୍ତରରେ ସମସ୍ତ ତହସିଲଦାର ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କଳାବଜାରୀରେ ଲିପ୍ତ ବ୍ୟକ୍ତିଙ୍କୁ ଆଇନ ଅନୁଯାଇ କଠୋର ଦଣ୍ଡରେ ଦଣ୍ଡିତ କରାଯିବ। ଏହା ସହ ଖାଉଟିଙ୍କ ଆପତ୍ତି ଅଭିଯୋଗ ଶୁଣିବା ନିମନ୍ତେ ଜିଲ୍ଲା ଯୋଗାଣ ବିଭାଗ ତରଫରୁ ଏକ ନିୟନ୍ତ୍ରଣ କକ୍ଷ ଖୋଲିବା ସହ ହେଲ୍ପ ଲାଇନ ନମ୍ବର ୦୬୬୪୬-୨୩୩୦୩୩ ଜାରି କରାଯାଇଛି। ଆବଶ୍ୟକ ସ୍ଥଳେ ଖାଉଟି ମନେ ଏହି ହେଲ୍ପ ଲାଇନ ନମ୍ବର କମ୍ବା ଜିଲ୍ଲାର ସମସ୍ତ ତୈଳ ଯୋଗାଣ କମ୍ପାନୀର ଅଧିକାରୀ ତଥା ଏଚପିସିଏଲ୍ ଯୋଗାଣ ଅଧିକାରୀ (୮୩୫୬୮୪୫୭୮୯) ବିପିସିଏଲ୍ ଯୋଗାଣ ଅଧିକାରୀ (୯୯୩୮୦୬୦୭୮୫) ଏବଂ ଆଇଓସିଏଲ୍ ଯୋଗାଣ ଅଧିକାରୀ (୮୨୪୯୧୪୧୫୫୪)ଙ୍କୁ ଯୋଗାଯୋଗ କରି ଜିଲ୍ଲାପାଳ ଅନରୋଧ କରିଛନ୍ତି ।
ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଲଲାଟ କୁମାର ଲୁହାଙ୍କ ସମେତ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଲିଗାଲ ମେଟ୍ରୋଲୋଜିର ଯୁଗ୍ମ ନିୟନ୍ତ୍ରକ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।

## ଶିକ୍ଷା କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବାକୁ ଯାଉଛି କଟକର ମାଇଁ ଛୋଟା ସ୍କୁଲ୍




କଟକ: ଆଜି କାଲି ବ୍ୟସ୍ତ ବହୁଳ ସମାଜରେ ଶିକ୍ଷାର ଏକ ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମାଜରେ ରହି ଆସିଛି। ଶିକ୍ଷା ନାହିଁ ତ କିଛି ନାହିଁ। ଶିକ୍ଷା ମଧ ଆଜି ବ୍ୟୟ ବହୁଳ ହେଇ ଗଲାଣି। ଏହି ବ୍ୟୟ ବହୁଳ ଶିକ୍ଷା କୁ ଏକ ନୂଆ ଦିଗ୍ ଦର୍ଶନ ଦେବା ପାଇଁ କଟକ ସ୍ଥିତ ସେଲ୍ଟର ଛକ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ନିକଟରେ ନୂତନ ଭାବେ ଗଢି ଉଠିଛି ଏକ ନୂଆ ସ୍ୱପ୍ନ ର ଆରମ୍ଭ, ନୂଆ ଭବିଷ୍ୟ ନିର୍ମାଣ (ମାଇଁ ଛୋଟା ସ୍କୁଲ୍) ର ଉଦଘାଟନ ହୋଇଯାଇ ଅଛି। ଆଜି ଏହି ସ୍କୁଲ୍ ର ଉଦଘାଟନ ଉତ୍ସବରେ ୫୦ ରୁ ଉର୍ଦ୍ଧ ଅଭିଭାବକ, ବୁଦ୍ଧିଜୀବୀ ଯୋଗଦାନ କରିବା ସହିତ ମୁଖ୍ୟ ଅତିଥି ଭାବରେ ଜଣେ ସୁଦକ୍ଷ ଓକିଲ, ସମାଜ ସେବୀ, ଅଧ୍ୟାପକ, ଫାଉଣ୍ଡର ଇଣ୍ଡିଆନ ଇନିଷ୍ଟିଚୁଟ୍ ଜୟ ଜଗନ୍ନାଥ ଜେନା, ମୁଖ୍ୟ ବକ୍ତା ଭାବେ ଶିକ୍ଷିକା, ସମାଜ ସେବୀ, ନିର୍ଦ୍ଦେଶକ - ସ୍ୱୟଂଶ୍ରୀ କୋ ଅପରେଟିଭ୍ ଶୋଷାଇଟୀ, ସହ ସମ୍ପାଦିକା କଟକ ଜିଲ୍ଲା ତୀରନ୍ଦାଜ ସଂଘ, ଅର୍ପିତା ଦାସ, ସମ୍ମାନିତ ଅତିଥି ଭାବରେ କଟକ ରଘୁନାଥ ଜୀଉ ମହାବିଦ୍ୟାଳୟର ଏଚ ଓ ଡି ଲକ୍ଷ୍ମୀ ନାୟକଯୋଗ ଦେଇଥିଲେ। ଏହି ମାଇଁ ଛୋଟ ସ୍କୁଲ ର ପ୍ରତିଷ୍ଠାତା ନିର୍ଦ୍ଦେଶକ ପି ଜି ଟି ଇଂଲିଶ ଓ ଡି ଏମ ଭୁବନେଶ୍ୱର ର ଡ ଆସିକୁର ରହମାନ୍ କହିଛନ୍ତି ଯେ, ଏହି ସ୍କୁଲ୍ ପ୍ରି ନର୍ସରୀ ଠାରୁ ଆରମ୍ଭ କରି କ୍ଲାସ ଏକ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ଆରମ୍ଭ ହେବ, ପରବର୍ତ୍ତୀ ସମୟରେ ଏହା ଆହୁରି ଉନ୍ନତି କରିବାର ଯୋଜନା କରାଯାଉଛି।ଛୋଟ ଛୋଟ ଶିଶୁ ମାନଙ୍କୁ କିପରି ଭାବରେ ଗଢି ତୋଳି ହେବ, ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଅତିଥି ମାନେ ବିଭିନ୍ନ ପ୍ରକାରର ରୋଚକ ତଥ୍ୟ ପ୍ରଦାନ କରିଥିଲେ। ଏହି ଅନୁଷ୍ଠାନ ପଇସା ପାଇଁ ନୁହେଁ କେବଳ ଛୋଟ ଛୋଟ ଶିଶୁ ମାନଙ୍କ ଭବିଷ୍ୟତ ଗଢି ତୋଳିବା ରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ସାଧାରଣ ଶିକ୍ଷା ନୁହେଁ ଏ ଆଇ ମାଧ୍ୟମରେ ଶିଶୁ ମାନେ କିପରି ଅଗ୍ରସର ହେବେ ସେ ଦିଗରେ ମଧ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସଭା ଶେଷରେ ମାଇଁ ଛୋଟା ସ୍କୁଲ୍ ର ଏକ ବୁକ୍ ଲେଟ୍ ମଧ ଉନ୍ମୋଚନ କରାଯାଇଥିଲା। ଏହି ଉଦଘାଟନ ଉତ୍ସବରେ ଛୋଟ ଛୋଟ ଶିଶୁ ମାନଙ୍କ ଦ୍ୱାରା ଚିତ୍ରକଳା ପ୍ରତିଯୋଗିତା କରାଯାଇଥିଲା। ଏଥିରେ ୫୦ ରୁ ଉର୍ଦ୍ଧ କୁନି କୁନି ବାଳକ ବାଳିକା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

## ଇଦ୍ - ଉଲ୍ - ଫିତର ପର୍ବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ବାଲେଶ୍ୱର: ଆଜି ସନ୍ଧ୍ୟା ୫.୦୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ ଅଡିଟୋରିୟମ ହଲରେ ବାଲେଶ୍ୱର ଜିଲ୍ଲାପ୍ରଶାସନ ଓ ପୋଲିସ ପ୍ରଶାସନର ମିଳିତ ଉଦ୍ୟମରେ ଇଦ୍ - ଉଲ୍ - ଫିତର ପର୍ବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବିଶେଷ କରି ବାଲେଶ୍ୱର ସହରରରେ ଆସନ୍ତା ୨୦ ଓ ୨୧ ମାର୍ଚ୍ଚରେ ଅନୁଷ୍ଠିତ ହେବାକୁଥିବା ମୁସଲିମ ସମ୍ପ୍ରଦାୟର ଇଦ୍ - ଉଲ୍ - ଫିତର ପର୍ବ କିପରି ସୁଚାରୁ ରୂପେ ପାଳନ କରାଯିବ, ସେନେଇ ଆଲୋଚନା ହୋଇଥିଲା । ଏହି ସଭାରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ ଅଧକ୍ଷତା କରିଥିଲେ । ତାଙ୍କ ସହିତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାଏକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଦେବଜ୍ୟୋତି ଦାଶ ଓ ନିରଞ୍ଜନ ବେହେରା, ଉପ ଜିଲ୍ଲାପାଳ, ବାଲେଶ୍ୱର ଶ୍ରୀଯୁକ୍ତ ଶିବ ମାଲବ୍ୟ, ଉପ ଜିଲ୍ଲାପାଳ, ନୀଳଗିରି ଶ୍ରୀମତୀ ଶୁଭଶ୍ରୀ ରଥ, ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀଣୀ ଶ୍ରୀମତୀ ନିର୍ଲିପ୍ତା ମହାନ୍ତି, ଆଇପିଏସ୍ ଅଧିକାରିଣୀ ଶ୍ରୀମତୀ ମନିଶା ସାଉଗୁନ ଓ ମଞ୍ଜୁସା ବି ଜେଓର୍ଗେ ମଞ୍ଚାସିନ ଥିଲେ। ଏଠାରେ ଅନେକ ମୁସଲମାନ ସମ୍ପ୍ରଦାୟର ଭାଇମାନେ ଯୋଗ ଦେଇଥିଲେ। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଦେବଜ୍ୟୋତି ଦାଶ ମଞ୍ଚ ପରିଚାଳନା କରିଥିଲେ। ଇଦ୍ - ଉଲ୍ - ଫିତର ପର୍ବ ଏକ ଖୁସିର ପର୍ବ । ଏହା ରମଜାନ ମାସର ଶେଷରେ କରାଯାଏ । ଏହି ଦିନରେ ମୁସଲମାନ ସମ୍ପ୍ରଦାୟର ଲୋକମାନେ ଆଲ୍ଲାଙ୍କୁ କୃତଜ୍ଞତା ଜ୍ଞାପନ କରନ୍ତି । ପ୍ରତିବର୍ଷ ପରି ଏବର୍ଷ ମଧ ମୁସଲମାନ ସମ୍ପ୍ରଦାୟର ଲୋକମାନେ ଖୁବ୍ ଧୁମ୍ ଧାମରେ ଏହି ପର୍ବ ପାଳନ କରିବେ ବୋଲି ମନସ୍ଥ କରିଛନ୍ତି। ସକାଳ ୭.୦୦ ଘଟିକାରୁ ଅପରାହ୍ନ ୧୧.୦୦ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର ସହରର ବିଭିନ୍ନ ମସଜିଦ ରେ ପ୍ରାର୍ଥନା କରିବେ । ସନ୍ଧ୍ୟା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ । ଏଥିନେଇ ଜିଲ୍ଲା ପ୍ରଶାସନ ଓ ପୋଲିସ ପର୍ଶସନ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ କହିଛନ୍ତି । ମସଜିଦ ସଫାସୁତୁରା, ପାଣି ବ୍ୟବସ୍ଥା ସହିତ ବିଦ୍ୟୁତ୍ ସେବାରେ ଯେପରି ବାଧା ସୃଷ୍ଟି ନୋ ହୁଏ, ସେଥିପ୍ରତି ବିଶେଷ ଧାନ ଦିଆ ଯିବ ବୋଲି ଏଠାରେ ଆଲୋଚନା ହୋଇଥିଲା । ସୁରକ୍ଷା ବ୍ୟବସ୍ଥାକୁ ଖୁବ୍ କଡାକଡି କରାଯିବ ବୋଲି ଆରକ୍ଷୀ ଅଧୀକ୍ଷକ କହିଥିଲେ ।

## ଚାରି ଦିନ ପରେ ମିଳିଲା ନିଖୋଜ ରେଳ ଅଧିକାରୀଙ୍କ ମୃତଦେହ

ଛତ୍ରପୁର : ଗଞ୍ଜାମ ଥାନା ଅନ୍ତର୍ଗତ ଲକ୍ଷ୍ମୀପୁର ନିକଟରେ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ କୂଅରୁ ଜଣେ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଥିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତକଙ୍କ ପରିଚୟ ଅରବିନ୍ଦ ବେହେରା ବୋଲି ଜଣାପଡ଼ିଛି। ସେ ବ୍ରହ୍ମପୁର ଗୋଶାଣୀନୁଆଗାଁ ଥାନା ଅନ୍ତର୍ଗତ ହିଲାପଟଣା ବାସିନ୍ଦା ଥିବା ସହ ରେଳ ବିଭାଗରେ ସିନିୟର ଏଡୁକେସନ୍ ଏକ୍ସଟେନସନ୍ ଅଫିସର ଭାବେ ଭୁବନେଶ୍ୱରରେ କାର୍ଯ୍ୟରତ ଥିଲେ। ସୂଚନା ଅନୁଯାୟୀ, ସୋମବାର ସକାଳେ ସ୍ଥାନୀୟ ଲୋକେ କୂଅ ଭିତରେ ଏକ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଗଞ୍ଜାମ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ପରେ ସାଇଣ୍ଟିଫିକ ଟିମ ଓ ଛତ୍ରପୁର ଅଗ୍ନିଶମ ବିଭାଗ ପହଞ୍ଚି କୂଅରୁ ମୃତଦେହକୁ



ଉଦ୍ଧାର କରିଛି । ଗଞ୍ଜାମ ଥାନା ଆଇଆଇସି ସୁମିତ୍ରା ବେହେରାଙ୍କ ନେତୃତ୍ୱରେ ତଦନ୍ତ କାର୍ଯ୍ୟ ଚାଲିଥିବା ବେଳେ ଥାନାର ଏଏସଆଇ ପ୍ରତୀପ୍ତ କୁମାର ବେହେରା ଏହି ଘଟଣାର ତଦନ୍ତ ଅଧିକାରୀ (ଓଙ) ଭାବେ ଦାୟିତ୍ୱ ନେଇଛନ୍ତି। ଏହାସହ ସେକେଣ୍ଡ ଅଫିସର ଅନିରୁଦ୍ଧ ସ୍ୱାଇଁ, ଏଏସଆଇ ସୁପ୍ରଭା ସାହୁ, ଅରକ୍ଷିତ ଶବର ଓ ପ୍ରଭାତ ନାୟକ ଘଟଣାସ୍ଥଳରେ ଉପସ୍ଥିତ ଥିବା ଜଣାପଡ଼ିଛି। ପରେ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ମୃତଦେହକୁ ବ୍ରହ୍ମପୁର ଏମ୍ ?କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ସବ୍ ?ବ୍ୟବଚ୍ଛେଦ (ପୋଷ୍ଟମର୍ଟମ) କରାଯାଇଥିଲା। ପୋଷ୍ଟମର୍ଟମ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, ଅରବିନ୍ଦ ବେହେରା ଗତ ୧୨ ତାରିଖରୁ ଭୁବନେଶ୍ୱରରୁ ନିଖୋଜ ଥିଲେ। ଏନେଇ ପରିବାର ପକ୍ଷରୁ ଭୁବନେଶ୍ୱର ଇନଫୋସିଟି ଥାନାରେ ମିସିଂ କେସ୍ ନମ୍ବର-୨୧/୨୦୨୬ ରେ ଏକ ରିପୋର୍ଟ ଦାଖଲ କରାଯାଇଥିଲା। ଏହି ସଂକ୍ରାନ୍ତରେ ଗଞ୍ଜାମ ଥାନାରେ କେସ୍ ନମ୍ବର ୦୩/୨୦୨୬ ରେ ମାମଲା ରୁଜୁ ହୋଇଥିବା ବେଳେ ଘଟଣାର ପ୍ରକୃତ କାରଣ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଗତ ଜାନୁୟାରୀ ମାସରେ ପିତାଙ୍କୁ ହରାଇବା ପରେ ସେ ମାନସିକ ଭାବେ ଚିନ୍ତାଗ୍ରସ୍ତ ଥିଲେ ଏବଂ କେତେବେଳେ ମାନସିକ ସନ୍ତୁଳନ ହରାଇଥିବା ପରିବାର ପକ୍ଷରୁ କୁହାଯାଇଛି।

## ବରଗଡ ଜିଲ୍ଲା ଯାଦବ ସାଂସ୍କୃତିକ ସମାଜ ସାମ୍ବାଦିକ ସମ୍ମିଳନୀ

ବରଗଡ : ବରଗଡ଼ରେ ଏକାଠି ହେବେ ରାଜ୍ୟର ୩୦ ଜିଲ୍ଲାର ଯାଦବ ସମାଜ । ଆସନ୍ତା ମାର୍ଚ୍ଚ ୨୩ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ୪ଦିନ ଧରି ବରଗଡ଼ ଜିଲ୍ଲା ଯାଦବ ସାଂସ୍କୃତିକ ସମାଜ ପକ୍ଷରୁ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞ ଓ ଏକ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ




ହୋଇଥିବା ଯାଦବ କଲ୍ୟାଣ ମଣ୍ଡପକୁ ଉଦଘାଟନ କରି ସର୍ବସାଧାରଣ ଲୋକଙ୍କ ପାଇଁ ତାହା ଉତ୍ସର୍ଗୀକୃତ କରାଯିବ । ଏଥିପାଇଁ ଆଜି ବରଗଡ଼ରେ ଜିଲ୍ଲା ଯାଦବ ସାଂସ୍କୃତିକ ସମାଜ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା । ସମାଜର ସଭାପତି ରାଜୁ ଘିବେଲା କାର୍ଯ୍ୟକ୍ରମର ରୂପରେଖ ଉପରେ ସବିଶେଷ ଆଲୋଚନା ଓ ତଥ୍ୟ ଉପସ୍ଥାପନ କରିଥିଲେ । ବିଶ୍ୱବାସୀଙ୍କ ମଙ୍ଗଳ କାମନା, ଚାଷୀଙ୍କ ଉନ୍ନତି, ଭାଇଚାରା, ଏକତା, ସ୍ନେହ,.ପ୍ରେମ ଓ ଶାନ୍ତିର ସଚେତନତା ବାର୍ତ୍ତା ନେଇ ଏହି ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜନ କରାଯାଉଛି । ପ୍ରଥମ ଦିବସରେ ଅମ୍ବାପାଲି ଜିରା ନଦୀରୁ ଦୁଇ ହଜାର ମହିଳା ମାନସିକ କଳସ ନେଇ ଏକ ବିଶାଳ ସାଂସ୍କୃତିକ ଶୋଭାଯାତ୍ରାରେ ବରଗଡ଼ ସହର ପରିକ୍ରମା କରି ଘୁଲିପାଲି ଯଜ୍ଞ ମଣ୍ଡପରେ ସ୍ଥାପନ କରିବେ । ୪ ଦିନ ଧରି ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ତୁଳାଇଥିବା ପ୍ରତିଭାବାନ ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବା ସହିତ ଲୋକ ମହୋତ୍ସବରେ ବିଲୁପ୍ତ ଲୋକ ସଂସ୍କୃତିର ଗୀତ, ବାଦ୍ୟ ପ୍ରଦର୍ଶନ କରାଯିବ । ଏହି କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ଜିଲ୍ଲାରୁ ଯାଦବ ସମାଜ ଓ ଜନସାଧାରଣ ଯୋଗ ଦେବାକୁ ପ୍ରେସମିଟରେ ସଭାପତି ରାଜୁ ଘିବେଲା ଅନୁରୋଧ କରିଛନ୍ତି ।

## ଜୁରାପାଡାରେ ରାସ୍ତା ଓ ପାନୀୟ ଜଳ ସମସ୍ୟା : ନଳକୂପରୁ ବାହାରୁଛି କଳଙ୍କିଯୁକ୍ତ ଗୋଳିଆ ପାଣି



ଦାରିଙ୍ଗବାଡି : କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ କିରିକୁଟି ପଞ୍ଚାୟତ ର କୁମ୍ଭାରମୁଣ୍ଡା ଗ୍ରାମର ଜୁରାପାଡା ସାହିରେ ଦେଖିବାକୁ ମିଳିଛି ରାସ୍ତା ଓ ପାନୀୟ ଜଳର ସମସ୍ୟା ଦେଖା ଦେଇଛି। କୁହାଯାଏ 'ଜଳ ହିଁ ଜୀବନ' ଶରୀର ପାଇଁ ବିଶୁଦ୍ଧ ପାନୀୟ ଜଳର ଆବଶ୍ୟକ ରହି ଥିବା ବେଳେ ଏଠାରେ ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ଥିବା ଅଭିଯୋଗ ହୋଇଛି,,ଉକ୍ତ ଗାଁ ରେ ୨୫ ରୁ ଉର୍ଦ୍ଧ ପରିବାର ଶତାଧିକ ଲୋକ ବସବାସ କରନ୍ତି । ଏମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ ଗୋଟିଏ ମାତ୍ର ନଳକୂପ ଖୋଳା ଯାଇଛି । ଖରାଦିନ ପୂର୍ବରୁ ବିଭିନ୍ନ ସ୍ଥାନ ରେ ଜଳ କଷ୍ଟ ଦେଖା ଦେଇ ଥିବା ବେଳେ ଏଠି କଳଙ୍କିଯୁକ୍ତ ଗୋଳିଆ ପାଣି ବାହାରୁଚି । ଯାହାରି ଫଳରେ ଗ୍ରାମ ବାସୀ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ଥିବା ଦେଖା ଦେଇଛି। ଉକ୍ତ ଗାଁ ରେ ଚୁଆଁ କି କୂଅ ନଥିବା ଯୋଗୁଁ ପିଇବା ଠାରୁ ଆରମ୍ଭ କରି ଗାଧେଇବା ଏବଂ ଲୁଗା ସଫା କରିବା ଆଦି ପାଇଁ ଗୋଟିଏ ମାତ୍ର ନଳକୂପ ଉପରେ ନିର୍ଭର କରିଥାନ୍ତି । ଏହି ଜୁରାପାଡା ସାହିକୁ ଆଜି ଯାଏଁ ପକ୍କା ରାସ୍ତା ଟିଏ ମଧ ସଂଯୋଗ ହୋଇ ପାରି ନାହିଁ, ଏଣୁ ରାସ୍ତା ଓ ପାନୀୟ ଜଳ ସମସ୍ୟା କୁ ନେଇ ଗ୍ରାମ ବାସୀ ମାନେ ସ୍ଥାନୀୟ ୱାର୍ଡମେମ୍ବର, ସରପଞ୍ଚ, ସମିତିସଭ୍ୟ ତଥା ବ୍ଲକ ପ୍ରଶାସନକୁ ଲିଖିତ ଏବଂ ମୌଖିକ ଭାବେ ବାରମ୍ବାର ଅଭିଯୋଗ କରିଥିଲେ ସୁଧା କୌଣସି ସୁଫଳ ମିଳି ପାରୁନାହିଁ। ଏଠି ଆଜି ବି ଲୋକେ ଅବହେଳିତ। କୁମ୍ଭାରମୁଣ୍ଡା ଗ୍ରାମର ଜୁରାପାଡା ସାହିର ଭୌଗୋଳିକ ପରିସ୍ଥିତି କୁ ଅନୁଧ୍ୟାନ କଲେ ଜଣା ପଡ଼େ ସତେ ଯେମିତି ଅଭିଶପ୍ତ ଜୀବନ ବିତାଉଛନ୍ତି ଗ୍ରାମବାସୀ ।ଲୋକେ ନିଜର ଜୀବନ ବଞ୍ଚାଇବା ପାଇଁ ବାଧ୍ୟ ହୋଇ ନଳକୂପ ର କଳଙ୍କିଯୁକ୍ତ ଗୋଳିଆ ପାଣି ଉପରେ ନିର୍ଭର କରି ଆସୁଛନ୍ତି। ବର୍ଷା ଦିନର ସମସ୍ୟା ନ କହିବା ଭଲ। କାରଣ ବର୍ଷା ଦିନରେ ଏଠି ଯାନ ରେ ଯିବା ତ ଦୂରର କଥା, ପାଦରେ ଚାଲି ଯିବା ମଧ୍ୟ କଷ୍ଟକର ମାଟି ରାସ୍ତା ଯୋଗୁଁ ସମସ୍ୟା ଆହୁରି ଦ୍ୱିଗୁଣ । ଏହି ଅବସ୍ଥାରେ ଉକ୍ତ ଗାଁ ର ଛାତ୍ରଛାତ୍ରୀ ଏବଂ ଅଙ୍ଗନବାଡି ର କୁନି କୁନି ପିଲାମାନେ ବିଦ୍ୟାଳୟ କୁ ଯିବା ସମୟରେ ଅନେକ ଥର ଗୋଡ଼ ଖସି ପଡ଼ିଯାଆନ୍ତି। ତଥାପି ଏହି ସମସ୍ୟା ପ୍ରତି ପ୍ରଶାସନ ଆଜି ବି ନୀରବ ଦ୍ରଷ୍ଟା ସାଜିଛି। ଏହି ବିଷୟରେ କିରିକୁଟି ସରପଞ୍ଚ ମଧୁସ୍ମିତା ପ୍ରଧାନ ଙ୍କୁ ପଚାରିବାରୁ, ଆମେ ବ୍ଲକ ପ୍ରଶାସନ କୁ ଜଣେଇଛୁ ଓ ବ୍ଲକ ରେ ନଳକୂପ ପାଇପ ନ ଥିବା ଯାଗୁଁ କାମ ହୋଇପାରିନି କିନ୍ତୁ ୩/୪ ଦିନ ମଧ୍ୟରେ ଠିକ କରିବୁ ବୋଲି କହୁଛନ୍ତି , ଅନ୍ୟ ପକ୍ଷରେ ଦାରିଙ୍ଗବାଡ଼ି ଗ୍ରାମବିକାଶ ସ୍ୱେଚ୍ଛାସେବୀ ଅନୁଷ୍ଠାନ ର ଯୁବ ସମାଜ ସେବୀ ଅକ୍ଷୟ ପରିଛା ଓ ଉକ୍ତ ଗାଁ ର ସ୍ଥାନୀୟ ୱାର୍ଡ ମେମ୍ବର ଆମୋଷ ପ୍ରଧାନ, ଗ୍ରାମ୍ୟ ସଭାପତି ହେମନ୍ତ ପ୍ରଧାନ, ଉପ ସଭାପତି ଲିଙ୍ଗରାଜ ଦିଗାଳ ଓ ମାଳୁଙ୍ଗା ପ୍ରଧାନ, ଦିଲ୍ଲୀପ ପ୍ରଧାନ, ପିଲାତ ପ୍ରଧାନ, ରାଧିକା ପ୍ରଧାନ ପୁରୁଷମ ପ୍ରଧାନ ସମେତ ସମସ୍ତ ଗାଁ ଲୋକ ଉକ୍ତ ଗାଁ କୁ ଗୋଟିଏ ସୋଲାର ପ୍ରକଳ୍ପ ଓ ପକ୍କା ରାସ୍ତା ନିର୍ମାଣ ନିମନ୍ତେ ଦାବି କରିଛନ୍ତି । ଯଦି ଏହି ସମସ୍ୟାକୁ ତୁରନ୍ତ ସମାଧାନ କରା ନ ଯାଏ ତେବେ ଆଗାମୀ ଦିନରେ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବୁ ଏବଂ ଆଗକୁ ଥିବା ପଞ୍ଚାୟତ ନିର୍ବାଚନ ରେ ଭୋଟ ବର୍ଜନ କରିବୁ ବୋଲି ଚେତାବନୀ ଦେଇଛନ୍ତି ।

## ନବରଙ୍ଗପୁର ଠାରେ ଜନଗଣନା କ୍ଷେତ୍ର ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ




ନବରଙ୍ଗପୁର : ଆଜି ସ୍ଥାନୀୟ ଅଶୋକ ମେହେଟା ସମ୍ମିଳନୀ ଗୃହରେ ଜନଗଣନା କ୍ଷେତ୍ର ପ୍ରଶିକ୍ଷକ ଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଜନଗଣନାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଜିଲ୍ଲାପାଳ ତଥା ପ୍ରମୁଖ ଜନଗଣନା ଅଧିକାରୀ ଡ ମହେଶ୍ୱର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜନଗଣନା କାର୍ଯ୍ୟକୁ କିଭଳି ସୁଚାରୁରୂପେ ପରିଚାଳନା କରାଯିବ ତା ଉପରେ ଉପସ୍ଥିତ ସମସ୍ତ ତାଲିମଦାତାଙ୍କୁ ମାର୍ଗଦର୍ଶନ କରିଥିଲେ ।ଏହି ପ୍ରଶିକ୍ଷଣ କର୍ମଶାଳା ରେ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନଗଣନା ଅଧିକାରୀ ବିଶ୍ୱଜିତ ଚନ୍ଦ୍ର ବର୍ମନ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଉପ ଜିଲ୍ଲାପାଳ ତଥା ଉପଖଣ୍ଡ ଜନଗଣନା ଅଧିକାରୀ ପ୍ରକାଶ କୁମାର ମିଶ୍ର, ତହସିଲଦାର ତେନ୍ତୁଳିଖୁଣ୍ଟି ତଥା ପ୍ରମୁଖ ତାଲିମଦାତା ପୁଷ୍ପାଞ୍ଜଳି ଦଣ୍ଡପାଟ, ତହସିଲଦାର ଉମରକୋଟ ତଥା ପ୍ରମୁଖ ତାଲିମ ଦାତା ମାଧବନ ବାଗ, ଡେପୁଟୀ କଲେକ୍ଟର ନିବେଦିତା ଶତପଥୀ, ସହକାରୀ ଜିଲ୍ଲାପାଳ ଶିବ ଶଙ୍କର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମରେ ମୋଟ ୩୬ ଜଣ କ୍ଷେତ୍ର ପ୍ରଶିକ୍ଷକ ଉପସ୍ଥିତ ଥିଲେ ।ସୂଚନା ଅନୁସାରେ ଆସନ୍ତା ଏପ୍ରିଲ ୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ମୋବାଇଲ ଆପ ଜରିଆରେ ଜନ ସାଧାରଣ ୩୩ ଟି ପ୍ରଶ୍ନ ରସ୍ୱୟଂ ଜନଗଣନା ତଥ୍ୟ ପ୍ରଦାନ କରିବେ ଏବଂ ଏପ୍ରିଲ ୧୬ ରୁ ମେ ୧୫ ପର୍ଯ୍ୟଂତ ଘରକୁଘର ଯାଇ ଜନ ଗଣନାକାରୀ ତଥ୍ୟ ସଂଗ୍ରହ କରିବେ। ଆଜି ପ୍ରଶିକ୍ଷଣ ସମୟରେ ବିଶେଷ କରି ଜନଗଣନା ସମ୍ପର୍କିତ ତଥ୍ୟ ସଂଗ୍ରହ, ସଠିକ୍ ଲେ ଆଉଟ୍ ମ୍ୟାପ୍ ପ୍ରସ୍ତୁତି, ମୋବାଇଲ୍ ଆପ ରେ ଜନଗଣନା ସମ୍ପର୍କିତ ତଥ୍ୟ ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ କିଭଳି ନିର୍ଭୁଲ ତଥ୍ୟ ଅପଲୋଡ଼ କରାଯାଇପାରିବ, ସେ ନେଇ ପ୍ରଶିକ୍ଷକଙ୍କୁ ବ୍ୟବହାରିକ ଜ୍ଞାନ ପ୍ରଦାନ କରାଯାଇଥିଲା ।ଆଜି ଶେଷ ଦିନ ତାଲିମ କାର୍ଯ୍ୟକ୍ରମ ପରେ ପ୍ରଶିକ୍ଷକ ମାନେ କ୍ଷେତ୍ର ପରିଦର୍ଶନ କରି ପ୍ରାୟୋଗିକ ଅଭିଜ୍ଞତା ହାସଲ କରିବା ସହ ବାସ୍ତବ ସ୍ଥିତିରେ ଆସୁଥିବା ସମସ୍ୟାର ସମାଧାନ ଶିଖିଥିଲେ ।ଏହି ପ୍ରଶିକ୍ଷଣ ପାଇଥିବା କ୍ଷେତ୍ର ପ୍ରଶିକ୍ଷକ ମାନେ ନିଜ ନିଜ ଚାର୍ଜ ଅଞ୍ଚଳରେ ଏନୁରେମେଟର ଓ ସୁପରଭାଇଜର ମାନଙ୍କୁ ପ୍ରଶିକ୍ଷଣ ଦେଇ ଜନଗଣନା କାର୍ଯ୍ୟ କୁ ଆଗେଇ ନେବେ। ତାଲିମ କାର୍ଯ୍ୟକ୍ରମ ଶେଷରେ ଜିଲ୍ଲାପାଳ ତଥା ପ୍ରମୁଖ ଜନଗଣନା ଅଧିକାରୀ କ୍ଷେତ୍ର ପ୍ରଶିକ୍ଷକ ଙ୍କ ସାର୍ଟିଫିକେଟ ଓ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ।

# ଏସ୍‌ସିବି ମେଡିକାଲରେ ଭୟଙ୍କର ଅଗ୍ନିକାଣ୍ଡ
# ୧୦ ମୃତ, ସ୍ଥିତି ସମୀକ୍ଷା କଲେ ସିଏମ୍
## ମୃତକଙ୍କ ପରିବାରକୁ ୨୫ ଲକ୍ଷ ସହାୟତା ଘୋଷଣା

କଟକ: କଟକ ଏସ୍‌ସିବି ମେଡିକାଲ ଟ୍ରମା ଆଇସିୟୁରେ ଗତକାଲି ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଏଯାଏଁ ୧୨ ଜଣଙ୍କର ଜୀବନ ଯାଇଛି। ଅନ୍ୟ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବା ସୂଚନା ମିଳିଛି। ଆଇସିୟୁରେ ମୋଟ ୧୪ ଜଣ ଗୁରୁତର ରୋଗୀ ଚିକିତ୍ସିତ ହେଉଥିଲେ। ସେମାନଙ୍କ ମଧ୍ୟରେ ୧୧ ଜଣ ଭେଣ୍ଟିଲେଟରରେ ଏବଂ ୩ ଜଣ ବିନା ଭେଣ୍ଟିଲେଟରରେ ଥିଲେ। ଏହା ପାର୍ଶ୍ୱରେ ପେଡିଆଟ୍ରିକ୍ ଆଇସିୟୁରେ ଥିବା ଅନ୍ୟଜଣେ ଗୁରୁତର ହୋଇଥିଲେ। ୧୫ ତାରିଖ ବିଳମ୍ବିତ ରାତି ପ୍ରାୟ ୨ଟା ୩୦ ବେଳେ ଏସି ସର୍ଟସର୍କିଟ୍‌ରୁ ନିଆଁ ଲାଗି ଏକ ଭେଣ୍ଟିଲେଟର୍‌ର ଏୟାର କମ୍ପ୍ରେସର୍ ଫାଟି ଯାଇଥିଲା। ଫଳରେ ଦୁଇଟି ବେଡ୍ ହଠାତ୍ ଜଳିବା ସହିତ ଚାରିଆଡ଼େ ନିଆଁ ବ୍ୟାପିଯାଇଥିଲା। ସେହି ସମୟରେ ଆଇସିୟୁରେ ୨ ଜଣ ମହିଳା ନର୍ସିଂ ଅଫିସର ଥିଲେ।

ସେମାନେ ଅନ୍ୟ କର୍ମଚାରୀଙ୍କୁ ସହାୟତା ମାଗିଥିବା ବେଳେ ତଳ ମହଲାରୁ ୩ ଜଣ କର୍ମଚାରୀ ସହାୟତା ପାଇଁ ପହଞ୍ଚିଥିଲେ। ସେମାନେ ପ୍ରଥମେ ଆଇସିୟୁରେ ଥିବା ଫାୟାର ଏକ୍ସଟିଂଗୁଇସର୍‌କୁ ବ୍ୟବହାର କରିବାକୁ ଚେଷ୍ଟା କରିଥିଲେ ବି ସେଥିରେ ନିଆଁ ଲିଭାଇବା ସମ୍ଭବ ହୋଇ ନ ଥିଲା। ଘଟଣା ସମ୍ପର୍କରେ ଆଇସିୟୁ ଇନ୍‌ଚାର୍ଜ ଏସ୍‌ସିବି ମେଡିକାଲରେ ଥିବା ଅଗ୍ନିଶମ କେନ୍ଦ୍ରକୁ ସୂଚନା ଦେଇଥିଲେ। ସେମାନେ ନିଆଁ ଲିଭାଇବାକୁ ଉଦ୍ୟମ କରିବା ସହିତ ଆଇସିୟୁ ଭିତରେ ଧୂଆଁ ବ୍ୟାପିଯାଇଥିବାରୁ ସ୍ମୋକ୍ ଏଗ୍‌ଜଷ୍ଟର ମାଧ୍ୟମରେ ଧୂଆଁକୁ ବାହାରକୁ କାଢ଼ିବାକୁ ଉଦ୍ୟମ କରିଥିଲେ। ସମସ୍ତ ଝରକା କାଚ ଭାଙ୍ଗିଥିଲେ। କିନ୍ତୁ ସେତେବେଳକୁ ଆଇସିୟୁରେ ଥିବା ୧୦ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣଙ୍କୁ ଅର୍ଥୋପେଡିକ୍ ଆଇସିୟୁକୁ ଓ ୩ ଜଣଙ୍କୁ ମେଡିସିନ୍ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ଆଜି ଚିକିତ୍ସାଧୀନ ଅବସ୍ଥାରେ ଆଉ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟପଟେ ଉଦ୍ଧାର କାର୍ଯ୍ୟରେ ସାମିଲ ଥିବା ହସ୍ପିଟାଲର ୧୧ ଜଣ କର୍ମଚାରୀ ଆହତ ହୋଇଥିଲେ। ସେମାନଙ୍କୁ ଚିକିତ୍ସା କରାଯାଉଛି।

ଭୁବନେଶ୍ୱର: ଏସ୍‌ସିବି ମେଡିକାଲର ଟ୍ରମା କେୟାର ଆଇସିୟୁରେ ନିଆଁ ଲାଗି ରୋଗୀ ପ୍ରାଣ ହରାଇବା ଘଟଣାର ତଦନ୍ତ ପାଇଁ ସରକାର ଜଣିକିଆ ନ୍ୟାୟିକ କମିସନ ଗଠନ କରିଛନ୍ତି। ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଲକ୍ଷ୍ମୀଧର ବିଶ୍ୱାଳ ଏହି ଘଟଣାର ତଦନ୍ତ କରିବେ। ଆସନ୍ତା ୬୦ଦିନ ଭିତରେ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବେ। ରାଜ୍ୟ ଗୃହ ବିଭାଗ ପକ୍ଷରୁ ଏ ସଂପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି ଏସ୍‌ସିବିରେ ନିଆଁ ଲାଗିବା ଏକ ଚିନ୍ତାଜନକ ଘଟଣା। ନ୍ୟାୟିକ କମିସନ ଆଇନ, ୧୯୫୨ ଅନୁସାରେ ଏହାର ତଦନ୍ତ କରାଯିବ। କେଉଁ ପରିସ୍ଥିତିରେ ଆଇସିୟୁରେ ନିଆଁ ଲାଗିଲା ତାହାର ଅନୁଧ୍ୟାନ ଆବଶ୍ୟକ। ଏହି ଘଟଣାରେ ସଂପୃକ୍ତ ବ୍ୟକ୍ତିଙ୍କ ଭୂମିକା ଓ ଉତ୍ତରଦାୟିତ୍ୱ ଖୋଜିବା, ପରିସ୍ଥିତିର ମୁକାବିଲା ପାଇଁ ହସ୍ପିଟାଲ ଓ ଅନ୍ୟ ସଂସ୍ଥାଗୁଡ଼ିକର ପ୍ରସ୍ତୁତି, ଘଟଣା ସମୟରେ ରୋଗୀଙ୍କ ଜୀବନ ବଞ୍ଚାଇବା ଲାଗି ପୂର୍ବରୁ ଓ ପରେ ନିଆଯାଇଥିବା ପଦକ୍ଷେପ ଯଥେଷ୍ଟ ଥିଲା କି ନାହିଁ କମିସନ ଏହାର ଅନୁଧ୍ୟାନ କରିବେ। ଏହାସହ ଆଗାମୀ ଦିନରେ ଏଭଳି ଘଟଣା ଯେଭଳି ନ ଘଟିବ ସେଥିପାଇଁ କମିସନ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେବେ। ତଦନ୍ତ ସମୟରେ କଟକରେ କମିସନଙ୍କ ମୁଖ୍ୟାଳୟ କାର୍ଯ୍ୟ କରିବ। ଆବଶ୍ୟକ ପଡ଼ିଲେ କମିସନ ଅନ୍ୟ ସ୍ଥାନକୁ ଯାଇ ମଧ୍ୟ ଏହାର ତଦନ୍ତ କରିପାରିବେ ବୋଲି ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ଆଇସିୟୁରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଅଛନ୍ତି କଟକ ଜିଲ୍ଲା ଚୌଦ୍ୱାର ଜେନିପୁରର ରମେଶ ଚନ୍ଦ୍ର ପରିଡ଼ା, ବାଲେଶ୍ୱର ଜିଲ୍ଲା ରୁପସା ଥାନା ବରମପୁରର ମଧୁସୂଦନ ଦଳାଇ, ଯାଜପୁର ଜିଲ୍ଲା ଧର୍ମଶାଳାର କୃଷ୍ଣଚନ୍ଦ୍ର ବିଶ୍ୱାଳ, କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଥାନା ନାରାୟଣପୁରର ରବୀନ୍ଦ୍ର ଦାସ, ଅନୁଗୁଳ ଜିଲ୍ଲାର ଚେର୍ତ୍ତୁ ପରିଡ଼ା, କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ଥାନା ସରମୁହିର ମେନକା ରାଉତ, କଟକ ଜିଲ୍ଲା କିଶୋରନଗରର ଅବଦୁଲ ସତ୍ତାର, ମାହାଙ୍ଗା ଥାନା ପାଇକରାପୁରର ଗୌରାଙ୍ଗ ଚରଣ ବାରିକ, ଭୁବନେଶ୍ୱର ଡୁମଡୁମାର ମହମ୍ମଦ ନୟିମ, କେନ୍ଦୁଝର ଜିଲ୍ଲା ଝୁମ୍ପୁରା କଷିପଳର ଦଶରୁ ମୁଣ୍ଡା, ଭଦ୍ରକ ଜିଲ୍ଲା ହରିପୁରର କଲ୍ୟାଣୀ ମଲ୍ଲିକ (୧୧) ଓ କୋରାପୁଟ ଜିଲ୍ଲା ବୋରିଗୁମ୍ମା ଅଞ୍ଚଳର ପବିତ୍ର ତିସାରି (୨୦)। ଆହତଙ୍କ ମଧ୍ୟରେ ଅଛନ୍ତି ପଶ୍ଚିମବଙ୍ଗ ପଶ୍ଚିମ ମେଦିନାପୁରର ମହେଶ୍ୱର ମହନ୍ତ, ଅନୁଗୁଳ ବଅଁରପାଳର ସୁମନ କୁମାର ସାହୁ, ବାଲେଶ୍ୱର ଜିଲ୍ଲା ଗୋପାଳପୁରର ଦୟାନିଧି ମାଝୀ।

ଦୁର୍ଘଟଣା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୋରରୁ ଏସ୍‌ସିବିରେ ପହଞ୍ଚି ସ୍ଥିତି ଅନୁଧ୍ୟାନ ସହିତ ଆହତଙ୍କୁ ଭେଟିଛନ୍ତି। ମୃତକଙ୍କ ପରିବାରକୁ ୨୫ ଲକ୍ଷର ଅନୁକମ୍ପାମୂଳକ ରାଶି ଘୋଷଣା ସହିତ ଘଟଣାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତରେ ଯେଉଁମାନେ ଦୋଷୀ ସାବ୍ୟସ୍ତ




ହେବେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ମାଝୀ କହିଛନ୍ତି। ରାଜ୍ୟର ସମସ୍ତ ହସ୍‌ପିଟାଲ୍‌ରେ ଅଗ୍ନିନିରୋଧ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଥମ ଥର ୨୦୨୫-୨୬ ଆର୍ଥିକ ବଜେଟ୍‌ରେ ୩୨୦ କୋଟି ଟଙ୍କା ବ୍ୟବସ୍ଥା ହୋଇଥିବା ବେଳେ ୨୦୨୬-୨୭ ବର୍ଷ ପାଇଁ ୪୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ରାଜ୍ୟର ସବୁ ହସ୍‌ପିଟାଲ୍‌ରେ ଅତ୍ୟାଧୁନିକ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାମ ଚାଲିଛି। ଅଗ୍ନିଶମ ଡିଜି ଏସ୍‌ସିବି ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ଅନୁଧ୍ୟାନ କରିବେ ବୋଲି ଶ୍ରୀ ମାଝୀ କହିଛନ୍ତି।

ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ସଂଧ୍ୟାରେ ଏସ୍‌ସିବି ମେଡିକାଲରେ ପହଞ୍ଚି ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି। ଅନ୍ୟପଟେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ବିଧାୟକ ସେଭିକ ବିଶ୍ୱାଳ, ସୋଫିଆ ଫିରଦୋସ, ମେୟର ସୁବାସ ସିଂହ, ଡିଜି ୱାଇ. ବି. ଖୁରାନିଆ, ଅଗ୍ନିଶମ ଡିଜି ଡକ୍ଟର ସୁଧାଂଶୁ ଷଡ଼ଙ୍ଗୀ, ପୂର୍ବତନ ବିଧାୟକ ପ୍ରଭାତରଂଜନ ବିଶ୍ୱାଳ, ଦେବୀପ୍ରସାଦ ମିଶ୍ର, ପ୍ରତାପ ଜେନା, ଦିଲୀପ ରାୟ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ଦଳ ଏସ୍‌ସିବି ପରିଦର୍ଶନ କରିଛନ୍ତି। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟସଭା ସଦସ୍ୟ ସୁଜିତ କୁମାର ଓ ଦଳର ଅନ୍ୟ ବରିଷ୍ଠ ବିଧାୟକମାନେ ରାତିରେ ଏସ୍‌ସିବିକୁ ଆସି ଆହତମାନଙ୍କ ଅବସ୍ଥା ବୁଝିଛନ୍ତି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଜିଲ୍ଲା ରେଡକ୍ରସ୍ ପାଣ୍ଠିରୁ ପ୍ରତ୍ୟେକ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଛନ୍ତି। ସ୍ୱାସ୍ଥ୍ୟ ସଚିବ ଏସ୍. ଅଶ୍ୱଥି ସମେତ ବହୁ ବରିଷ୍ଠ ଅଧିକାରୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି।

## ଚେତନା କଲେଜର ୧୦ମ ଆଲୁମିନି ମିଟ୍ ମହାଆଡମ୍ବରରେ ଅନୁଷ୍ଠିତ



ଭୁବନେଶ୍ୱର: ଜୁଏଲସ୍ ଇଣ୍ଟରନ୍ୟାସନାଲ୍ ଚେତନା କଲେଜ୍ ଅଫ୍ ସ୍ପେସିଆଲ୍ ଏଜୁକେସନର ୧୦ମ ଆଲୁମିନି ମିଟ୍ ଉତ୍ସାହ ଓ ଆନନ୍ଦର ସହିତ ପାଳିତ ହୋଇଯାଇଅଛି।ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଚେତନା ଅନୁଷ୍ଠାନର ଯୁଗ୍ମ ସଂପାଦିକା ଡଃ ନିବେଦିତା ଜେନା, ବରିଷ୍ଠ କଳାକାର, ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ଅଭିନେତା ଶ୍ରୀ ଅଶ୍ରୁମୋଚନ ମହାନ୍ତି ଏବଂ ସିନେମା କଳାକାର ଅମୂଲ୍ୟ ଅନମୋଲ ଯୋଗଦେଇଥିଲେ।ବିଗତ ଦିନରେ ପରଲୋକଗମନ କରିଥିବା ଚେତନା ଆଲୁମିନି ସଦସ୍ୟମାନଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ପ୍ରଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା ଏବଂ ଚେତନା ଆଲୁମିନି ପକ୍ଷରୁ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟି ଆଲୁମିନି ସଭାପତି ଶ୍ରୀ ଆୟୁଷ୍ମାନ ଚୌଧୁରୀ, ଉପସଭାପତି ଦେବାଶିଷ ପତି, ସଂପାଦିକା ମୈତ୍ରୀ ମମତା ପଣ୍ଡା ଓ କୋଷାଧକ୍ଷ ଲଲାଟେନ୍ଦୁ କରଙ୍କ ସକ୍ରିୟ ପରିଚାଳନାରେ ଆୟୋଜିତ ହୋଇଥିଲା। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ଚେତନା ଅନୁଷ୍ଠାନର ସାଧାରଣ ସମ୍ପାଦକ ଡଃ ନାରାୟଣ ଚନ୍ଦ୍ର ପତି ତଥା ଆଲୁମିନି ସଙ୍ଗଠନର ପୂର୍ବତନ ନେତୃତ୍ୱ ଡଃ ବିନୟ ଭୂଷଣ ମହାପାତ୍ର, ଡଃ ଭାଗିରଥୀ ମହାପାତ୍ର, ଶ୍ରୀମତୀ ସ୍ମୃତିରେଖା ମିଶ୍ର ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଉପଦେଶରେ ସଫଳ ଭାବେ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ମହାବିଦ୍ୟାଳୟର ଅନେକ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ଅତିତର ସ୍ମୃତିକୁ ମନେପକାଇଥିଲେ। ଏହି ଅବସରରେ ଆଲୁମିନି ସଦସ୍ୟମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହୋଇଥିଲା। ଏହା ସହ ଆଲୁମିନି ସଂଘର ଆଗାମୀ କାର୍ଯ୍ୟପନ୍ଥା ଓ ସଂଗଠନର ଉନ୍ନତି ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା।

## ପି ଏମ ଶ୍ରୀ ମହାରାଜା ହାଇସ୍କୁଲ ଠାରେ ବାର୍ଷିକ ଉତ୍ସବ ପାଳିତ




ସୁବର୍ଣ୍ଣପୁର :-ପିଏମ ଶ୍ରୀ ମହାରାଜା ଉଚ୍ଚ ବିଦ୍ୟାଳୟ ସୋନପୁର ର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ, ଉଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଅଜୟ ଲୁହା ଙ୍କ ସଭାପତିତ୍ୱ ରେ ମହା ସମାରୋହରେ ପାଳିତ ହୋଇଯାଇଛି ।ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଘନଶ୍ୟାମ ମେହେର ଯୋଗଦେଇ ସମୟାନୁବର୍ତ୍ତିତା ଓ ଗୁଣାତ୍ମକ ଶିକ୍ଷା ଉପରେ ବକ୍ତବ୍ୟ ଦେଇଥିଲେ ।ସମ୍ମାନିତ ଅତିଥି ସୋନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଲକ୍ଷ୍ମଣ ମିଶ୍ର ଜାତୀୟ ଶିକ୍ଷା ନୀତି ୨୦୨୦ ର ନୂତନ ଶିକ୍ଷା ପଦ୍ଧତି ଉପରେ ମାର୍ଗଦର୍ଶନ ରଖି ଶିକ୍ଷା, କ୍ରୀଡ଼ା, କଳା ସଂସ୍କୃତି ସବୁ କ୍ଷେତ୍ରରେ ସଫଳତା ହେବା ସହ ଆମ ସମାଜ ପାଇଁ ଭଲ ମଣିଷ ଟିଏ ହୋଇ ନିଜ କୁ ଗଢି ତୋଳିବା କୁ ପରାମର୍ଶ କରିଥିଲେ । ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଶ୍ରୀଧର ବାଘ, ସମ୍ମାନିତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ କୃଷ୍ଣ ଚନ୍ଦ୍ର ପଣ୍ଡା, ସିଆରସିସି ଶ୍ରୀଯୁକ୍ତ ବ୍ରତାନନ୍ଦ ଭୋଇ, ଆୟୋଜକ ଶ୍ରୀମତୀ ଜୋଲିତା ମିଶ୍ର ଯୋଗଦେଇଥିଲେ । ବିଦ୍ୟାଳୟର ଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ବିଦ୍ୟାଳୟ ସ୍ତରରେ, ଜିଲ୍ଲା ସ୍ତରରୁ ମନୋନୀତ ହୋଇ ରାଜ୍ୟ ସ୍ତରକୁ ମନୋନୀତ ହୋଇଥିବା ସମସ୍ତ କୃତୀ ଛାତ୍ର ଙ୍କୁ ପୁରସ୍କୃତ କରା ଯାଇଥିଲା କ୍ଷ ୨୦୨୪/୨୫ ହାଇସ୍କୁଲ ଟପ୍ପର ଛାତ୍ର ତ୍ରିଲୋଚନ ସାହୁ, ଶ୍ରେଷ୍ଠ ଛାତ୍ର ଭାବେ ଆଦିତ୍ୟ ବେହେରା, ବେଷ୍ଟ ଏକାଡେମୀ ଭାବେ ସୋରିଓ ସାହୁ, କୋ କୋରିକୁଲାର କ୍ଷେତ୍ରରେ ହରି ହର ଡାକୁଆ, ଶ୍ରେଷ୍ଠ କ୍ରୀଡ଼ାବିତ୍ ଭାବେ ଶାଶ୍ୱତ କୁମାର ସାହୁ ଙ୍କୁ ପୁରସ୍କୃତ କରା ଯାଇଥିଲା କ୍ଷ ଅନୁଲିତା ମିଶ୍ର, ଜୟନ୍ତୀ କୁମାରୀ ମେହେର, ସସ୍ମିତା ପାତ୍ର, ମମତା ମାଧୁରୀ ପଣ୍ଡା, ଦମୟନ୍ତୀ ଜଗଦଲା, ଗାୟତ୍ରୀ ସାହୁ, ତୃପ୍ତିକା ତ୍ରିପାଠୀ, ସୁଶ୍ରୀ ମିଶ୍ର, ଜ୍ୟୋତିର୍ମୟୀ ମିଶ୍ର, ଶୁଭଦ୍ରା ହର, ବିନୋଦିନୀ ମହାପାତ୍ର, ସୀମା ମହାପାତ୍ର, ପୁଷ୍ପାଞ୍ଜଳି ମହାଲିକ, ସୁଜାତା ସାହୁ, ଶୁଭଶ୍ରୀ ପ୍ରଧାନ, ନରେନ୍ଦ୍ର କୁମାର ଚାନ୍ଦ, ଅଜୟ କୁମାର ବେହେରା, ଜଗ ମୋହନ ସେନାପତି, ଶିବାଶିଷ ମିଶ୍ର ପ୍ରମୁଖ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ସମସ୍ତ ଛାତ୍ର, କର୍ମଚାରୀଙ୍କ ସହୋଯାଗ ରେ କାର୍ଯ୍ୟକ୍ରମ ଟି ସୁଚାରୁରୂପେ ସମ୍ପାଦିତ ହୋଇଥିଲା।

## ଡିଆରସିଏସ ଓ ପାକ୍ସ ସମ୍ପାଦକଙ୍କୁ ବହିଷ୍କାର ଦାବୀ





ସୁବର୍ଣ୍ଣପୁର :- ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ମରାଡୁଗୋଛା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ରେ ସମ୍ପାଦକ ନବୀନ ଦାସଙ୍କ ଦୀର୍ଘ ଦିନରୁ ଚାଲି ଆସିଥିବା ଦୁର୍ନିତି ହାଟରେ ପଡି ଦାଣ୍ଡରେ ଗଡୁଛି । ନିକଟରେ ପାକ୍ସରେ ବେଆଇନ ନିଯୁକ୍ତି ହୋଇଥିବା ଅଞ୍ଚଳର ଚାଷୀ ଓ ବୁଦ୍ଧିଜୀବୀ ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କ ନିକଟରେ ଲିଖିତ ଅଭିଯୋଗ ପରେ ଜିଲ୍ଲାପାଳ ପ୍ୟାକ୍ସକୁ ପହଞ୍ଚି ତଦନ୍ତ କରିଛନ୍ତି । ପାକ୍ସର ସମ୍ପାଦକ ତଥା ସିଇଓ ନବୀନ ଦାସଙ୍କ ପୁଅ ଅମ୍ବରିଶ ଦାସଙ୍କୁ ଉକ୍ତ ପାକ୍ସର ଭାରପ୍ରାପ୍ତ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି । ସେହିପରି ଜ୍ୱାଇଁ ଅନ୍ୟ ଜିଲ୍ଲା ତଥା ବରଗଡ଼ ଜିଲ୍ଲା ବରପାଲି ବ୍ଲକ୍ ରେମେଡ ର ଅନିଲ କୁମାର ଦାସଙ୍କୁ ସ ?ହ ସମ୍ପାଦକ ଭାବେ ଗତ ଫେବୃଆରୀରେ ମାସ ରେ ନିଯୁକ୍ତି ଦିଆଯାଇଛି। ଉପନିବନ୍ଧକ ସମବାୟ ସମିତି ସମୂହ ସୁବର୍ଣ୍ଣପୁର ଡିଆରସିଏସ୍ ସଞ୍ଜୟ ତ୍ରିପାଠୀ ଏହି ନିଯୁକ୍ତି ପ୍ରସ୍ତାବକୁ ଅନୁମୋଦନ ପ୍ରଦାନ କରିଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ସମ୍ପାଦକଙ୍କ ନିକଟ ସମ୍ପର୍କୀୟଙ୍କୁ ସେହି ପାର୍ଶ୍ୱରେ ନିଯୁକ୍ତି ମିଳିପାରିବ ନାହିଁ କିନ୍ତୁ ଏଠାରେ ସରକାରୀ ନିୟମକୁ ଦଳିଚକଟି ଦିଆଯାଇଛି। ବେଆଇନ ଭାବେ ଏହି ନିଯୁକ୍ତି ଦିଆଯାଇଛି। ସୋନପୁର ମଣ୍ଡଳ ଏଆରସିଏସ୍ ଭବାନୀ ଶଙ୍କର ଦାଶଙ୍କ ଅଜାଣତରେ ଏହି ନିଯୁକ୍ତି ଦିଆଯାଇଥିବା ପ୍ରକାଶ କରିଛନ୍ତି। ମରାଡୁଗୋଛା ପାକ୍ସରେ ବେଆଇନ ନିଯୁକ୍ତି ଦେଇଥିବା ସୁବର୍ଣ୍ଣପୁର ଡିଆ ?ସିଏସ୍ ଡ. ସଞ୍ଜୟ କୁମାର ତ୍ରିପାଠୀ କହିଛନ୍ତି, ପାକ୍ସ ସମ୍ପାଦକ ନବୀନ ଦାସ ନିଜର ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ସ୍ୱେଚ୍ଛାକୃତ ଅବସର ଆବେଦନ କରିଥିଲେ । ପାକ୍ସ ପରିଚାଳନା ପରିଷଦରେ ଏନେଇ ପ୍ରସ୍ତାବ ଗୃହୀତ ହୋଇଥିଲା। ପରିଷଦର ସୁପାରିସ୍ ?କୁ ମୁଁ କେବଳ ଅନୁମୋଦନ କରିଛି ବୋଲି ଡ. ତ୍ରିପାଠୀ କହିଛନ୍ତି । ସୂଚନା ରୁ ଯାହା ଜଣାପଡୁଛି ଗତ ଫେବୃଆରୀ ୧୯ ରେ ପାର୍ଶ୍ୱ ସମ୍ପାଦକ, ଜଗୁଆଳି ଓ ପିଅନ ଭିଆ ?ଏସ୍ ନେଇଥିଲା ବେଳେ ସେହି ଦିନ ହିଁ ୪ ଜଣ ନିଯୁକ୍ତି ପାଇଛନ୍ତି। ଗୋଟିଏ ଦିନରେ ସରକାରୀ ନିୟମକୁ ଉଲଂଘନ କରି ସବୁ କାମ କରାଯାଇ ପାକ୍ସ ସମ୍ପାଦକ ନବୀନଙ୍କ ପୁଅ ଅମ୍ବରୀଶଙ୍କୁ ଭାରପ୍ରାପ୍ତ ସମ୍ପାଦକ ଓ ଜ୍ୱାଇଁ ତଥା ବରଗଡ ଜିଲା ବରପାଲି ବ୍ଲକ ରେମେଡ ଗାଁର ଅନିଲ କୁମାର ଦାସଙ୍କୁ ସ ?ହସମ୍ପାଦକ ଭାବେ ନିଯୁକ୍ତି କରିବାରେ ସଫଳ ହୋଇଥିଲେ । ପାକ୍ସର ଜଗୁଆଳି ଥିବା ମକୁନ୍ଦ ନାଏକଙ୍କ ପୁଅ ଅମିତଙ୍କୁ ଜଗୁଆଳି ଓ ପିଅନ ମନୋଜ ଦାସଙ୍କ ପୁଅ ଆଜାଦ୍ ?ଙ୍କୁ ପିଅନ ଭାବେ ନିଯୁକ୍ତି ଦିଆଯାଇଛି । ଜିଲାପାଳ ଡ. ନୃପରାଜ ସାହୁଙ୍କୁ ପଚାରିବାରୁ କହିଛନ୍ତି ଯେ ସେ ଅଭିଯୋଗ ପାଇବା ପରେ ପାକ୍ସ କାର୍ଯ୍ୟାଳୟକୁ ତଦନ୍ତ ପାଇଁ ଯାଇଥିଲେ। ସେହି ସମୟରେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଭିଆରଏସ୍ ନେଇଥିବା ନବୀନ ଦାସ ଓ ଅନ୍ୟମାନେ କାର୍ଯ୍ୟାଳୟରେ ଉପସ୍ଥିତ ରହି ସବୁ କାମ କରୁଥିଲେ। ପୁଅ କି ଜ୍ୱାଇଁ କେହି ନଥିଲେ। ଏହି ଘଟଣାରେ ଡିଆରସିଏସ୍‌ଙ୍କୁ କୈଫିୟତ ତଲବ କରିବା ସହ ଫାଇଲ ମଗାଇଥିଲି। ନିଯୁକ୍ତି ପ୍ରକ୍ରିୟାରେ ଚଞ୍ଚକତାର ପ୍ରମାଣ ମିଳିବା ପରେ ଡିଆରସିଏସ୍ ?ଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କୁ ସୁପାରିସ କରିଛି ବୋଲି କହିଛନ୍ତି ଜିଲ୍ଲାପାଳ ଡ. ସାହୁ । ତେବେ ସରକାର ଏହି ଘଟଣାରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ସୁବର୍ଣ୍ଣପୁର ଜିଲ୍ଲାବାସୀ ଅପେକ୍ଷା କରିଛନ୍ତି ।

## ନଗର ସୌନ୍ଦର୍ଯ୍ୟକରଣ ପାଇଁ ରାସ୍ତା ଓସାରିଆ

ଅନୁଗୁଳ: ଅନୁଗୁଳ ଜିଲ୍ଲା ରେ ଖଣିଜ ପାଣ୍ଠି ରୁ ଅନୁଗୁଳ ପୌରପରିଷଦ କୁ ସତେଇଶି କୋଟି ଓ ତାଳଚେର ପୌର ପରିଷଦ କୁ ଦଶ କୋଟି ଅର୍ଥ ମଞ୍ଜୁର ହୋଇଥିବାର ଗଣ ମାଧ୍ୟମ ରେ ଖବର ପ୍ରସାରିତ ହୋଇଥିଲା ।ତାଳଚେର ପୌରପରିଷଦ ତରଫରୁ ଏକ ନୋଟିସ କରାଗଲା ତାଳଚେର ଫାଷ୍ଟ ଗେଟ ଠାରୁ ହାଣ୍ଡିଧୁଆ ପର୍ଯ୍ୟନ୍ତ ଥିବା ରାସ୍ତା ଓସାରିଆ ହେବା ସହ ରାସ୍ତା ମଝିରେ ଆଲୋକ ବ୍ୟବସ୍ଥା ପାଇଁ ରାସ୍ତା କଡ଼ ରେ ବଢିଥିବା ଦୋକାନ ଘର କିମ୍ବା ଘରୋଇ ଘର ଭଙ୍ଗା ଯିବ, ପୌର ପ୍ରଶାସନ ଦ୍ୱାରା ଫାଷ୍ଟ ଗେଟ ରୁ ବଢ଼ା ହୋଇଥିବା ଗରିବ ଲୋକ ମାନଙ୍କର ଘର, ଦୋକାନ ଘର, ଭଙ୍ଗା ହୋଇଛି ଦୁଃଖର ବିଷୟ ଫାଷ୍ଟ ଗେଟ ଆଗରେ ଥିବା ମା ତାରିଣୀ ମନ୍ଦିର ଆଗରୁ ବାଇ ପାସ ଟ୍ରାଫିକ ତିନି ମହଲା ଛାତ ପ୍ଲାଏ ହାଉସ ଦୋକାନ ପୁରା ରାସ୍ତା ରେ, ସେହିପରି ଅନେକ ବଡ଼ ବ୍ୟବସାୟୀ ଙ୍କ ଦୋକାନ ଘର କୁ କିପରି ପୌର ପ୍ରଶାସନ ଭାଙ୍ଗିଲା ନାହିଁ ସାଧାରଣ ରେ ଆଲୋଚନା ର ବିଷୟ ।ବୁଦ୍ଧିଜୀବୀ ମହଲ ରେ ଦାବି ହେଉଛି ଜିଲ୍ଲାପାଳ ତୁରନ୍ତ ଦୃଷ୍ଟି ଦିଅନ୍ତୁ।

## ଫିଟ୍ ନେସ ଏମ୍ପାୟାର କ୍ରୀକ ଫେଷ୍ଟ ୨୦୨୬ ଉଦ୍‌ଯାପିତ : ଜିଲ୍ଲା ପୋଲିସ ଦଳ ଚମ୍ପିୟାନ

ସୁବର୍ଣ୍ଣପୁର :- ସୋନପୁର ଗାନ୍ଧି ଷ୍ଟାଡିୟମ୍ ଠାରେ ଫିଟନେସ ଏମ୍ପାୟାର କ୍ରିକ ଫେଷ୍ଟ୍ ୨୦୨୬ ଉଦଯାପିତ ହୋଇଯାଇଅଛି କ୍ଷ ଜିଲ୍ଲା ପୋଲିସ୍ କ୍ରିକେଟ ଦଳ ଓ ଆୟୋଜକ ଫିଟ୍ ନେସ ଏମ୍ପାୟାର ଦଳ ମଧ୍ୟରେ ଅନୁଷ୍ଠିତ ଏହି ଫାଇନାଲ ମ୍ୟାଚ ସଂଘର୍ଷ ପୂର୍ଣ୍ଣ ଖେଳ ହୋଇଥିଲା କ୍ଷ ଆଜିର ଫାଇନାଲ ମ୍ୟାଚ କୁ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍ଘାଟନ କରି ସମସ୍ତ ବର୍ଗ ର ଲୋକ ଙ୍କୁ ଫିଟ୍ ରଖିବା ଉଦ୍ଦେଶ୍ୟ ନେଇ ଜିମ୍ ଖୋଲିବା ଓ କ୍ରିକେଟ ଅୟୋଜନ ଉଦ୍ୟମ କୁ ପ୍ରଶଂସା କରିଥିଲେ କ୍ଷ ସମ୍ମାନିତ ଅତିଥି ଭାବେ ସୋନପୁର ଷ୍ଟେଟ ବ୍ୟାଙ୍କ ଚିଫ ମ୍ୟାନେଜର ଶ୍ରୀ ଲକ୍ଷ୍ମଣ ମାଝୀ, ଏକ୍ସସିସ ବ୍ୟାଙ୍କ ମ୍ୟାନେଜର ସୁମନ୍ତ ଦତ୍ତ ଏହି ଖେଳ ରେ ସମସ୍ତ ସହଯୋଗ କରିଥିଲେ କ୍ଷ ଅନ୍ୟତମ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରତନ ପଟ୍ଟନାୟକ, ମନୋରଞ୍ଜନ ତ୍ରିପାଠୀ, ବିବେକା ନନ୍ଦ ମିଶ୍ର, ଯୁବ ନେତା ଗୁପ୍ତ ପ୍ରକାଶ ମିଶ୍ର ଯୋଗ ଦେଇ ଖେଳାଳି ମାନଙ୍କ ସହ ପରିଚୟ ପ୍ରଦାନ କରି ଉତ୍ସାହିତ କରିଥିଲେ । ଜିଲ୍ଲା ପୋଲିସ ଦଳ ପ୍ରଥମେ ବ୍ୟାଟିଂ କରି ୧୨ ଓଭର ରେ ପ୍ରତିପକ୍ଷ ଦଳ ଫିଟ୍ ନେସ ଏମ୍ପୟାର କୁ ୧୦୭ ରନ୍ ର ଟାର୍ଗେଟ ଦେଇଥିଲେ କ୍ଷ ଦ୍ୱିତୀୟ ଇନିଂସ ରେ ଫିଟ୍ ନେଶ ଦଳ କୁ ୭୨ ରନ ରେ ଅଲ୍ ଆଉଟ୍ କରି ୩୪ ରନ ରେ ଜିଲ୍ଲା ପୋଲିସ୍ ଦଳ ବିଜୟୀ ହୋଇ ଏ ଟୁର୍ଣାମେଣ୍ଟ ର ଚମ୍ପିୟାନ ହୋଇଛି । ଟୁର୍ଣ୍ଣକ୍ଷ ମେଣ୍ଟ ରେ ଭାଗ ନେଇ ଥିବା ସମସ୍ତ ପ୍ରତିଯୋଗୀ ଦଳ ମିଡିଆ ଟିମ, ଫରେଷ୍ଟ ଟିମ୍ , କଲେକ୍ଟ୍ରିଏଟ, ଏଗ୍ରି କଲଚର, ଏସ ବି ଆଇ , ଡିଷ୍ଟିକ



କୋର୍ଟ ଟିମ୍, ସୋନପୁର ବ୍ୟାଙ୍କର୍ସ କ୍ରିକେଟ ଟିମ୍ ଙ୍କୁ ମାନପତ୍ର ପ୍ରଦାନ ସହ ଅତିଥି ଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା କ୍ଷ ମ୍ୟାନ ଅଫ ଦି ମ୍ୟାଚ ଭାବେ ଜିଲ୍ଲା ପୋଲିସ୍ ଦଳ ର ମୁକେଶ ପଣ୍ଡା ଙ୍କୁ , ମ୍ୟାନ ଅଫ ଦି ଟୁର୍ଣ୍ଣା ମେଣ୍ଟ ଭାବେ ଫିଟ୍ ନେସ ଅମ୍ପାୟାର ଦଳ ର ଜୋନ ସୁନା ଙ୍କୁ ପୁରସ୍କୃତ କରା ଯାଇଥିଲା କ୍ଷ ଏସ ଡି ସି ଏ ,ଓ କ୍ରିଡ଼ା ସଂଘ ର ସହଯୋଗ ପାଇଁ ଉପଦେଷ୍ଟା ବି ସତ୍ୟ ନାରାୟଣ ରାଓ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା କ୍ଷ ବାବୁଲୁ ଓ ଆୟୁଷ ଆଜିର ଫାଇନାଲ ମ୍ୟାଚ୍ ପରିଚାଳନା କରିଥିଲେ । ବିଶ୍ୱ ରଞ୍ଜନ ସାଗର ହିନ୍ଦୀ ରେ ଓ ଅଭିଷେକ ନାୟକ ଇଂରାଜୀ ରେ ଧାରା ବିବରଣୀ ପ୍ରଦାନ କରିଥିଲେ। ଦେବାଶିଶ ସାହୁ ସ୍କୋରର ଦାୟିତ୍ୱ ତୁଲାଇ ଥିଲେ କ୍ଷ ଆୟୋଜକ ଫିଟ୍ ନେସ୍ ଏମ୍ପେୟାର୍ ର ଡାଇରେକ୍ଟର ଦିନେଶ ଦୟାଲ, ବାବୁଲୁ ମେହେର, ଶିବ ଶଙ୍କର ମେହେର, ସୁରଜ୍ ସିଂ, ଶୁଭମ ମହାପାତ୍ର, ହଳ ଯୁଦ୍ଧ ପଣ୍ଡା, ନିତୁ ଦରୁୱାନ, ସୁରେଶ ବେହେରା, ଜଗନ ନାଏକ, ସୌରଭ ବାଗ, ଆଶିଷ ବେହେରା, ଦେବାଶିଷ ପ୍ରମୁଖ ସଦସ୍ୟ ଏହି ଅୟୋଜନ ରେ ସହଯୋଗ କରିଥିଲେ।

## ପିଲା ଚୋର ସନ୍ଦେହରେ ବୃଦ୍ଧଙ୍କୁ ପିଟିପିଟି ହତ୍ୟା



ନବରଙ୍ଗପୁର: ନବରଙ୍ଗପୁର ଜିଲ୍ଲା ସଦର ଥାନା ମାଳିଗୁଡା ଓ ଖଣ୍ଡିଗୁଡା ଗ୍ରାମର ନିକଟରେ ପିଲା ଚୋର ସନ୍ଦେହରେ ଜଣେ ଅଜଣା ବୃଦ୍ଧ ଙ୍କୁ ପିଟିପିଟି ହତ୍ୟା କରିଛନ୍ତି ଗ୍ରାମବାସୀ ମାନେ, ନବରଙ୍ଗପୁର ପୋଲିସ ଖବର ପାଇ ଏକ ହତ୍ୟା ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛନ୍ତି। ଅପରାଧୀ ମାନେ ବୃଦ୍ଧ ଙ୍କୁ ମାଡ଼ ମାରୁଥିବା ଭିଡିଓ କରି ବିଭିନ୍ନ ସାମାଜିକ ଗଣ ମାଧ୍ୟମ ରେ ପ୍ରଚାର ମଧ୍ୟ କରିଥିଲେ। ମୃତ ବୃଦ୍ଧ ଙ୍କ ଶବ ର ବର୍ତ୍ତମାନ ପର୍ଯ୍ୟନ୍ତ କେହି ଦାବିଦାର ନଥିବା ଯୋଗୁଁ ଆସନ୍ତା ୯୪ ଘଣ୍ଟା ଯାଏ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ର ଶବ ସଂରକ୍ଷଣ ଗୃହରେ ରଖାଯିବ ଯଦି କେହି ଦାବିଦାର ନ ଆସିବେ ତେବେ ଶବ ସଂସ୍କାର କରାଯିବ ବୋଲି ପୋଲିସ ସୂତ୍ରରୁ ଜଣା ପଡିଛି। ଦେଖାଯାଉଛି ବିଗତ କିଛି ଦିନ ହେବ ନବରଙ୍ଗପୁର ଜିଲ୍ଲାରେ ପିଲା ଚୋରି, ଚୋରି ଅଭିଯୋଗ ଆଣି ଗ୍ରାମାଞ୍ଚଳ ଗୁଡିକରେ ସନ୍ଦେହ ରେ ଅଜଣା ବ୍ୟକ୍ତି ମାନଙ୍କୁ ହଠାତ ଆକ୍ରମଣ କରୁଛନ୍ତି କେଉଁଠି ହାତଗୋଡ଼ ବାନ୍ଧି ପିଟୁଛନ୍ତି ତୋ କେଉଁଠି ଗଛ ଖୁଣ୍ଟରେ ବାନ୍ଧି ରଖୁଛନ୍ତି ଆଇନ କୁ ସହଯୋଗ ଓ ପୋଲିସ ଠୁ ସହାୟତା ନେବା ପରିବର୍ତ୍ତେ ଆଇନ କୁ ହାତକୁ ନେଇ ଅପରାଧ ଘଟଉଛନ୍ତି ,ନିୟମିତ ଏହି ପ୍ରକାର ଘଟଣା ଦେଖିବାକୁ ମିଳୁଛି। ବିଶେଷ କରି ସାମାଜିକ ଗଣ ମାଧ୍ୟମରେ ଚୋରି ଡକାୟତି ଭଳି ଗୁଜବ ବହୁଳ ମାତ୍ରାରେ ପ୍ରଚାର ପ୍ରସାର ହେଉଛି ଯାହାକୁ ବହୁତ ଜଲଦି ଲୋକ ଗ୍ରହଣ କରୁଛନ୍ତି ମିଛ ଓ ଗୁଜବ ପ୍ରଚାର ଯୋଗୁଁ ଅଧିକାଂଶ ସମୟରେ ନିରୀହ ଲୋକ ହଇରାଣ ହେଉଛନ୍ତି ନବରଙ୍ଗପୁର ଝଉଟଙ୍ଗ ଏହି ପ୍ରକାର ମିଥ୍ୟା ଗୁଜବ କୁ ଧ୍ୟାନ ନ ଦେବାକୁ ଲୋକ ଙ୍କୁ ଅପିଲ କରୁଛନ୍ତି। ଏହି ଘଟଣା ରେ କିଛି ବ୍ୟକ୍ତି ଙ୍କୁ ଥାନା କୁ ଆଣି ପଚରା ଉଚରା ଜାରି କରିଛି ନବରଙ୍ଗପୁର ପୋଲିସ

## ବ୍ଲକ ସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ସୁବର୍ଣ୍ଣପୁର : ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଉଲୁଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ କୋଟସମାଲାଇ ଗ୍ରାମ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ), ଶ୍ରୀ ରାଜେନ୍ଦ୍ର ମାଝୀ ଓ ଆରକ୍ଷୀ ଅଧିକ୍ଷକ, ଶ୍ରୀ ନାରାୟଣ ନାୟକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୮୧ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୪୪ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୩୭ ସାମୁହିକ ଦରଖାସ୍ତ ହସ୍ତଗତ ହୋଇଥିଲା। ଗୋଟିଏ ମାତ୍ର ଅଭିଯୋଗ ଆର୍ଥିକ ସହାୟତା ନିମନ୍ତେ ହତଗତ ହୋଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଉଲୁଣ୍ଡା, ଶ୍ରୀ ଦିଲୀପ କୁମାର ବାରା ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଶ୍ରୀ ଅଶ୍ୱିନି କୁମାର ମେହେର, ଉପ - ଜିଲ୍ଲାପାଳ, ବିରମହାରାଜପୁର, ଶ୍ରୀ ସୁରେନ୍ଦ୍ର କୁମାର ମେହେର, ଡେପୁଟି କଲେକ୍ଟର, ଅଭିଯୋଗ ଶୁଣାଣୀ, ସୁଶ୍ରୀ ପ୍ରିୟଦର୍ଶିନୀ ସାହୁଙ୍କ ସମେତ ଅତିରିକ୍ତ ତହସିଲଦାର, ଉଲୁଣ୍ଡା, ନିରଞ୍ଜନ କୁମାର ଧଳ, ସରପଞ୍ଚ, କୋଟସମଲାଇ ଗ୍ରାମ ପଞ୍ଚାୟତ ଶ୍ରୀମତି ବେଦମତି ମେଣ୍ଡଲି, ପଞ୍ଚାୟତ ନିର୍ବାହୀ ଅଧିକାରୀ, କୋଟାସମଲାଇ, ଶ୍ରୀଶ୍ରବଣ କମ୍ପ ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ,କର୍ମଚାରୀ ବୃନ୍ଦ ଙ୍କ ସମେତ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଶ୍ରୀ ଅର୍ଜୁନ ମାଝୀଙ୍କ ସହିତ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗଦାନ କରିଥିଲେ।

# ନୂଆ ମାଇଲ୍‌ଖୁଣ୍ଟ ସ୍ଥାପନର ଲକ୍ଷ୍ୟ




ଧୁରନ୍ଧର ଚଳଚ୍ଚିତ୍ରର ଦ୍ୱିତୀୟ ଭାଗ 'ଧୁରନ୍ଧର: ଦି ରିଭେଞ୍ଜ' ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବା ଆଗରୁ ବକ୍ସ ଅଫିସରେକର୍ଡ ଭାଙ୍ଗିବାର ଧାରା ଆରମ୍ଭ କରିସାରିଲାଣି। ମୁକ୍ତିଲାଭ କରିବା ପୂର୍ବ ଦିନର ପ୍ରିଭ୍ୟୁ ସୋ'ର ଟିକେଟ୍ ବିକ୍ରିରେ ଏହା 'ସ୍ତ୍ରୀ ୨' ଚଳଚ୍ଚିତ୍ରର ରେକର୍ଡ ଭାଙ୍ଗିଦେଇଛି। ପ୍ରିଭ୍ୟୁ ସୋ' ଦେଖିବା ପାଇଁ ଭାରତରେ ସାଢ଼େ ତିନି ଲକ୍ଷରୁ ଅଧିକ ଲୋକ ଆଗୁଆ ଟିକେଟ୍ କାଟିସାରିଲେଣି, ଯାହାର ବ୍ୟାବସାୟିକ ମୂଲ୍ୟ ୨୦ କୋଟି ଟଙ୍କା ଟପିଯାଇଛି। ଏହା ୩୫ କୋଟି ଟଙ୍କା ଛୁଇଁବ ବୋଲି ଆଶା କରାଯାଉଛି। ତେବେ 'ଧୁରନ୍ଧର ୨' ଯେଉଁ ରେକର୍ଡ ଭାଙ୍ଗିବା ନେଇ ସବୁଠାରୁ ଅଧିକ ଉତ୍କଣ୍ଠା ଦେଖାଦେଇଛି ତାହା ହେଲା ଶାହରୁଖ ଖାଁଙ୍କ 'ଯବାନ' ଚଳଚ୍ଚିତ୍ର ନାମରେ ଥିବା ୧୩୦ କୋଟି ଟଙ୍କାର ପ୍ରଥମ ଦିନର ସର୍ବୋଚ୍ଚ ବ୍ୟବସାୟ ରେକର୍ଡ। 'ଧୁରନ୍ଧର ୨'କୁ ନେଇ ଲୋକଙ୍କ ଉତ୍ସାହ ଏବଂ ବକ୍ସ ଅଫିସ ବିଶେଷଜ୍ଞଙ୍କ ପୂର୍ବାନୁମାନରୁ ସ୍ପଷ୍ଟ ଜଣାପଡ଼ିଲାଣି ଯେ ଶୁଭମୁକ୍ତି ଦିନ ଏହି ଚଳଚ୍ଚିତ୍ର ବିଶ୍ୱବ୍ୟାପୀ ୨୦୦ କୋଟି ଟଙ୍କାରୁ ଅଧିକ ବ୍ୟବସାୟ କରିବ। ଏହା ହେଲେ 'ଧୁରନ୍ଧର ୨' ହିନ୍ଦୀ ଚଳଚ୍ଚିତ୍ର ଇତିହାସରେ ଏକ ନୂଆ ମାଇଲ୍‌ଖୁଣ୍ଟ ସ୍ଥାପନ କରିବ।

ଆଦିତ୍ୟ ଧରଙ୍କ ନିର୍ଦ୍ଦେଶିତ 'ଧୁରନ୍ଧର ୨' ଆସନ୍ତା ୧୯ ତାରିଖ ମୁକ୍ତିଲାଭ କରିବାକୁ ଯାଉଛି। ପ୍ରଥମ ଦିନରେ ଏହା କେବଳ ଭାରତରେ ଶତାଧିକ କୋଟି ଟଙ୍କାର ବ୍ୟବସାୟ କରିବା ସୁନିଶ୍ଚିତ। ବିଦେଶରେ ମଧ୍ୟ ଏହାକୁ ନେଇ ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ରହିଛି। ସେ ସୂତ୍ରରୁ ଆନୁମାନିକ ୫୦ କୋଟି ଟଙ୍କାର ଆୟ ହେବ। ପ୍ରିଭ୍ୟୁ ସୋ'ର ଆୟ ଯୋଡ଼ିଦେଲେ ଏହା ୨୦୦ କୋଟି ଟଙ୍କାରୁ ଅଧିକ ବ୍ୟବସାୟ କରିବାରେ କୌଣସି ସମସ୍ୟା ହେବ ନାହିଁ। ରଣବୀର ସିଂହଙ୍କ ଏହି ସିକ୍ୱେଲ୍ ଚଳଚ୍ଚିତ୍ର ପୂର୍ବ ଭାଗର ରୋମାଞ୍ଚ, ଆକ୍ସନ୍ ଓ ନାଟକୀୟତାକୁ ଟପିପାରୁଛି କି ନାହିଁ ତାହା ଉପରେ ଦର୍ଶକଙ୍କ ଦୃଷ୍ଟି ରହିବ।

# ବିଲୁପ୍ତପ୍ରାୟ ପରମ୍ପରାର ମର୍ମସ୍ପର୍ଶୀ ଦଲିଲ

ନିୟମିତ ବ୍ୟବଧାନରେ ଏମିତି ଅନେକ 'ଭିନ୍ନ ସ୍ୱାଦର' ଚଳଚ୍ଚିତ୍ର ଆସେ ଯେଉଁଥିରେ ବାସ୍ତବରେ କୌଣସି ଭିନ୍ନତା ବା ଅଭିନବତ୍ୱ ନଥାଏ। 'କାନ୍ଦ ମାଷ୍ଟ୍ରେ' କିନ୍ତୁ ପ୍ରକୃତ ପକ୍ଷେ ଏକ ଭିନ୍ନ ସ୍ୱାଦର ଓଡ଼ିଆ ଚଳଚ୍ଚିତ୍ର। ଓଡ଼ିଶାର ଧୀରେ ଧୀରେ ହଜି ଯାଉଥିବା ସଂସ୍କୃତିର କଥା ଏଥିରେ ଚିତ୍ରିତ ହୋଇଛି। ବିବାହର ବିଦାୟ ସମୟରେ ଝିଅମାନଙ୍କ 'କାନ୍ଦଣା' ଉପରେ ଏହାର କାହାଣୀ ଆଧାରିତ। ଓଡ଼ିଶାରେ ଝିଅମାନେ ବିବାହ ବିଦାୟୀ ବେଳେ ବାପା, ମାଆ, ବନ୍ଧୁବାନ୍ଧବ ଓ ସାଇପଡ଼ିଶାର ଲୋକଙ୍କୁ ଧରି ବିଭିନ୍ନ କଥାକୁ ପଦ୍ୟରେ ଗାଇ କାନ୍ଦିଥା'ନ୍ତି। ଏ ପରମ୍ପରା ଧୀରେ ଧୀରେ ଗତ ନବମ ଦଶକଠୁ ଏକପ୍ରକାର ଲୋପ ପାଇ ବସିଲାଣି। ଏବେ ପ୍ରାୟତଃ ଆଉ କାନ୍ଦଣା ଦେଖିବାକୁ ମିଳୁ ନାହିଁ। ଏପରି ଏକ କାହାଣୀକୁ ନେଇ 'କାନ୍ଦ ମାଷ୍ଟ୍ରେ' ଚଳଚ୍ଚିତ୍ର ନିର୍ମିତ ହୋଇଛି। ଏହାସହ ଏଥିରେ ବିଧବା ପୁନଃବିବାହର ପ୍ରଗତିଶୀଳ କଥା ମଧ୍ୟ ସ୍ଥାନିତ ହେବା ଖୁବ୍ ସ୍ୱାଗତଯୋଗ୍ୟ। କଳା ବିନା କଳାକାରର ଯେ ଅସ୍ତିତ୍ୱ ନାହିଁ ସେ କଥା ମଧ୍ୟ ଏଥିରେ ପ୍ରତିଫଳିତ ହୋଇଛି।

ଜଣାଶୁଣା ଲେଖକ ତଥା ସାହିତ୍ୟିକ ଜାକିର ଖାନ୍‌ଙ୍କ ସଫଳ ନାଟକକୁ ଉପଜୀବ୍ୟ କରି ଏହି ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। ପ୍ରଯୋଜନା ସହିତ ନିର୍ଦ୍ଦେଶନା ଦେଇଛନ୍ତି ବିଶ୍ୱଜିତ ପଣ୍ଡା। କାହାଣୀ ଓ ସଂଳାପ ଜାକିର ଖାନ ଲେଖିଥିବା ବେଳେ ଚିତ୍ରନାଟ୍ୟ ରଚନା କରିଛନ୍ତି ଜାକିର ଖାନ ଓ ବିଶ୍ୱଜିତ ପଣ୍ଡା। ମୁଖ୍ୟ କଳାକାର ମଧ୍ୟରେ ଅଭିନେତ୍ରୀ ଲିପ୍ସା ମିଶ୍ର, ବିଭୁ ପ୍ରସାଦ, ପୃଥ୍ୱୀରାଜ ନାୟକ, ଧରିତ୍ରୀ ଖଣ୍ଡୁଆଳ, ଶ୍ୱେତାଶ୍ରୀ ପାଢ଼ୀ ପ୍ରମୁଖ ଅଭିନୟ କରି ନିଜ ନିଜ ଚରିତ୍ରକୁ ଯଥାର୍ଥ ନ୍ୟାୟ ଦେଇଛନ୍ତି। ଚିତ୍ରୋତ୍ତୋଳନ ସ୍ୱର୍ଣ୍ଣପ୍ରସାଦ, ସମ୍ପାଦନା କୃତାର୍ଥ ଚିତ୍ତରଞ୍ଜନ ନାଟେକର ଓ ମଣ୍ଟୁ କାନ୍ଦୁରା ମାଷ୍ଟ୍ରଙ୍କ ଦୁଃଖଦ ଜୀବନବୃତ୍ତାନ୍ତ ଚିତ୍ରିତ ହୋଇଛି ଏହି କଳାତ୍ମକ ଚଳଚ୍ଚିତ୍ରରେ।



ଏବଂ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବିକାଶ ଦାସ ଓ ଶାନ୍ତନୁ ନାୟକ। ଗୀତ ରଚନା କରିଛନ୍ତି ବାପୁ ଗୋସ୍ୱାମୀ ଓ ସନ୍ତୋଷ ନାୟକ।

ପ୍ରାୟ ବିଲୋପ ହେଇ ଯାଇଥିବା ଓଡ଼ିଆ ପରମ୍ପରାକୁ ପୁନର୍ଜୀବନ ଦେଇଛି ଏହି ସିନେମା। ଏହି ଚଳଚ୍ଚିତ୍ର ଆମକୁ ସ୍ମରଣ କରାଏ ଯେ ସଂସ୍କୃତି କେବଳ ପାଳନ କରାଯାଏ ନାହିଁ, ଏହା ହୃଦୟରେ ଗଭୀର ଭାବରେ ଅନୁଭବ କରାଯାଏ। 'କାନ୍ଦ ମାଷ୍ଟ୍ରେ' ଓଡ଼ିଆ କଥା ଓ ଗାଥାରେ ସମୃଦ୍ଧ ଓ ଭାବନାର ପ୍ରଭାବିତ ଏକ ପ୍ରଭାବଶାଳୀ ଚଳଚ୍ଚିତ୍ର, ଯାହା ଓଡ଼ିଆ ଐତିହ୍ୟର ଏକ ମୂଲ୍ୟବାନ ଅଂଶକୁ ସୁରକ୍ଷିତ ରଖିବାରେ ସଫଳ ହୋଇଛି। ଗାଁଗାଁ ବୁଲି ବିବାହଯୋଗ୍ୟା କନ୍ୟାମାନଙ୍କୁ କାନ୍ଦଣା ଶିଖାଉଥିବା ଜଣେ ନିର୍ଦ୍ଦେଶନା, କଳା ସମ୍ପାଦନା, ଆଲୋକ, ସଙ୍ଗୀତ ଓ ଅଭିନୟ ଅନେକ ସ୍ଥାନରେ ପ୍ରଶଂସନୀୟ। 'କାନ୍ଦ ମାଷ୍ଟ୍ରେ' ଦର୍ଶକଙ୍କୁ ଭାବପ୍ରବଣ କରିବା ନିଶ୍ଚିତ।

ମନେ ରଖିବାକୁ ହେବ ଯେ ଏହା ଏକ କଳାତ୍ମକ ଚଳଚ୍ଚିତ୍ର। ତେବେ କମର୍ସିଆଲ ଫିଲ୍ମ ଭଳି ଏଥିରେ ଥିବା ଗୀତଗୁଡ଼ିକ ଅନାବଶ୍ୟକ ମନେ ହେଲା। ସିନେମାରେ କେତେକ ସ୍ଥାନରେ ସଂଳାପ ନାଟକ ଭଳି ଥିଲା, ଯାହାକୁ ଅଧିକ ସ୍ୱାଭାବସୁଲଭ ଢଙ୍ଗରେ ଉପସ୍ଥାପନ କରିଥିଲେ ଦୃଶ୍ୟଗୁଡ଼ିକ ଅଧିକ ପ୍ରଭାବଶାଳୀ ହୋଇପାରନ୍ତା। ସେହିପରି ସିନେମାରେ ଗ୍ରାମବାସୀଙ୍କ ଅଭାବ, ସମୂହ କାନ୍ଦଣା ଦୃଶ୍ୟର ଅଭାବ ଅନୁଭୂତ ହେଲା। ତେବେ ମୋଟାମୋଟି ସିନେମାଟି ଦେଖିବା ଯୋଗ୍ୟ।

# ହିରୋଇନ୍‌ଙ୍କ ଶାଢ଼ି ଇସ୍ତ୍ରୀ କରୁଥିଲେ ରୋହିତ



ବଲିଉଡ୍‌ରେ ଏମିତି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଛୋଟରୁ ଛୋଟ କାମ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ନିଜ ପରିଶ୍ରମ ଓ ନିଷ୍ଠା ବଳରେ ଷ୍ଟାର ପାଲଟିଯାଇଛନ୍ତି। ସେମାନଙ୍କ ଭିତରୁ ଜଣେ ହେଉଛନ୍ତି ରୋହିତ ସେଟ୍ଟୀ। ଆକ୍ସନ୍ ଓ କମେଡି ଫିଲ୍ମ କଥା ପଡ଼ିଲେ, ରୋହିତଙ୍କ ନାଁ ଆସିବ ହିଁ ଆସିବ। ତେବେ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ରୋହିତ ତାଙ୍କ କ୍ୟାରିୟରର ଆରମ୍ଭରେ ସାଧାରଣରୁ ଅତି ସାଧାରଣ କାମ ବି କରିଛନ୍ତି। ହେଲେ ଏବେ ଦେଶର ସବୁଠାରୁ ସଫଳ ଫିଲ୍ମ ନିର୍ମାତାଙ୍କ ଭିତରୁ ସେ ଜଣେ। ହେଲେ ଏମିତି ବି ସମୟ ଥିଲା, ଯେତେବେଳେ ସେ ଫିଲ୍ମ ସେଟ୍‌ରେ ହିରୋଇନ୍‌ଙ୍କ ଶାଢ଼ି ଇସ୍ତ୍ରୀ କରୁଥିଲେ। କ୍ୟାରିୟରର ପ୍ରାରମ୍ଭିକ ପର୍ଯ୍ୟାୟରେ ରୋହିତ ଫିଲ୍ମସେଟ୍‌ରେ ଛୋଟମୋଟ କାମ କରୁଥିଲେ। ଫିଲ୍ମସେଟ୍‌ରେ ସେ ବାରଘଣ୍ଟାରୁ ଚଉଦ ଘଣ୍ଟା, ବେଳେବେଳେ ତା'ଠାରୁ ମଧ୍ୟ ଅଧିକ ସମୟ ଖଟିବାକୁ ପସନ୍ଦ କରୁଥିଲେ। ଏହିଭଳି ଦୀର୍ଘ ସମୟ କାଟି ସେ ଫିଲ୍ମ ନିର୍ମାଣ ସହ ଜଡ଼ିତ ପ୍ରାୟ ସବୁ କ୍ଷେତ୍ରରେ ଦକ୍ଷତା ଅର୍ଜନ କରିଥିଲେ। ଏବେ ସଫଳ ନିର୍ଦ୍ଦେଶକ ଭାବେ ରୋହିତ ପରିଚିତି ହାସଲ କରିପାରିଛନ୍ତି। ପୂରା ବଲିଉଡ ତାଙ୍କ କାମର ପ୍ରଶଂସା କରୁଥିବାବେଳେ ଏହା ପଛରେ ତାଙ୍କର ନିଷ୍ଠା ଓ ପରିଶ୍ରମ ହିଁ ରହିଛି।

୧୯୯୫ରେ ରୋହିତ ୧୭ ବର୍ଷର ହୋଇଥିବାବେଳେ ଫିଲ୍ମ 'ହକିକତ୍'ର ସେଟ୍‌ରେ କାମ କରୁଥିଲେ। ଏହି ସମୟରେ ତାଙ୍କ କାମଥିଲା ଏହି ଫିଲ୍ମର ହିରୋଇନ୍ ତବୁଙ୍କ ଶାଢ଼ି ଇସ୍ତ୍ରୀ କରିବା। ଏଥିପାଇଁ ତାଙ୍କୁ ମାସିକ ମାତ୍ର ୫୦ ଟଙ୍କା ପାରିଶ୍ରମିକ ମିଳୁଥିଲା। ଏଥିସହିତ ସେ କାଜଲଙ୍କ ସ୍ପଟ୍‌ବୟ ଭାବେ ମଧ୍ୟ କାମ କରିଥିଲେ। ଆଜି ସେହି ରୋହିତ ସେଟ୍ଟୀ ବଲିଉଡ୍‌ର ଜଣେ ସଫଳ ଓ ଚର୍ଚ୍ଚିତ ଫିଲ୍ମ ନିର୍ମାତା, ନିର୍ଦ୍ଦେଶକ ଓ ଟିଭି ଦୁନିଆର ନାଁକରା ହୋଷ୍ଟ ପାଲଟିଯାଇଛନ୍ତି।

## ସ୍ମରଣିକାଙ୍କ ସାଂଗୀତିକ ସାରେଗାମା...



ଫୁଲବାଲୀ, ତୋ'ରି ନାଁରେ, ଶ୍ରାବଣରେ ଶ୍ରାବଣ ଆଦି ଗୀତ ଶୁଣିଛନ୍ତି ତ ! ତାହେଲେ ସେ ଗୀତ ପଛର ସୁନ୍ଦର କଣ୍ଠସ୍ୱରକୁ ବି ଜାଣିଥିବେ ନିଶ୍ଚୟ। ହଁ ଆଜ୍ଞା, ଆମେ ତାଙ୍କରି କଥା ହିଁ କହୁଛୁ; ଯିଏ ଏବେ ଲୋକଙ୍କ ପାଖରେ ଖୁବ୍ ପରିଚିତ। ନାଁ ତାଙ୍କର ସ୍ମରଣିକା ନାୟକ। ସ୍ମରଣିକା ବର୍ତ୍ତମାନ କିଟ୍ ବିଶ୍ୱବିଦ୍ୟାଳୟର ବିଟେକ୍ ୪ର୍ଥ ବର୍ଷ ଛାତ୍ରୀ। ଏବେ ଏବେ ଏକ ଘରୋଇ କମ୍ପାନିରେ ନୂଆ ଚାକିରି କରିବା ସହ ସଂଗୀତ ଯାତ୍ରା ମଧ୍ୟ ଜାରି ରଖିଛନ୍ତି। ବାପା ଚିତ୍ତରଞ୍ଜନ ନାୟକ ଓ ମାଆ ମନିଷା ନାୟକଙ୍କ ଝିଅ ହେଉଛନ୍ତି ସ୍ମରଣିକା। ପିଲଦିନରୁ ସାଙ୍ଗୀତିକ ପରିବେଶ ମଧ୍ୟରେ ରହିବା ହେତୁ ତାଙ୍କର ସଂଗୀତ ପ୍ରତି ମନ ବଳିଥିଲା। ବାପା ମର୍ଚାଣ୍ଟ ନାଭିରେ କ୍ୟାପ୍‌ଟେନ୍। ଏହସହ ସେ ଜଣେ ତବଲା ବାଦକ ଓ ଗାୟକ, ତାଙ୍କ ପିଉସୀ ଚଇତି ଘୋଡ଼ା ନାଚରେ ଗୀତ ଗାଆନ୍ତି ଏବଂ ଜଣେ ଓଡ଼ିଶୀ ଓ କ୍ଲାସିକାଲ କଣ୍ଠଶିଳ୍ପୀ।

## ଆରସିବିକୁ କିଣିବାକୁ କ୍ରେତାଙ୍କ ଧାଡ଼ି; ବିଡର ତାଲିକାରେ ମଣିପାଲ ହସ୍ପିଟାଲ, ୱିପ୍ରୋ...




ବେଙ୍ଗାଲୁରୁ, ୧୭/୩: ଅଠର ବର୍ଷ ପରେ ଆଇପିଏଲ୍ ବିଜେତା ହୋଇଥିବା ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ବିକ୍ରି ହେବ। ଏହି ଚର୍ଚ୍ଚା ଢେର କିଛି ଦିନ ହେବ ହେଉଛି। ସମାନ୍ତରାଳ ଭାବେ ଏହି ଦଳକୁ କିଣିବା ଲାଗି କ୍ରେତାଙ୍କ ଲମ୍ବା ଧାଡ଼ି ମଧ୍ୟ ଦେଖିବାକୁ ମିଳୁଛି। ତେବେ କେବେ ବିକ୍ରି ହେବ ସେନେଇ ଏବେ କଳ୍ପନାଜଳ୍ପନା ଜାରି ରହିଛି। ପୂର୍ବରୁ ଇଂଲଣ୍ଡର ପ୍ରତିଷ୍ଠିତ ଫୁଟ୍‌ବଲ୍ କ୍ଲବ୍ ମାଞ୍ଚେଷ୍ଟର ୟୁନାଇଟେଡ୍‌ର ସହ ମାଲିକ ଅଭ୍ରାମ ଗ୍ଲେଜରଙ୍କ ମାଲିକାନାରେ ଥିବା ଲାନସର କ୍ୟାପିଟାଲ୍ସ ଏହି ଦଳକୁ କିଣିବାକୁ ବିଡ୍ ଦାଖଲ କରିଥିଲା। ଏବେ ମଣିପାଲ ହସ୍ପିଟାଲର ଡ. ରଞ୍ଜନ ପାଇ, ଆମେରିକୀୟ କଂପାନି କେକେଆର ଏବଂ ସିଙ୍ଗାପୁରର ପୁଞ୍ଜିନିବେଶକାରୀ ସଂସ୍ଥା ଟେମାସେକ୍ ମିଳିତ ଭାବେ ଆରସିବିକୁ କିଣିବାକୁ ପ୍ରସ୍ତାବ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରହିଛନ୍ତି ସ୍ୱିଡେନ୍‌ର ଘରୋଇ କଂପାନି ଇକ୍ୟୁଟି ଏବଂ ୱିପ୍ରୋ କଂପାନିର ଅଜିମ୍ ପ୍ରେମ୍‌ଜୀଙ୍କ ପ୍ରେମ୍‌ଜୀ ଇନଭେଷ୍ଟ ପ୍ରମୁଖ। କ୍ରେତାଙ୍କ ସଂଖ୍ୟା ବଢ଼ିବା ସହ ଆରସିବିର ଦର ମଧ୍ୟ ବଢ଼ିବଢ଼ି ଚାଲିଛି।

ପୂର୍ବରୁ ଏହା ୧୦ରୁ ୧୫ ହଜାର କୋଟି ଟଙ୍କାରେ ବିକ୍ରି ହେବ ବୋଲି ଆକଳନ କରାଯାଉଥିଲା। ଏବେ କିନ୍ତୁ ଏହାର ବଜାର ମୂଲ୍ୟ ୧୮ ହଜାର କୋଟି ଟଙ୍କା ଟପିଯିବ ବୋଲି ଆଶା କରାଯାଉଛି। ପୂର୍ବରୁ କୋଭିଡ୍ ଟୀକା ଉତ୍ପାଦନ ପାଇଁ ପ୍ରସିଦ୍ଧ ଭାରତୀୟ କଂପାନି ସେରମ୍ ଇନଷ୍ଟିଚ୍ୟୁଟ୍ ମଧ୍ୟ ଆରସିବିକୁ କିଣିବାକୁ ଆଗ୍ରହ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ ଯେ ଆରସିବିର ଏବେକାର ମାଲିକ ୟୁନାଇଟେଡ୍ ସ୍ପିରିଟ୍ ଗତ ନଭେମ୍ବର ମାସରୁ ଆରସିବିକୁ ବିକ୍ରି କରିବାକୁ ସଙ୍କେତ ଦେଇ ସାରିଛି।

## ସର୍ବଭାରତୀୟ ଅନ୍ତଃବିଶ୍ୱବିଦ୍ୟାଳୟ ଜିମ୍ନାଷ୍ଟିକ୍ସ: ରୀତିକାଙ୍କୁ ଯୁଗଳ ପଦକ

ଭୁବନେଶ୍ୱର: ଓଡ଼ିଆ ଝିଅ ଜେଏମ୍ ରୀତିକା ଦାସ ସର୍ବଭାରତୀୟ ଅନ୍ତଃବିଶ୍ୱବିଦ୍ୟାଳୟ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରି ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିବାର ଗୌରବ ଅର୍ଜନ କରିଛନ୍ତି। ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ବିଶ୍ୱବିଦ୍ୟାଳୟଠାରେ ଚାଲିଥିବା ଏହି ପ୍ରତିଯୋଗିତାରେ ପଞ୍ଜାବ ବିଶ୍ୱବିଦ୍ୟାଳୟ ପକ୍ଷରୁ ରୀତିକା ଅଂଶଗ୍ରହଣ କରିଥିଲେ। ସେ ବ୍ୟକ୍ତିଗତ ମହିଳା ବାଲାନ୍‌ସିଂ ବିମ୍‌ରେ ୧୦.୨୦୦ ପଏଣ୍ଟ ପାଇ ରୌପ୍ୟ ପଦକ ଜିତିଥିଲେ।

ଏଥିସହ ତାଙ୍କ ଦଳ ପଞ୍ଜାବ ବିଶ୍ୱବିଦ୍ୟାଳୟ ମୋଟ ୧୯୬.୬୦୦ ପଏଣ୍ଟ୍ ଅର୍ଜନ କରି ସ୍ୱର୍ଣ୍ଣ ପଦକ ଜିତିଥିଲା। ରୀତିକା ୬ ବର୍ଷ ବୟସରୁ ଜେଏମ୍ ସ୍ପୋର୍ଟସ ଏକାଡେମୀରେ ଜିମ୍ନାଷ୍ଟିକ୍ ପ୍ରଶିକ୍ଷଣ ଆରମ୍ଭ କରି ଏବେ କଳିଙ୍ଗ ଷ୍ଟାଡିୟମସ୍ଥିତ ଏଚ୍‌ପିସିରେ ଅଭ୍ୟାସରତ ଅଛନ୍ତି। ତାଙ୍କର ଏହି ସଫଳତା ପାଇଁ ଓଡ଼ିଶା ଜିମ୍ନାଷ୍ଟିକ୍ ସଂଘ ସମ୍ପାଦକ ଅଶୋକ କୁମାର ସାହୁ, ଭୁବନେଶ୍ୱର ଜିମ୍ନାଷ୍ଟିକ୍ ସଂଘ ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ନରେନ୍ଦ୍ର କୁମାର ସେଠୀ, ସହସମ୍ପାଦକ ଗୁରୁପ୍ରସାଦ ପଟ୍ଟନାୟକ, ଉପସଭାପତି ତଥା ଜେଏମ୍ ସ୍ପୋର୍ଟସ ଏକାଡେମୀ ଅଧକ୍ଷା ମୀରାରାଣୀ ଦାସ, ସଦସ୍ୟ ତଥା ଜେଏମ୍ ସ୍ପୋର୍ଟସ ଏକାଡେମୀ ସମ୍ପାଦକ ଯଶୋବନ୍ତ ଦାସ, ଚିଫ୍‌ପାର୍ଟନ ଅତୀଶ କୁମାର ରାଉତ, ଆଇନପରାମର୍ଶଦାତା ସୁବ୍ରତ କୁମାର ମହାପାତ୍ର ଏବଂ ଏକାଡେମୀର ସମସ୍ତ କର୍ମକର୍ତ୍ତା ଓ ଅଭିଭାବକବୃନ୍ଦ ରୀତିକାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



## ବିବାହ ବାର୍ଷିକୀରେ ବୁମ୍‌ରାଙ୍କୁ ଟ୍ରୋଲ୍ କଲେ ସଞ୍ଜନା...




ମୁମ୍ବାଇ, ୧୭/୩: ସାଂପ୍ରତିକ କ୍ରିକେଟ୍‌ର ସର୍ବଶ୍ରେଷ୍ଠ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଗତ ରବିବାର ନିଜ ପଞ୍ଚମ ବିବାହ ବାର୍ଷିକୀ ପାଳନ କରିଥିଲେ। ଏହି ଅବସରରେ ସେ ପତ୍ନୀ ସଞ୍ଜନାଙ୍କୁ ଶୁଭେଚ୍ଛା ଜଣାଇବାକୁ ଭୁଲି ନଥିଲେ। ତେବେ ତାଙ୍କ ଶୁଭେଚ୍ଛାବାର୍ତ୍ତା ଥିଲା ମାତ୍ର ଦୁଇଟି ଶବ୍ଦ ସମ୍ବଳିତ ଥିଲା। ବୁମ୍‌ରା କେବଳ ଲେଖିଥିଲେ ବିବାହ ବାର୍ଷିକୀର ଶୁଭକାମନା। ଯାହାକୁ ନେଇ ସଞ୍ଜନା ତାଙ୍କୁ ଟ୍ରୋଲ୍ କରିଥିଲେ।

ନିଜ ଉତ୍ତରରେ ହୃଦୟ ଛୁଇଁଲା ଭଳି ବାର୍ତ୍ତା ଲେଖିବା ପରିବର୍ତ୍ତେ ଏହି ବାର୍ତ୍ତା ମୋ ବୃକକ୍‌କୁ ଛୁଇଁଗଲା ବୋଲି ଅଭିମାନ ଭରା ଭାଷାରେ ଟ୍ୱିଟ୍ କରିଥିଲେ ସଞ୍ଜନା। ଯାହାକୁ ପଢ଼ି ବୁମ୍‌ରା ଏକପ୍ରକାର ଲଜ୍ଜିତ ହୋଇଯାଇଥିଲେ। ତେବେ ବୁମ୍‌ରାଙ୍କୁ ପାଲଟା ଶୁଭେଚ୍ଛା ଜଣାଇବାକୁ ଯାଇ ସଞ୍ଜନା ଆବେଗଭରା ବାର୍ତ୍ତା ଲେଖିଥିଲେ।

ବୁମ୍‌ରାଙ୍କ ସହ ଅତୀତର ଦୁଇ ତିନିଟି ଆକର୍ଷଣୀୟ ଓ ରୋମାଣ୍ଟିକ୍ ଫଟୋ ପ୍ରକାଶ କରି ସଞ୍ଜନା ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଥିଲେ, ଜୀବନ ଆମକୁ ଯେଉଁଠାକୁ ନେଇଯାଉ, ଦୁନିଆ ଯେତେ ଜୋରରେ ଚିତ୍କାର କରୁଥାଉ। ଗୋଟିଏ କଥା ହେଉଛି ଧ୍ରୁବ ସତ୍ୟ ମୁଁ, ତୁମେ ଓ ଆମ ସ୍ନେହବୋଳା ଆଲିଙ୍ଗନ। ଯାହା ଘର ଭଳି ଅନୁଭବ ହୁଏ। ସବୁଠାରୁ ଭଲ ବନ୍ଧୁଙ୍କ ସହିତ ବିବାହର ପାଞ୍ଚବର୍ଷ। ମୋର ସବୁଠୁ ପ୍ରିୟ କାହାଣୀ, ସବୁବେଳେ ଏବଂ ସବୁଦିନ ପାଇଁ।

## ବାପା ହେବାକୁ ଯାଉଛନ୍ତି ସୂର୍ଯ୍ୟକୁମାର ଯାଦବ



ମୁମ୍ବାଇ, ୧୭/୩: ଟ୍ୱେଣ୍ଟି-୨୦ ବିଶ୍ୱକପ୍ ବିଜୟ ସହ ବ୍ୟକ୍ତିଗତ ଜୀବନର ଆଉ ଏକ ବଡ଼ ଶୁଭଖବର ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ଉଲ୍ଲସିତ କରିଛି। କ୍ରିକେଟ୍ ପଡ଼ିଆରେ ବଡ଼ବଡ଼ ସଟ୍ ଖେଳିବା ଲାଗି ପରିଚିତ ସୂର୍ଯ୍ୟ ଖୁବଶୀଘ୍ର ବାପା ହେବାକୁ ଯାଉଛନ୍ତି। ଆଉ ମାତ୍ର ଦିନ କେଇଟା ପରେ ସୂର୍ଯ୍ୟ ଓ ତାଙ୍କ ପତ୍ନୀ ଦେବୀଶା ନିଜ ପ୍ରଥମ ସନ୍ତାନ ପିତାମାତା ହେବେ। ଗତ ଶନିବାର ଏଥିଲାଗି ୭ ମାସିଆ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୂର୍ଯ୍ୟଙ୍କ ପରିବାର ଓ ନିକଟତମ ବନ୍ଧୁବର୍ଗ ଉପସ୍ଥିତ ରହି ଦେବୀଶା ଓ ତାଙ୍କ ଗର୍ଭରେ ବଢୁଥିବା ସନ୍ତାନର ଶୁଭ ମାନସି ଥିଲେ। ବିବାହର ୧୦ବର୍ଷ ପରେ ଏଭଳି ଏକ ଖୁସି ଖବର ପାଇଥିବାରୁ ଉଭୟ ଏବେ ଜୀବନର ଏହି ସୁଃଖଦ ମୁହୂର୍ତ୍ତକୁ ମନଭରି ଉପଭୋଗ କରୁଛନ୍ତି। ପ୍ରକାଶ ଥାଉ କି ସୂର୍ଯ୍ୟ ଓ ଦେବୀଶା ୭ ଜୁଲାଇ ୨୦୧୬ ମସିହାରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ସେବେଠାରୁ ଦେବୀଶାଙ୍କୁ ସବୁବେଳେ ସୂର୍ଯ୍ୟଙ୍କ ପାଖେପାଖେ ରହିଆସିଛନ୍ତି। ଦେବୀଶାଙ୍କ ବେବି ସାୱାର (୭-୮ ମାସ ବେଳେ ହେଉଥିବା ଏକ ବିଧି)ର ଏକ ସୁନ୍ଦର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି। ଉତ୍ତର ପଶ୍ଚିମ ମୁମ୍ବାଇର ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସରେ ଆୟୋଜିତ ଏହି ଉତ୍ସବରେ ଯାଦବ ଦମ୍ପତି ଏକାଠି ପହଞ୍ଚି ପରିବାର ଏବଂ ବନ୍ଧୁମାନଙ୍କ ସହିତ ଏହି ମୁହୂର୍ତ୍ତକୁ ବାଣ୍ଟୁଥିବା ଦେଖାଯାଉଛି। ହେଲେ ଦେବୀଶା ଓ ସ୍କାଏ ଏପର୍ଯ୍ୟନ୍ତ ସେମାନଙ୍କର ସୋସିଆଲ୍ ମିଡିଆ ହ୍ୟାଣ୍ଡେଲ୍‌ରେ ଏହି ଖବର ଘୋଷଣା କରିନାହାନ୍ତି। ପ୍ରଶଂସକମାନେ କିନ୍ତୁ ଅନଲାଇନ୍‌ରେ ସେମାନଙ୍କୁ ଅଜସ୍ର ଅଭିନନ୍ଦନ ଅଜାଡ଼ି ଦେଇଛନ୍ତି।

## ଫଷ୍ଟର ହେଲେ ସିଏସ୍‌କେର ଫିଲ୍ଡିଂ ପ୍ରଶିକ୍ଷକ




ଚେନ୍ନାଇ: ଚେନ୍ନାଇ ସୁପର କିଙ୍ଗସ (ସିଏସ୍‌କେ) ଆଗାମୀ ୨୦୨୬ ଆଇପିଏଲ୍ ଋତୁ ଲାଗି ପୂର୍ବତନ ଇଂଲଣ୍ଡ ଖେଳାଳି ଜେମ୍ସ ଫଷ୍ଟରଙ୍କୁ ଫିଲ୍ଡିଂ ପ୍ରଶିକ୍ଷକ ନିଯୁକ୍ତି କରିଛି। ଇଂଲଣ୍ଡ ପକ୍ଷରୁ ୭ ଟେଷ୍ଟ, ୧୨ ଦିନିକିଆ ଓ ୫ ଟ୍ୱେଣ୍ଟି-୨୦ ଖେଳିଥିବା ଫଷ୍ଟରଙ୍କ ନିକଟରେ ଉଭୟ ଫ୍ରାଞ୍ଚାଇଜି ଓ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପ୍ରଶିକ୍ଷଣ ଦେବାର ଅଭିଜ୍ଞତା ରହିଛି। ନିକଟରେ ଆଇଏଲ୍‌ଟି୨୦ ବିଜେତା ଡିଜର୍ଟ ଭାଇପର୍ସର ପ୍ରଶିକ୍ଷକ ଥିଲେ। ସଂପ୍ରତି ସେ 'ଦ ହଣ୍ଡ୍ରେଡ୍'ରେ ବର୍ମିଂହାମ ଫୋନିକ୍ସର ସହଯୋଗୀ ପ୍ରଶିକ୍ଷକ ଅଛନ୍ତି। ସିଏସ୍‌କେ ହେଉଛି ଫଷ୍ଟରଙ୍କ ଦ୍ୱିତୀୟ ଆଇପିଏଲ୍ ଦଳ। ପୂର୍ବରୁ ସେ ୨୦୨୦ରୁ ୨୦୨୩ ପର୍ଯ୍ୟନ୍ତ କୋଲକାତା ନାଇଟ୍ ରାଇଡର୍ସର ପ୍ରଶିକ୍ଷକ ଥିଲେ। ଅନ୍ତର୍ଜାତୀୟ କ୍ରିକେଟ୍‌ରେ ସେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ଦଳର ପ୍ରଶିକ୍ଷକ ମଣ୍ଡଳିରେ ରହିଥିଲେ। ୪୫ ବର୍ଷୀୟ ଏବେ ସିଏସ୍‌କେରେ ମୁଖ୍ୟ ପ୍ରଶିକ୍ଷକ ଷ୍ଟିଫେନ ଫ୍ଲେମିଂ, ବ୍ୟାଟିଂ ପ୍ରଶିକ୍ଷକ ମାଇକେଲ ହସି ଓ ବୋଲିଂ ପରାମର୍ଶଦାତା ଏରିକ ସିମନ୍ସଙ୍କ ସହ କାମ କରିବେ। ସିଏସ୍‌କେ ଚଳିତ ମାର୍ଚ୍ଚ ୩୦ ତାରିଖରେ ଗୁଆହାଟୀରେ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ।

PRINTED BY- PRASANTA KUMAR POTHAL AND OWNED,PUBLISHED AND EDITED BY **JYOTIRMAYA PANDA**, PRINTED AT OMM PRINTERS PLOT NO-6709, NEAR RADHAKRUSHNA TEMPLE, MANCHESWAR INDUSTRIAL ESTATE, KHORDHA, ODISHA - 751010 AND PUBLISHED FROM-LB-58, BHIMATANGI HOUSING BOARD COLONY, KAPILPRASAD, BHUBANESWAR, KHORDHA, ODISHA - 751002

**EDITOR : JYOTIRMAYA PANDA**
Email:-aamarprayas@gmail.com Mob:-9937020732
**ସଂପାଦକ : ଜ୍ୟୋତିର୍ମୟ ପଣ୍ଡା**